୬

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

● ବର୍ଷ-୩୩ ● ସଂଖ୍ୟା-୨୩୨ ● ୨୧ ସେପ୍ଟେମ୍ବର ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-232 ● 21st September 2026, Monday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27



## ବାଂଲାଦେଶକୁ ହରାଇ ଏସିଆନ ଗେମ୍ସ କ୍ରିକେଟ୍ ଫାଇନାଲରେ ଭାରତ

# ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'କୁ ନେଇ ବଢ଼ିଲା ଚିନ୍ତା : ରେଡ ଆଲର୍ଟ ଜାରି

ଭୁବନେଶ୍ୱର, ୨୦।୯
ନ୍ୟୁଜ୍ ବ୍ୟୁରୋ

ପାଣିପାଗ ବିଭାଗ ଆକଳନ ଅନୁସାରେ ବର୍ତ୍ତମାନ ଲଘୁଚାପ କ୍ଷେତ୍ରଟି ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ଆଣ୍ଡାମାନ ସାଗର ଉପରେ ରହିଛି । ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତି କରିବା ସହ ଘନୀଭୂତ ହୋଇ ୨୧ରେ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଅବପାତ ଏବଂ ୨୨ ତାରିଖ ବେଳକୁ ଆହୁରି ଅଧିକ ଘନୀଭୂତ ହୋଇ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଗଭୀର ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି କହିଛନ୍ତି ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ।

ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି ଜାରି ରଖି ୨୩ ତାରିଖ ସକାଳ ବେଳକୁ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ନିକଟ ପଶ୍ଚିମ-କେନ୍ଦ୍ରୀୟ ତଥା ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ପହଞ୍ଚିବ।ଏହା ସମ୍ପୂର୍ଣ୍ଣ ବାତ୍ୟାର ରୂପ ନେବ କି ନାହିଁ ତାହା



ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହିଁ, କିନ୍ତୁ ଏହାର ପ୍ରଭାବରେ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସତର୍କ ସୂଚନା ଜାରି କରାଯାଇଛି।

୨୨ରୁ ୨୬ ସେପ୍ଟେମ୍ବର ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରବଳ ବର୍ଷା ଆଶଙ୍କା ରହିଛି।୨୨ ତାରିଖରେ ଗଜପତି, ଗଞ୍ଜାମ ଓ ପୁରୀ ଜିଲ୍ଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି।ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଖୋର୍ଦ୍ଧା ଓ ନୟାଗଡ଼ରେ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ରହିଛି।

ସେହିପରି ୨୩ ତାରିଖରୁ ବଢ଼ିବ ବର୍ଷା। କନ୍ଧମାଳ, ଗଜପତି, ଗଞ୍ଜାମ ଓ ପୁରୀର କେତେକ ସ୍ଥାନରେ ଅତି ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ଆଶଙ୍କା ଥିବାରୁ ରେଡ୍ ଚେତାବନୀ ଜାରି ହୋଇଥିବା ବେଳେ ଜଗତସିଂହପୁର, କଟକ, ବୌଦ୍ଧ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ଖୋର୍ଦ୍ଧାରେ ଅରେଞ୍ଜ ୱାର୍ଣ୍ଣିଂ ଏବଂ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ନୂଆପଡ଼ା ଓ ବଲାଙ୍ଗିରରେ ୟେଲୋ ୱାର୍ଣ୍ଣିଂ ରହିଛି।

୨୪ ସେପ୍ଟେମ୍ବରରେ କଳାହାଣ୍ଡି, କନ୍ଧମାଳ ଓ ରାୟଗଡ଼ାର କେତେକ ସ୍ଥାନରେ ଅତି ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କାରେ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି।

ବାଲେଶ୍ୱର, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ ଓ ପୁରୀରେ ଅରେଞ୍ଜ ୱାର୍ଣ୍ଣିଂ ଏବଂ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ବରଗଡ଼, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ସୁବର୍ଣ୍ଣପୁର, ବୌଦ୍ଧ, ଖୋର୍ଦ୍ଧା ଓ ନୟାଗଡ଼ରେ ୟେଲୋ ୱାର୍ଣ୍ଣିଂ ରହିଛି।୨୫ ସେପ୍ଟେମ୍ବରରେ ବରଗଡ଼, ବଲାଙ୍ଗିର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରିରେ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ବାଲେଶ୍ୱର, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, (ପୃଷ୍ଠା ୭ରେ)

# ବିଧାନସଭା ଅଧିବେଶନ ପାଇଁ ତ୍ରିସ୍ତରୀୟ ସୁରକ୍ଷା

## ମୁତୟନ ହେବେ ୩୦ ପ୍ଲାଟୁନ୍ ପୁଲିସ

ଭୁବନେଶ୍ୱର, ୨୦।୯
ନ୍ୟୁଜ୍ ବ୍ୟୁରୋ

ସପ୍ତଦଶ ବିଧାନସଭାର ସପ୍ତମ ଅଧିବେଶନ ପାଇଁ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ପୁଲିସ ମହାନିର୍ଦ୍ଦେଶକ । ଆସନ୍ତା ୨୨ରୁ ଆରମ୍ଭ ହେବାକୁ ଥିବା ବିଧାନସଭା ଅଧିବେଶନ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବିଧାନସଭା ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବିଧାନସଭାକୁ ଯାଉଥିବା ବିଭିନ୍ନ ରାସ୍ତାରେ ବ୍ୟାରିକେଡିଂ କରାଯାଇଛି। ଅନୁମତିପ୍ରାପ୍ତ ଗାଡ଼ିଗୁଡ଼ିକୁ ହିଁ ଯାତାୟାତ ପାଇଁ ଅନୁମତି ଦିଆଯିବ। ବିଧାୟକ ଓ ମନ୍ତ୍ରୀଙ୍କ ପାଇଁ ଗୋଟିଏ ପ୍ରବେଶ ପଥ, ସାମ୍ବାଦିକଙ୍କ ପାଇଁ ଅଲଗା ଗେଟ୍ ଏବଂ ବାଚସ୍ପତିଙ୍କ ପାଇଁ ସ୍ୱତନ୍ତ୍ର ପ୍ରବେଶ ପଥ ବ୍ୟବସ୍ଥା କରାଯାଇଛି ।

ବିଧାନସଭା ଭିତର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ବିଧାନସଭା ପରିସରର ବିଭିନ୍ନ ସ୍ଥାନରେ ୩୦ ପ୍ଲାଟୁନ୍ ପୋଲିସ ଫୋର୍ସ ଷ୍ଟାଟିକ୍ ଡ୍ୟୁଟିରେ ମୁତୟନ ରହିବେ । ବିଧାନସଭା ବାହାରେ ୬-୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ । ଏହାବ୍ୟତୀତ ବିଧାନସଭା ଓ ଏହାର ଆଖପାଖ ନିର୍ମାଣକୁ ନଜରରେ ରଖି ରୁଫଟପ୍‌ରେ ମଧ୍ୟ



ସୁରକ୍ଷାକର୍ମୀ ମୁତୟନ ହେବେ। ସୁରକ୍ଷା ଗୁଇନ୍ଦା ବିଭାଗର ଟିମ୍ ନିୟୋଜିତ ରହିବେ। ପ୍ରତିଦିନ ବିଧାନସଭା ଆରମ୍ଭ ପୂର୍ବରୁ ଡଗ୍ ସ୍କ୍ୱାଡ୍ ଓ ଆଣ୍ଟି-ସାବୋଟାଜ୍ ଟିମ୍ ପକ୍ଷରୁ ସମ୍ପୂର୍ଣ୍ଣ ବିଲ୍ଡିଂ ଯାଞ୍ଚ କରାଯିବ। କୌଣସି ପ୍ରକାର ବିସ୍ଫୋରକ କିମ୍ବା ସନ୍ଦେହଜନକ ସାମଗ୍ରୀ ନ ରହିବା ନେଇ ଯାଞ୍ଚ କରାଯିବ ।

ବିଧାନସଭା ଚାଲୁଥିବା ସମୟରେ ଯାନବାହନ ଚଳାଚଳ ଓ ଜନସାଧାରଣଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ବିଧାନସଭା ସଂଲଗ୍ନ ରାସ୍ତାମାନଙ୍କରେ ଟ୍ରାଫିକ୍ କଟକଣା ଲାଗୁ କରାଯାଇଛି । ହାଉସିଂ ବୋର୍ଡ ଛକ ପଟୁ ରବୀନ୍ଦ୍ର ମଣ୍ଡପ ଆଡକୁ ଆସୁଥିବା ସମସ୍ତ ଯାନବାହନ ଗୁଡ଼ିକ କେଶରୀ ଟକିଜଠାରୁ ବାମବଟ ରାସ୍ତା ଦେଇ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇପାରିବେ । ଏଜି ଛକ ପଟୁ ପିଏମ୍‌ଜି ଛକ ଆଡକୁ ଆସୁଥିବା ଯାନବାହନଗୁଡ଼ିକ ଜୟଦେବ ଭବନ ପାଖରେ ଡାହାଣ ପାର୍ଶ୍ୱରେ ଥିବା ଇନ୍ଦିରା ଗାନ୍ଧୀ ପାର୍କ ରାସ୍ତା ଦେଇ ନିଜ ଗନ୍ତବ୍ୟସ୍ଥଳକୁ ଯାଇପାରିବେ ।

ମାଷ୍ଟରକ୍ୟାଣ୍ଟିନ ଛକ ପଟରୁ ଆସୁଥିବା ସମସ୍ତ ଯାନବାହନଗୁଡ଼ିକ ଲୋୟର ପିଏମ୍‌ଜି ଛକଠାରୁ ବାମ କିମ୍ବା ଡାହାଣ ପାର୍ଶ୍ୱର ରାସ୍ତା ଦେଇ ଯାଇପାରିବେ । ୧୨୦ ବାଟାଲିଅନ ଛକ ପଟୁ ରବୀନ୍ଦ୍ର ମଣ୍ଡପ ଆଡକୁ ଯିବାକୁ ଚାହୁଁଥିବା ସମସ୍ତ ଯାନବାହନ ପାୱାର ହାଉସ୍ ଛକ ଦେଇ ଯିବେ । ଲୋକଭବନ ଛକ ପଟୁ ଏମ୍‌ଏଲ୍‌ଏ କଲୋନୀ ଏବଂ ରବୀନ୍ଦ୍ର ମଣ୍ଡପ ଆଡକୁ ଯିବାକୁ ଚାହୁଁଥିବା ସମସ୍ତ ଯାନବାହନ ଶାସ୍ତ୍ରୀନଗର (ପୃଷ୍ଠା ୭ରେ)

## ଶ୍ରୀଗୁଣ୍ଡିଚା ମନ୍ଦିର ବିକାଶ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ପ୍ରଶାସକ

ପୁରୀ, ୨୦।୯ : ନ୍ୟୁଜ୍ ବ୍ୟୁରୋ

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀଗଣ, ଯନ୍ତ୍ରୀ ଏବଂ ସମସ୍ତ ଉପବିଭାଗର ଅଧିକାରୀମାନେ ଉପସ୍ଥିତ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ମଣିପୁରରେ ତିନି ଜଣ ଆତଙ୍କବାଦୀ ଗିରଫ, ଡ୍ରଗ୍ସ, ଚୋରି ଗାଡ଼ି ଜବତ।
- ସେପ୍ଟେମ୍ବର ୨୨ ରେ ନବମ ଭାରତ ଅନ୍ତର୍ଜାତୀୟ ଜଳ ସପ୍ତାହକୁ ଉଦଘାଟନ କରିବେ ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନ।
- ଭୋଟର ତାଲିକା ସଂଶୋଧନ ନେଇ ନିର୍ବାଚନ କମିଶନଙ୍କୁ ସମାଲୋଚନା କଲେ ଜୟରାମ ରମେଶ।
- ସାମ୍ବାଦିକ ପାୟଲ ମେହେଟାଙ୍କ ବିୟୋଗରେ ଶୋକ ବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ ଏବଂ ଅନ୍ୟମାନେ।
- ଆମେରିକା ସହ ଆଲୋଚନା ପାଇଁ ସାତଟି ସର୍ତ୍ତ ରଖିଛି ଇରାନ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୫୮୪ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୨୮୫ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୬୮୮ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୫ (+୦)

# ଖୁବଶୀଘ୍ର ସମାଧାନ ହେବ ମହାନଦୀ ଜଳବିବାଦ

ଭୁବନେଶ୍ୱର, ୨୦।୯
ନ୍ୟୁଜ୍ ବ୍ୟୁରୋ

ଫିଟିବ ମହାନଦୀ ଜଳ ବିବାଦର ରାସ୍ତା। ସଙ୍କେତ ଦେଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ। କହିଲେ ଏହା ଆଉ ବିବାଦ ହୋଇ ନାହିଁ। ଓଡ଼ିଶା ଗସ୍ତରେ ଥିବା ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ରବିବାର ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଏନେଇ ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି। ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ଏହା କହିଛନ୍ତି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ। ଯାହାକୁ ନେଇ ବଢିଛି ଚର୍ଚ୍ଚା। ଖାଲି ସେତିକି ନୁହେଁ ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ସରକାର ରହିଛି। ଦିଲ୍ଲୀରେ ଏହି ପ୍ରସଙ୍ଗରେ ପୂର୍ବରୁ ଆଲୋଚନା ହୋଇ ସାରିଛି। ଉଭୟ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟି ଦେଇ ସିଡବ୍ଲ୍ୟୁସି ଯେଉଁ ନିଷ୍ପତ୍ତି ନେବ, ତାହାକୁ ଗ୍ରହଣ କରାଯିବ। ଯେଉଁ ସବୁ ରାଜ୍ୟରେ



ବିଜେପି ସରକାରକୁ ଆସିଛି ସେଠାରେ ସବୁ ବିବାଦର ସମାଧାନ ହୋଇଛି। ମହାନଦୀ ଜଳ ବିବାଦର ବି ସମାଧାନ ଖୁବ୍ ଶୀଘ୍ର ହେବ।

ଓଡ଼ିଶାର ଲାଇଫଲାଇନ୍ ହେଉଛି ମହାନଦୀ। ଆଉ ଏହି ଜୀବନରେଖାକୁ ନେଇ ଦୁଇ ପଡ଼ୋଶୀ ରାଜ୍ୟ ମଧ୍ୟରେ ଦୀର୍ଘ ବର୍ଷର ଟଣାଓଟରା। କିନ୍ତୁ ଏବେ ଚିତ୍ର ବଦଳୁଛି। ବିବାଦର ମଞ୍ଚରୁ ଆଲୋଚନାର ଟେବୁଲକୁ ଆସିଛନ୍ତି ଦୁଇ ରାଜ୍ୟ। ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଷ୍ଣୁଦେଓ ସାଏ ଭେଟିବା ପରେ ଆଶା ବଢ଼ିଛି। କାରଣ ଏହି ବିବାଦ ଆଜିର ନୁହେଁ। ୨୦୧୬ରେ ଛତିଶଗଡ଼ର ଉପରମୁଣ୍ଡ ପ୍ରକଳ୍ପଗୁଡ଼ିକୁ ନେଇ ଆପତ୍ତି ଉଠାଇଥିଲା ଓଡ଼ିଶା। ତେବେ ଆଲୋଚନାରେ ସମାଧାନ ନହେବା ପରେ ଆଇନଗତ (ପୃଷ୍ଠା ୭ରେ)

# ଜୟଶଙ୍କର, ପୂର୍ବତନ ସେନା ମୁଖ୍ୟ ଓ ସିବିଆଇ ନିର୍ଦ୍ଦେଶକଙ୍କୁ ଏସ୍‌ଆଇଆର ନୋଟିସ୍

ନୂଆଦିଲ୍ଲୀ, ୨୦।୯

ଦେଶର ରାଜଧାନୀ ଦିଲ୍ଲୀରେ ଚାଲିଥିବା ନିର୍ବାଚନ କମିଶନଙ୍କ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଏସ୍‌ଆଇଆରକୁ ନେଇ ଆସିଛି ବଡ଼ ଖବର। କେନ୍ଦ୍ରମନ୍ତ୍ରୀ ଏସ୍ ଜୟଶଙ୍କର ଓ ପତ୍ନୀ କୟୋକୋ ଏସ୍ ଜୟଶଙ୍କରଙ୍କୁ ନିର୍ବାଚନ କମିଶନ ପଠାଇଛନ୍ତି ଏସ୍‌ଆଇଆର ନୋଟିସ। ଅର୍ଥାତ ଏମାନେ ଦିଲ୍ଲୀର ଭୋଟର ଭାବେ ସର୍ଭେ ବେଳେ ଚିହ୍ନଟ ହୋଇ ନାହାନ୍ତି।

ଏମାନଙ୍କ ବ୍ୟତୀତ ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦ ଓ ତାଙ୍କ ପରିବାର, ପୂର୍ବତନ ସେନାଧ୍ୟକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଓ ତାଙ୍କ ପତ୍ନୀ, ସିପିଏମ ସାଂସଦ ଜନ ବ୍ରିଟାସଙ୍କ ପତ୍ନୀ ଓ ପୁଅଙ୍କୁ ମଧ୍ୟ ଏସ୍‌ଆଇଆର ନୋଟିସ ପଠାଯାଇଛି। ଦିଲ୍ଲୀରେ ଚାଲିଥିବା ନିର୍ବାଚନ କମିଶନଙ୍କ ଏସ୍‌ଆଇଆର ପ୍ରକ୍ରିୟା ବେଳେ ଏହି ଭିଭିଆଇପିମାନଙ୍କୁ ନୋଟିସ



ପଠାଯାଇଥିବା ଜଣାପଡ଼ିଛି।

ଜୟଶଙ୍କର ଓ ତାଙ୍କ ପତ୍ନୀଙ୍କୁ 'ଅନପ୍ୟାମଡ ୱିଥ ଲାଷ୍ଟ ଏସ୍‌ଆଇଆର' ରଖାଯାଇଛି। ଏହାର ଅର୍ଥ ୨୦୦୨ରେ ହୋଇଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ପ୍ରସ୍ତୁତ ଚୂଡ଼ାନ୍ତ ଭୋଟର ତାଲିକା ସହ ସେମାନଙ୍କ ବର୍ତ୍ତମାନର ନିର୍ବାଚନୀ ରେକର୍ଡକୁ ଯୋଡ଼ାଯାଇପାରିନାହିଁ।

ଜୟଶଙ୍କର ଦମ୍ପତି ନିଜକୁ ନୂଆଦିଲ୍ଲୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୁନ୍ଦର ବାଗ ଭୋଟର ଭାବେ ପଞ୍ଜିକୃତ କରିଛନ୍ତି। ହେଲେ ପୁରୁଣା ରେକର୍ଡ ସହ ଏହା ମେଳ ଖାଉନାହିଁ।

ସିବିଆଇ ନିର୍ଦ୍ଦେଶକ ପ୍ରବୀଣ, ପତ୍ନୀ ବନୀତା ଓ ମା' କମଲେଶ ସୁଦ ମଧ୍ୟ 'ଅନପ୍ୟାମଡ ୱିଥ ଲାଷ୍ଟ ଏସ୍‌ଆଇଆର' ବର୍ଗରେ ରହିଛନ୍ତି। ସ୍ଥଳ ସେନାର ପୂର୍ବତନ ମୁଖ୍ୟ ଦ୍ୱିବେଦୀ ଓ ତାଙ୍କ ପତ୍ନୀ ସୁନୀତା ମଧ୍ୟ ସମାନ ବର୍ଗରେ (ପୃଷ୍ଠା ୭ରେ)

# ଋଷକୁ ଶତାଧିକ ଡ୍ରୋନ ମାଡ଼ କଲା ୟୁକ୍ରେନ: ଜଳିଲା ରିଫାଇନାରୀ



ମସ୍କୋ, ୨୦।୯

ରୁଷର ରାଜଧାନୀ ମସ୍କୋ ଓ ଏହାର ଆଖପାଖ ଅଞ୍ଚଳରେ ୟୁକ୍ରେନର ଭୟଙ୍କର ହମଲା। ୟୁକ୍ରେନର ଶହଶହ ଡ୍ରୋନ ଷ୍ଟ୍ରାଇକରେ ଦୋହଲି ଯାଇଛି ରୁଷ।

ହମଲାରେ ରୁଷର ଏକାଧିକ ତୈଳ ବିଶୋଧନାଗାର ନଷ୍ଟ ହୋଇଥିବା ବେଳେ ଦୁଇ ଜଣ ଲୋକ ମଧ୍ୟ ପ୍ରାଣ ହରାଇଛନ୍ତି। ରୁଷର ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳରେ ଥିବା ରିଫାଇନାରୀ ଏବଂ ଅନ୍ୟ ତୈଳ ବ୍ୟବସ୍ଥାକୁ ଡ୍ରୋନ ଦ୍ୱାରା ଟାର୍ଗେଟ କରାଯାଇଥିବା ୟୁକ୍ରେନ ରାଷ୍ଟ୍ରପତି ଭ୍ଲୋଡିମିର ଜେଲନସ୍କି ସୂଚନା ଦେଇଛନ୍ତି।

ତେବେ ରୁଷ ପକ୍ଷରୁ ଏପରି ଆକ୍ରମଣକୁ ନିନ୍ଦା କରାଯାଇଛି। ୨୦୨୨ ଯୁଦ୍ଧ ପରେ ପ୍ରଥମଥର ରୁଷରେ ସଂସଦୀୟ ନିର୍ବାଚନ ହେଉଥିବା ବେଳେ ଏଥିରେ ହସ୍ତକ୍ଷେପ କରିବା ପାଇଁ କିଭ ଚେଷ୍ଟା କରିଥିବା ମସ୍କୋ କହିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ୨୦୨୬ରେ ୟୁକ୍ରେନ (ପୃଷ୍ଠା ୭ରେ)




## 'ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା'ର ପ୍ରଥମ ତୀର୍ଥଯାତ୍ରା ଶୁଭାରମ୍ଭ

ଭୁବନେଶ୍ୱର, ୨୦।୯
ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଓଏସଆରଟିସିର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା' ଅନ୍ତର୍ଗତ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତୀର୍ଥଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଆଭାସୀ ମାଧ୍ୟମରେ ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ୯୧୦ ଜଣ ବରିଷ୍ଠ ତୀର୍ଥଯାତ୍ରୀଙ୍କୁ ପୁରୀ ଧାମ ଯାତ୍ରାର ଶୁଭାରମ୍ଭ କରିଛନ୍ତି।

## ଏକାଳ ପଖାଳ



ଏତେ ଦିନ ପରେ ଓଡ଼ିଶା ରାଇଜେ
ଫଟାଫଟ କିରିକେଟ
ମ୍ୟାଚ୍ ଦେଖିଣ ଦେଖେଣାହାରୀ
ମାରନ୍ତି ଭଲ କୁହାଟ
ସେଣେ ଏସୀୟ କ୍ରୀଡାରେ ଥାଟ
ମହିଳା ଦଳ ଶ୍ରୀଲଙ୍କା ସହିତ
ଫାଇନାଲ ଭେଟଭାଟ ।

# ସମ୍ବେଦନଶୀଳ ପ୍ରତିଷ୍ଠାନରେ ଡ୍ୟୁଟି ବେଳେ ପୋଲିସ୍‌ଙ୍କ ମୋବାଇଲ୍ ବ୍ୟବହାର ନିଷେଧ




ଭୁବନେଶ୍ୱର, ୨୦।୯
ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର-କଟକ ପୁଲିସ କମିଶନରେଟ୍ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ପ୍ରତିଷ୍ଠାନଗୁଡ଼ିକରେ ନିୟୋଜିତ ପୁଲିସକର୍ମୀଙ୍କ ଫଟୋ ଉଠାଇବା ଏବଂ ଭିଡିଓ ରେକର୍ଡିଂ ଉପରେ ରୋକ ଲଗାଇଛି। ସକ୍ଷମ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ବିନା କୌଣସି ଇଲେକ୍ଟ୍ରୋନିକ୍ ଉପକରଣ ମାଧ୍ୟମରେ ଫଟୋ କିମ୍ବା ଭିଡିଓ ତିଆରି କରିବାକୁ ଅନୁମତି ମିଳିବ ନାହିଁ। ଡ୍ୟୁଟିରେ ନିୟୋଜିତ ସୁରକ୍ଷାକର୍ମୀମାନେ ମଧ୍ୟ ମୋବାଇଲ୍ ଫୋନ୍ ବ୍ୟବହାର କରିପାରିବେ ନାହିଁ।

ପୁଲିସ କମିଶନରେଟ୍ ପକ୍ଷରୁ ସେପ୍ଟେମ୍ବର ୧୯ ତାରିଖରେ ଜାରି ହୋଇଥିବା ଆଦେଶରେ କୁହାଯାଇଛି ଯେ, ନିକଟ ଦିନଗୁଡ଼ିକରେ କିଛି ପୁଲିସକର୍ମୀ ନିଜର ଡ୍ୟୁଟି, ନିୟୋଜନ ଓ କାର୍ଯ୍ୟସ୍ଥଳ ସମ୍ପର୍କିତ ଭିଡିଓ ସୋସିଆଲ୍ ମିଡିଆ ତଥା ଅନ୍ୟାନ୍ୟ ସାର୍ବଜନୀନ ପ୍ଲାଟଫର୍ମରେ ସେୟାର କରୁଥିବା ଜଣାପଡ଼ିଛି। କେତେକ କ୍ଷେତ୍ରରେ ଏଭଳି ଭିଡିଓ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକର ଗୋପନୀୟ ସୂଚନା ଓ ସମ୍ବେଦନଶୀଳ ସ୍ଥାନ ସମ୍ପର୍କିତ ତଥ୍ୟ ଅଜାଣତରେ ସାର୍ବଜନୀନ ହୋଇପାରେ।

ଆଦେଶରେ କୁହାଯାଇଛି ଯେ, ଏପରି ଅବହେଳା ଯୋଗୁଁ ସୁରକ୍ଷା (ପୃଷ୍ଠା ୭ରେ)

# ଯୋଧପୁରରେ ତେଜସ ଉଡାଇଲେ ଭାରତୀୟ ଏବଂ ଜାପାନୀ ବାୟୁସେନା ମୁଖ୍ୟ

ନୂଆଦିଲ୍ଲୀ, ୨୦।୯

ଭାରତୀୟ ବାୟୁସେନା ମୁଖ୍ୟ ଏବଂ ଜାପାନ ଏୟାର ସେଲ୍ଫ ଡିଫେନ୍ସ ଫୋର୍ସ ମୁଖ୍ୟ ଏକ ତେଜସ୍ ଯୁଦ୍ଧ ବିମାନରେ ଉଡ଼ାଣ କରିଥିବାବେଳେ ରବିବାର ଦିନ ଯୋଧପୁରରେ ଚାଲିଥିବା ବିମାନ ଅଭ୍ୟାସ 'ବୀର ଗାର୍ଡିଆନ୍' ସମୟରେ ଏକ ସୁଖୋଇ-୩୦ ଏମକେଆଇ ମଧ୍ୟ ଆକାଶକୁ ଉଡ଼ାଣ କରିଥିଲା। ଭାରତ-ଜାପାନ ପାଇଁ ଏହି ବିମାନ ମୁହୂର୍ତ୍ତ ବାୟୁ ଶକ୍ତି ଏବଂ ରଣନୈତିକ ଭାଗିଦାରୀର ଚମତ୍କାର ପ୍ରଦର୍ଶନରେ ଯୋଡି ହୋଇଥିଲା। ଏହି ଉଡ଼ାଣ ଭାରତ ଏବଂ ଜାପାନ ମଧ୍ୟରେ ବୃଦ୍ଧି ପାଉଥିବା ପ୍ରତିରକ୍ଷା ସହଯୋଗ ଏବଂ ପରିଚାଳନାଗତ ସମ୍ପର୍କକୁ ଦର୍ଶାଉଛି। ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଅମର ପ୍ରୀତ ସିଂ ଏବଂ ଜାପାନ ଏୟାର ସେଲ୍ଫ ଡିଫେନ୍ସ ଫୋର୍ସ (ଜେଏଏସଡିଏଫ)ର ଚିଫ୍ ଅଫ୍ ଷ୍ଟାଫ୍ ଜେନେରାଲ୍ ତାକେହିରୋ ମୋରିତା ଯୋଧପୁର ବାୟୁସେନା ଷ୍ଟେସନରେ ବୀର ଗାର୍ଡିଆନ୍ ଅଭ୍ୟାସ ସମୟରେ ହାଲୁକା ଯୁଦ୍ଧ ବିମାନ (ଏଲସିଏ) ତେଜସ୍ ମାର୍କ-୧ ରେ ପୃଥକ ଭାବରେ ଉଡ଼ାଣ କରିଥିଲେ। ଅଭ୍ୟାସର ଏକ ଅଂଶ ଭାବରେ ଉଡ଼ାଣ ଆରମ୍ଭ କରିବା ପୂର୍ବରୁ ଦୁଇ ବାୟୁସେନା ମୁଖ୍ୟ ନିଜ ନିଜ ବିମାନ (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ସେପ୍ଟେମ୍ବର ୨୦୨୬ ସୋମବାର





# ରୋଗ ଯନ୍ତ୍ରଣାରେ ଛଟପଟ୍ ଭେଣ୍ଡିଆପୁଅ : ଚିନ୍ତାରେ ବାପା-ମା’

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଯେଉଁ ବୟସରେ ଖେଳକୁଦ ସାଙ୍ଗସାଥିଙ୍କ ଗହଣରେ କଟିବା କଥା ସେହି ବୟସରେ ଏବେ ରୋଗରେ ପିଡ଼ିତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ଜଣେ ଭେଣ୍ଡିଆ ପୁଅ । ପୁଅର ଏପରି ଅବସ୍ଥାକୁ ନେଇ ଚିନ୍ତାରେ ପଡିଯାଇଛନ୍ତି ବାପା-ମା । ଦୈନିକ କୁଲି ମଜୁରୀ କରି ଜୀବନ ଅତିବାହିତ କରୁଥିବା ଏହି ଗରିବ ପରିବାରରେ ଗୋଟିଏ ବୋଲି ଭେଣ୍ଡିଆ ପୁଅର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ । ଏଭଳି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ପିଣ୍ଡାପଦର ସଦର ପଞ୍ଚାୟତରେ । ଗାଁରେ ବସବାସ କରୁଥିବା ବୁଟି ଦିଶାରୀ ଓ ବିକିନି ଦିଶାରୀଙ୍କ ଏକମାତ୍ର ପୁଅ ମୁନା ଦିଶାରୀ(୧୭) । ପରିବାରର ସୂଚନା ମୁତାବକ ମୁନା କୁ ୧୪ ହେବା ପର୍ଯ୍ୟନ୍ତ ଏମିତି କିଛି ସଂକେତ ଦେଖାଯାଇନଥିଲା । ୧୪ ବର୍ଷ ପରେ ବାମପାର୍ଶ୍ୱ ଜଙ୍ଘର ମାଂସପେଶୀରେ ଏକ ଛୋଟ ଗୁଳା ହୋଇଥିଲା ବାପା-ମା ଜାଣିବାପରେ ଏହା ବଥ କି ଅନ୍ୟ କିଛି ହୋଇଥିବ ଭାବି ଦେଶୀ ମେଡ଼ିସିନ କରିଥିଲେ ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ମୁନାଙ୍କ ବୟସ ବଢ଼ିବା ସାଙ୍ଗକୁ ମାଂସ ପିଣ୍ଡୁଳା ବଢ଼ି ବଢ଼ି ଚାଲିଲା ତେଣୁ ପରିବାର ଲୋକେ ଦୁଇ ଦୁଇ ଥର କୋରାପୁଟ ସହୀଦଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ କୁ ଯାଇଥିଲେ ବି କୌଣସି ସୁଫଳ ମିଳିନାହିଁ ବୋଲି ମୁନା ଙ୍କ ମା କହିଛନ୍ତି । ମୁନାଙ୍କ ଆୟୁଷ୍ମାନ କାର୍ଡ଼ ରହିଛି ହେଲେ ସେଥିରେ ନାମ ଭୁଲ ରହିଛି ମୁନା ବଦଳରେ ସୁନା ହୋଇଥିବାରୁ ଏହା ମଧ୍ୟ ପରିସ୍ଥିତିକୁ ଜଟିଳ କରିଦେଇଛି । ନିଜ ଶରୀରର ରୋଗକୁ ଚିକିତ୍ସା କରାଇବାକୁ ଅର୍ଥ ଆବଶ୍ୟକ ଥିବାରୁ ମୁନା ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଇଥିଲେ କିନ୍ତୁ କଷ୍ଟସାଧ କାମ ନ କରି ଘରକୁ ଫେରିଆସିଥିବାବେଳେ ନିଜର ଆଧାର କାର୍ଡ଼ ମଧ୍ୟ ହଜିଯାଇଥିବା ମୁନା କହିଛନ୍ତି ।

# ଭାରତୀୟ ସଂସ୍କୃତିରେ ସଂସ୍କୃତ ଭାଷାର ଅବଦାନ ଉପରେ ଆଲୋକପାତ

**ବରଗଡ, ନ୍ୟୁଜ୍ ବ୍ୟୁରୋ**

ବରପାଲି ସଂସ୍କୃତ ଶିକ୍ଷକ ସଂଘ ପକ୍ଷରୁ ବ୍ଲକସ୍ତରୀୟ ସଂସ୍କୃତ ଦିବସ ସମାରୋହ ଗଙ୍ଗାଧର ଏନ୍.ଏ.ସି. ଉଚ୍ଚ ବିଦ୍ୟାଳୟ, ବରପାଲି ପରିସରରେ ଭବ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସମ୍ପାଦକ ରମେଶ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଏନ୍.ଏ.ସି. ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ହରେକୃଷ୍ଣ ମିଶ୍ର ମୁଖ୍ୟ ଅତିଥି ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟ ବିଜୟପଲ୍ଲୀର ଅଧକ୍ଷ ଡଃ ବଦ୍ରୀନାରାୟଣ ପୂଜାରୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ସଂସ୍କୃତ ଭାଷାର ମହତ୍ତ୍ୱ ଓ ଭାରତୀୟ ସଂସ୍କୃତିରେ ଏହାର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ ।ଗଙ୍ଗାଧର ଏନ୍.ଏ.ସି. ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ବାରିକ ଓ ବରମକେଲା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ କେଶବ ଚନ୍ଦ୍ର ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଅବସରଗ୍ରହଣ କରୁଥିବା କେଶବ ଚନ୍ଦ୍ର ପଧାନଙ୍କୁ ସଂଘ ପକ୍ଷରୁ ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସଂସ୍କୃତ ଶିକ୍ଷା ଓ ଭାଷାର ପ୍ରଚାର-ପ୍ରସାର କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ମରଣ କରାଯାଇଥିଲା । ସେହିପରି ବାରଗୁଡ଼ା ଉଚ୍ଚ ବିଦ୍ୟାଳୟର ନବନିଯୁକ୍ତ ସଂସ୍କୃତ ଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତି ଭୁଏଁଙ୍କୁ ସଂଘ ପକ୍ଷରୁ ସ୍ୱାଗତ ଓ ଅଭିନନ୍ଦନ ଜଣାଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଗୀତା ଶ୍ଳୋକ ପାଠ, ସଂସ୍କୃତ ଭାଷଣ ଓ ନୃତ୍ୟ ଆଦି ପରିବେଷଣ କରି ଉପସ୍ଥିତ ଅତିଥି ଓ ଦର୍ଶକଙ୍କ ମନ ମୋହିଥିଲେ । ସମଗ୍ର କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଈଶ୍ୱର ଚନ୍ଦ୍ର ଗଡତିଆ ଏବଂ ସାଂସ୍କୃତିକ ପର୍ବର ମଞ୍ଚ ପରିଚାଳନା ସୁନୀତି ପଧାନ କରିଥିଲେ । ଶେଷରେ ସନ୍ତୋଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବରପାଲି ବ୍ଲକର ସମସ୍ତ ସଂସ୍କୃତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଅକୁଣ୍ଠ ସହଯୋଗ ଓ ସକ୍ରିୟ ସହଭାଗିତା ଫଳରେ ସମାରୋହଟି ସଫଳତାର ସହ ସମ୍ପନ୍ନ ହୋଇଥିଲା ।

# ଗରିବ ଓ ଅସହାୟ ଆଦିବାସୀ ପରିବାରଙ୍କୁ ବସ୍ତ୍ର ବଣ୍ଟନ



**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ପଶ୍ଚିମ ଓଡ଼ିଶାର ଗଣପର୍ବ ପବିତ୍ର ନୂଆଁଖାଇକୁ ଆଖି ଆଗରେ ରଖି ଜୟ ହିନ୍ଦ୍ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷ ରୁ ବଡ଼ବାସିନୀ ଆଦିବାସୀ ଗ୍ରାମରେ ଗରିବ, ଦରିଦ୍ର ଓ ଅସହାୟ ଆଦିବାସୀ ପରିବାରଙ୍କ ମଧ୍ୟରେ ବସ୍ତ୍ର ବିତରଣ କରାଯାଇଥିଲା । ଶତାଧିକ ଗରିବ ଆଦିବାସୀ ନର-ନାରୀ ଓ ଶିଶୁଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିବା ବେଳେ ସେମାନଙ୍କ ମୁହଁରେ ଖୁସିର ଲହରୀ ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ମନମଥନାଥ ରାୟ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସେନଗୁପ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କାର୍ଯ୍ୟକର୍ତ୍ତା ରମେଶ ବିଶ୍ୱାସ, ଗଣପତି ରାୟ, ରମେଶ ରାୟ, ରମାକାନ୍ତ ବାଇନ, ନିମାଇ ବିଶ୍ୱାସ, ଅମଳଚନ୍ଦ୍ର ହାଲଦାର ଏବଂ ନନୀଗୋପାଳ ରାଣା ପ୍ରମୁଖ ଉପସ୍ଥିତ ରହି ନିଜ ହାତରେ ବସ୍ତ୍ର ବିତରଣ କରି ଥିଲେ । ଏହାଛଡ଼ା ଗ୍ରାମର ୱାର୍ଡ ମେମ୍ବର ଅଶୋକ ସେଠୀଙ୍କ ସମେତ ଗ୍ରାମର ଅନେକ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଏହି କାର୍ଯ୍ୟକ୍ରମ ରେ ଯୋଗଦେଇ ସଂଘର ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ । ଶେଷରେ ବଡ଼ବାସିନୀ ଗ୍ରାମବାସୀଙ୍କ ପକ୍ଷରୁ ଜୟ ହିନ୍ଦ୍ ଅବସରପ୍ରାପ୍ତ କର୍ମଚାରୀ ସଂଘର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ବହୁତ ବହୁତ ଧନ୍ୟବାଦ ଜଣାଯାଇଥିଲା ଏବଂ ଆଗାମୀ ଦିନରେ ଏଭଳି ସେବା କାର୍ଯ୍ୟ ଜାରି ରହିବ ବୋଲି ଆଶା ପ୍ରକଟ କରାଯାଇଥିଲା ।

# ଗୋପରେ ପାଦପଦ୍ମ ଓ ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ୫ ନମ୍ବର ୱାର୍ଡର ଗୋପ ଗ୍ରାମରେ ପାଦପଦ୍ମ ଉନ୍ନୟନ ପରିଷଦ ଗୃହ ଏବଂ ମିଶନ ଶକ୍ତି ଗୃହକୁ ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଉଦ୍‌ଘାଟନ କରିଛନ୍ତି । ୫ ନମ୍ବର ୱାର୍ଡର କାଉନ୍‌ସିଲର ନିରାକାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌର ଅଧକ୍ଷା ସରୀତା ସାହୁ, ପୌର ନିର୍ବାହୀ ଅଧିକାରୀ ତ୍ରିନାଥ



ବେହେରା, କାଉନ୍‌ସିଲର ଅଭୟ ବେହେରା, କାଉନ୍‌ସିଲର ଅସୀମା ନାୟକଙ୍କ ସମେତ ସମାଜସେବୀ ପ୍ରକାଶ ପରିଡା, ସୁରେଶ କୁମାର ସ୍ୱାଇଁ, ସୁରେଶ ଚନ୍ଦ୍ର ଦଣ୍ଡିଆ, ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରମୋଦ ପତି, କବିତା ରାଉତ, ଜ୍ୟୋସ୍ନାମୟୀ ଚୌଧୁରୀ, ସ୍ୱୟଂପ୍ରଭା କର, ବିଜେପି ନେତା ଉପୀନ ରାଉତ, ସରୋଜ ନାୟକ, ବିକ୍ରମ ସାମଲଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି, ସମାଜସେବୀ, ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରିନ୍ସ ଗ୍ରୁପ ପକ୍ଷରୁ ନବାଗତଙ୍କୁ ଭବ୍ୟ ସ୍ୱାଗତ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ପ୍ରିନ୍ସ ଗ୍ରୁପ ଅଫ ଇନଷ୍ଟିଟ୍ୟୁସନ୍ସ ପକ୍ଷରୁ ବାଲେଶ୍ୱର ଓ ବାରିପଦାସ୍ଥିତ କଲେଜ ଏବଂ ବିଦ୍ୟାଳୟକୁ ମିଶାଇ ସମସ୍ତ କ୍ୟାମ୍ପସରେ ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ଭବ୍ୟ ସ୍ୱାଗତ ସମାରୋହ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମର ଆରମ୍ଭରେ ବିଘ୍ନବିନାଶକ ଭଗବାନ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ଭକ୍ତି ଓ ନିଷ୍ଠାର ସହ ସମ୍ପନ୍ନ ହେବା ପରେ ଅନୁଷ୍ଠିତ ସ୍ୱାଗତ ସଭାରେ ଅତିଥି, ଅଧ୍ୟାପକ ଓ ଶିକ୍ଷକମାନେ ନବାଗତ ମାନଙ୍କୁ ସ୍ୱାଗତ ଜଣାଇବା ସହ ଶୃଙ୍ଖଳା, ନୈତିକ ମୂଲ୍ୟବୋଧ, କଠିନ ପରିଶ୍ରମ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ସମ୍ପର୍କରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥିଲେ । ଏହାପରେ ବରିଷ୍ଠ ଛାତ୍ରଛାତ୍ରୀଙ୍କ ପରିଚାଳନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଙ୍ଗୀତ, ନୃତ୍ୟ ଓ ବିଭିନ୍ନ ମନୋଜ୍ଞ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା । ନବାଗତ ଛାତ୍ରଛାତ୍ରୀଙ୍କୁ ପ୍ରିନ୍ସ ପରିବାରର ସଦସ୍ୟ ଭାବେ ସାଦରେ ଗ୍ରହଣ କରି ସେମାନଙ୍କୁ ସ୍ୱାଗତ ଉପହାର ପ୍ରଦାନ କରାଯାଇଥିଲା. କାର୍ଯ୍ୟକ୍ରମକୁ ପ୍ରିନ୍ସ ଗ୍ରୁପର ଅଧ୍ୟାପକ ଏବଂ ଶିକ୍ଷକ ମଣ୍ଡଳୀ କର୍ମକର୍ତ୍ତା ତଥା ଅନ୍ୟାନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ ।

# ବ୍ଲକ ସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସେକ୍ଷନପୁର ବ୍ଲକ ସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ସରକାରୀ ବାଳିକା ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇ ଯାଇଛି। ପୂର୍ବାହ୍ନରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଏହି ପଦକ୍ଷେପର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ୨୦୪୭ ମସିହାରେ ଭାରତ ଶକ୍ତି ଝୁଡି ସମ୍ଭାବନା ଓ ଆହ୍ୱାନ ଶୀର୍ଷକ ଆଲୋଚନା ଚକ୍ର ରେ ବ୍ଲକର ବିଭିନ୍ନ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ରୁ ୩୬ ଜଣ ଛାତ୍ର ଛାତ୍ରୀ ନିଜର ବିଶ୍ଲେଷଣ ଉପସ୍ଥାପନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ରଜତ ବଡମାଳୀ ଓ ସୁଜିତ କୁମାର ମିଶ୍ର ବିଚାରକ ଭାବରେ ଯୋଗ ଦେଇ ମୂଲ୍ୟାୟନ କରିଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବାଳିକା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ପ୍ରଜ୍ଞା ପାରମିତା ଦାଶ, ବଡଝିଙ୍କି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ମିଶ୍ରଙ୍କ ସମେତ ସାଧନ କେନ୍ଦ୍ର ସଂଯୋଜକମାନେ ଉପସ୍ଥିତ ରହି ଏହାକୁ ସଂପାଦନ କରିଥିଲେ ।

# ସାମାଜିକ ସଦ୍‌ଭାବନା ପକ୍ଷରୁ ଆଧ୍ୟାତ୍ମିକ ସଂଗଠନ ସମ୍ମିଳନୀ



**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ସାମାଜିକ୍ ସଦ୍‌ଭାବନା ପକ୍ଷରୁ ଜିଲ୍ଲାସ୍ତରୀୟ ଆଧ୍ୟାତ୍ମିକ ସଂଗଠନ ପ୍ରମୁଖ ସମ୍ମିଳନୀ ଇଚ୍ଛାପୁରଠାରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ରାଷ୍ଟ୍ରବାଦୀ ପ୍ରବକ୍ତା ତଥା ସଂସ୍କୃତ ବିଦ୍ୱାନ ବିଦ୍ୟାଭୂଷଣ ଡକ୍ଟର ଗୌତମ ମହାରଣା ମୁଖ୍ୟ ବକ୍ତାଭାବେ ଯୋଗଦେଇ ନୀତିନିଷ୍ଠ ଓ ମୂଲ୍ୟବୋଧ ଭିତ୍ତିକ ସମାଜ ଜାଗରଣରେ ଆଧ୍ୟାତ୍ମିକ ସଂଗଠନ ମାନଙ୍କ ନେତୃତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଭାରତ ବର୍ଷର ମୌଳିକ ସଂସ୍କୃତିର ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ହେବା ସମୟରେ ଆହ୍ୱାନ ବୋଲି ସେ ସୂଚାଇ ଥିଲେ । ଏହାଦ୍ୱାରା ସମାଜରେ ସୁଧାର ଆସିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଜିଲ୍ଲା ସଂଯୋଜକ ନିର୍ମଳ ସ୍ୱାଇଁ ଏଥିରେ ପୌରହିତ୍ୟ କରିଥିଲେ । କଟକ ବିଭାଗ ସହ ସଂଯୋଜକ ଇଞ୍ଜିନିୟର ଅକ୍ଷୟ କୁମାର ପାଣି ଅନ୍ୟତମ ବକ୍ତାଭାବେ ଯୋଗଦେଇ ଋଷି ନିର୍ମିତ ଭାରତୀୟ ସଂସ୍କୃତି ଓ ପରମ୍ପରା ଜୀବନ ଜିଇଁବାର କଳା କୌଶଳ ଆଧାରିତ ଶାସ୍ତ୍ର ଓ ବିଜ୍ଞାନ ସମଗ୍ର ବିଶ୍ୱକୁ ମାଗଦର୍ଶନ ଦେଇ ଆସିଛି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ନଗର ସଂଯୋଜକ ଅଶୋକ କୁମାର ସୁଆର ଅତିଥି ବକ୍ତା ତଥା ଆଧ୍ୟାତ୍ମିକ ସଂଗଠନ ସଦସ୍ୟ ମାନଙ୍କର ପରିଚୟ ଦେଇଥିଲେ । ଜିଲ୍ଲା ମାର୍ଗଦର୍ଶକ ଶିକ୍ଷାବିତ୍ ସୁକାନ୍ତ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

# ଆଇନ୍‌ଜୀବୀଙ୍କ ବିୟୋଗରେ ଓକିଲ ସଂଘର ଶୋକସଭା



**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାର ବରିଷ୍ଠ ଆଇନ୍‌ଜିବୀ ସ୍ୱର୍ଗତଃ ମୀର୍ ଅଫସର୍ ଅଲ୍ଲୀ ବକ୍ସଙ୍କ ବିୟୋଗରେ ଜିଲ୍ଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଓକିଲ ସଂଘ ସଭାପତି ରବି ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶୋକସଭାରେ ଓକିଲ ସଂଘ ପକ୍ଷରୁ ସ୍ୱର୍ଗତଃ ଅଫସର୍ ଅଲ୍ଲୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସଂଘ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ୱର୍ଗତଃ ଅଲ୍ଲୀ ଜଣେ ପରୋପକାରୀ, ସରଳ, ମିଷ୍ଟଭାଷୀ ହୋଇଥିବାରୁ ତାଙ୍କ ବିୟୋଗରେ ବରିଷ୍ଠ ଆଇନ୍‌ଜିବୀମାନେ ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ନିହାର ରଞ୍ଜନ ମହାପାତ୍ର, ଉପସଭାପତି ନୃସିଂହ ଚରଣ ରାଉତ, ମନୋରଞ୍ଜନ ବେହେରା, ଗୋବର୍ଦ୍ଧନ ରାଉତ, ଭୀମସେନ ଭୂୟାଁ, ରଞ୍ଜନ ଦାସ, ସେକ୍ ଅଜିମୁଦ୍ଦିନ, ରାଜୀବ ପାତ୍ରଙ୍କ ସମେତ ବହୁ ଆଇନ୍‌ଜିବୀ ଉପସ୍ଥିତ ଥିଲେ ।

# ଆଇନ ମହାବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମାରୋହ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ତକତପୁରସ୍ଥିତ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟ ପରିସରରେ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଆଡ଼ମ୍ବରପୂର୍ଣ୍ଣ କାର୍ଯ୍ୟକ୍ରମକୁ କଲେଜର ଅଧକ୍ଷ ଡଃ ରଞ୍ଜନ କୁମାର ତରେଇଙ୍କ ସଭାପତିତ୍ୱରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଅଧକ୍ଷ ନବାଗତମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଇନ ଶିକ୍ଷାର ମହତ୍ତ୍ୱ, ଶୃଙ୍ଖଳା, ବୃତ୍ତିଗତ ନୈତିକତା ଏବଂ ସମାଜ ପ୍ରତି ଥିବା ଦାୟିତ୍ୱବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ । ବରିଷ୍ଠ ଅଧ୍ୟାପକ ଡଃ ବନମାଳୀ ବାରିକ, ଭକ୍ତ ଚରଣ ସୋରେନ ଏବଂ ଅଫିସ ସୁପରିଟେଣ୍ଡେଣ୍ଟ୍ ଅତୁଲ୍ କୁମାର ମହାନ୍ତି ଯୋଗଦେଇ ନିଷ୍ଠା ଓ ମାନବିକ ମୂଲ୍ୟବୋଧକୁ ଆଧାର କରି ଜଣେ ଜଣେ ଦକ୍ଷ ତଥା ଦାୟିତ୍ୱବାନ ଆଇନଜୀବୀ ଭାବେ ନିଜକୁ ଗଢ଼ିତୋଳିବାକୁ ଉପଦେଶ ଦେଇଥିଲେ । ଏହି ସମାରୋହରେ ଅଧ୍ୟାପିକା ଜୟଶ୍ରୀ ମିଶ୍ର, ସୁଶ୍ରୀ ଏସ୍. ନାୟକ, ଶ୍ରୋବ୍ଧା ଶୋରନ୍, ଅଙ୍କିତା ପଟ୍ଟନାୟକ, ଅଧ୍ୟାପକ ଧୀରେନ୍ଦ୍ର ବେହେରା, ସୁନୀଲ କୁମାର ଜେନା, ବୀରେନ୍ଦ୍ର ମୁର୍ମୁଙ୍କ ସମେତ କର୍ମଚାରୀ ତାପସ ରଞ୍ଜନ ଜେନା, ସ୍ନେହାଶିଷ ଦାସ, ରବୀନ୍ଦ୍ର ପୁଟ୍ଟି, ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ଜୟନ୍ତ ବେହେରା, ଧର୍ମେନ୍ଦ୍ର ଦାସ ଓ ସଞ୍ଜୟ ଜେନା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ତୃତୀୟ ବର୍ଷର ଛାତ୍ରୀ ଦେବଯାନୀ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ବିଦ୍ୟାର୍ଥୀମାନେ ନବାଗତଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ନବାଗତ ଛାତ୍ରଛାତ୍ରୀମାନେ ଆତ୍ମପରିଚୟ ପ୍ରଦାନ ସହ ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ତେଜେଶ୍ୱିନୀ ସାହୁ, ବିକାଶ ଗୁପ୍ତା, ଦୀନଦୟାଲ ଖଣ୍ଡେଲୱାଲ, ନୀତିଶ ଅଡା, ରାଜଲକ୍ଷ୍ମୀ ମଲ୍ଲିକ, ରିତୀକ କୁମାର ମହାନ୍ତ, ଶୁଭ୍ରାଂଶୁ ଶେଖର ଦତ୍ତ, ରୂପାଲୀ ବରାଳ, ପ୍ରିୟବ୍ରତ ସିଂ ଓ ବର୍ଷା ପାତ୍ର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ପରିଶେଷରେ ଛାତ୍ରୀ ସନ୍ଧ୍ୟାରାଣୀ ବିନ୍ଧାଣି ଧନ୍ୟବାଦ ଅର୍ପଣ କରିଥିଲେ ଏବଂ କଲେଜ କର୍ତ୍ତୃପକ୍ଷ ନବାଗତ ଶିକ୍ଷାର୍ଥୀମାନଙ୍କର ଉଜ୍ଜ୍ୱଳ ଶିକ୍ଷାଜୀବନ କାମନା କରିଥିଲେ ।

# ପଥପ୍ରାନ୍ତ ନାଟକ ମାଧ୍ୟମରେ ସାକ୍ଷରତାର ବାର୍ତ୍ତା ପ୍ରଦାନ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଆନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ ଅବସରରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବାରିପଦା ବଡ଼ଦାଣ୍ଡରେ ସାକ୍ଷରତା ଓ ଶିକ୍ଷାର ଗୁରୁତ୍ୱ ନେଇ ଏକ ସଚେତନତାମୂଳକ ପଥପ୍ରାନ୍ତ ନାଟକ ଆୟୋଜିତ ହୋଇଛି। ଏହି ଅବସରରେ ପିଏମଶ୍ରୀ ଏମ.କେ.ସି. ଉଚ୍ଚ ବିଦ୍ୟାଳୟ ଓ ଲେଡି ହାମିଲଟନ ଉଚ୍ଚ ବିଦ୍ୟାଳୟ, ବାରିପଦାର ଛାତ୍ରଛାତ୍ରୀ ମାନେ ଯଥାକ୍ରମେ ଭୁଲ କାହାର ଏବଂ ଆଇ ବୁଢ଼ୀର କାହାଣୀ ଶୀର୍ଷକ ନାଟକ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାକ୍ଷରତା ହାର ବୃଦ୍ଧିରେ ଏଭଳି ନାଟକ ବେଶ ଉପଯୋଗୀ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିନୋଦ କୁମାର ସିଂ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକ, ଶିକ୍ଷଣ ସଂଯୋଜକ ଶୈଳବାଳା ବେହେରା ଏବଂ ସମାବେଶୀ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକଙ୍କ ସମେତ ଶିକ୍ଷା ବିଭାଗର କର୍ମକର୍ତ୍ତା, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ଉଭୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସେମାନଙ୍କ ଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କୁ ସାକ୍ଷରତା ଓ ଶିକ୍ଷା ପ୍ରତି ସଚେତନତା ସୃଷ୍ଟିରେ ଅବଦାନ ପାଇଁ ସ୍ମୃତିଚିହ୍ନ ପ୍ରଦାନ କରି ସମ୍ମାନିତ କରା ଯାଇଥିଲା ।

# ନିୟନ୍ତ୍ରିତ ବଜାର କମିଟିର ଗୋଦାମ ଗୃହ ଓ ସଭାକକ୍ଷ ନିର୍ମାଣ ନିମନ୍ତେ ଭୂମିପୂଜନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ନିୟନ୍ତ୍ରିତ ବଜାର କମିଟିର ମୁଖ୍ୟ ବଜାର ପ୍ରାଙ୍ଗଣରେ ନୂତନ ଗୋଦାମ ଗୃହ ଓ ସଭା କକ୍ଷ ନିମନ୍ତେ ଭୂମି ପୂଜନ ଓ ଭିତ୍ତିପ୍ରସ୍ତର ସ୍ଥାପନ ନିମନ୍ତେ ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ କମିଟି ଅଧକ୍ଷ ଅମରେନ୍ଦ୍ର ଦାସଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି । ନିୟନ୍ତ୍ରିତ ବଜାର କମିଟିର ଅଧକ୍ଷ ତଥା ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ପୌରହିତରେ ଅନୁଷ୍ଠିତ ଭୂମି ପୂଜନ ଉତ୍ସବରେ ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ନିୟନ୍ତ୍ରିତ ବଜାର କମିଟିର ଉପାଧକ୍ଷ ଦୀପ୍ତି ଦାସ, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ, କମିଟିର ସଦସ୍ୟ ବିପ୍ଳବ ଚୌଧୁରୀ, ପୂର୍ବତନ ପୌରପରିଷଦ ଅଧକ୍ଷ ମଧୁସୂଦନ ସାହୁ, ସୁରେଶ ଚନ୍ଦ୍ର ନନ୍ଦ, ଲାଲା



ଅରୁଣ କୁମାର ରାୟ ପ୍ରମୁଖ ଯୋଗ ଦେଇଥିଲେ । ଏହାପରେ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟରେ ୬୪ତମ ସାଧାରଣ କମିଟି ବୈଠକ ନିୟନ୍ତ୍ରିତ ବଜାର କମିଟି ଅଧକ୍ଷଙ୍କ ପୌରାହିତରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବଜାର କମିଟି ପକ୍ଷରୁ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ଅମରେନ୍ଦ୍ର ଦାସଙ୍କୁ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ଏହି ବୈଠକରେ ସଭ୍ୟ ମାନେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ । ବିଧାୟକ ଜଗତସିଂହପୁର ଓ ନାଉଗାଁ ଠାରେ ୨ଟି ଶୀତଳ ଭଣ୍ଡାର କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ । ଶେଷରେ ନିୟନ୍ତ୍ରିତ ବଜାର କମିଟିର ବରିଷ୍ଠ ରକ୍ଷକ ସନ୍ଦୀପ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

# ନଭେମ୍ବର ୧୨ରୁ ଆରମ୍ଭ ସଂସ୍କାର ଶିଶୁ ମହୋତ୍ସବ ‘ମୟୁରୀ’

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ନଭେମ୍ବର ୧୨ ରୁ ୧୫ ତାରିଖ ପର୍ଯ୍ୟନ୍ତ ସଂସ୍କାର ଶିଶୁ ମହୋତ୍ସବ ମୟୁରୀ ଅନୁଷ୍ଠିତ ହେବ ବୋଲି ଦିନ ଧାର୍ଯ୍ୟ ସହିତ ଘୋଷଣା କରାଯାଇଛି । ଏ ନେଇ ସ୍ଥାନୀୟ ମ୍ୟୁନିସପାଲଟି ଗେଷ୍ଟ ହାଉସ ପରିସରରେ ତ୍ରୟୋଦଶ ସଂସ୍କାର ଶିଶୁ ମହୋତ୍ସବ ମୟୁରୀ ୨୦୨୬ର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଥିଲା । ପବିତ୍ର ବରାହ ଜୟନ୍ତୀ ଅବସରରେ ସଂସ୍କାର ଶିଶୁ ମହୋତ୍ସବ ମୟୂରୀ ୨୦୨୬ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ପ୍ରାରମ୍ଭରେ ଡଃ ଆଦର୍ଶ ଶତପଥୀ ମଙ୍ଗଳା ଚରଣ ପାଠ କରିଥିଲେ । ସଂସ୍କାର ଶିଶୁ ମହୋତ୍ସବ ମୟୂରୀର ପ୍ରତିଷ୍ଠାତା ସମ୍ପାଦକ ସଞ୍ଜୟ କୁମାର ଚୌଧୁରୀ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ସମସ୍ତ ସଦସ୍ୟଙ୍କର ପରିଚୟ ପ୍ରଦାନ କରିଥିଲେ । ଏମପିସି ସ୍ୱୟଂ ଶାସିତ



ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷା ତଥା ମୟୁରୀର କାର୍ଯ୍ୟକାରୀ ସଭାପତି ଡଃ ବନଜା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ହେବାକୁ ଥିବା ମୟୂରୀର ଦିନ ଧାର୍ଯ୍ୟ ସହିତ ରୂପରେଖ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପୂର୍ବବର୍ଷ ପରି ଚଳିତ ବର୍ଷ ମଧ୍ୟ ପିଲାଙ୍କ ମହୋତ୍ସବ ମୟୁରୀ ନଭେମ୍ବର ୧୨ରୁ ୧୫ ତାରିଖ ( ଗୁରୁବାର ରୁ ରବିବାର) ପର୍ଯ୍ୟନ୍ତ ଚାରିଦିନ ଧରି ପାଳନ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା । ଚଳିତ ବର୍ଷ ପୂର୍ବ ବର୍ଷ ଅପେକ୍ଷା ଏହି ନିଆରା ଶିଶୁ ମହୋତ୍ସବ କିପରି ଅଧିକ ଆକର୍ଷଣୀୟ ହେବ ସେ ନେଇ ଆଲୋଚନା କରା ଯାଇଥିଲା, ପରବର୍ତ୍ତୀ ବୈଠକରେ ଅଭିଭାବକ ସମ୍ମିଳନୀ ଜରିଆରେ ସମସ୍ତ ଅଭିଭାବକଙ୍କୁ ନିମନ୍ତ୍ରିତ କରାଯିବ ବୋଲି ମଧ ନିଷ୍ପତ୍ତି ହୋଇଥିଲା । ବୈଠକରେ ବରେଣ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଅଧକ୍ଷ ଡଃ ଗଣେଶ୍ୱର ଭୋଇ, ଶିକ୍ଷାବିତ୍ କୈବଲ୍ୟ ପ୍ରସାଦ ମହାପାତ୍ର, ଅବସର ପ୍ରାପ୍ତ ଇଞ୍ଜିନିୟର ସୁନୀଲ କୁମାର ପ୍ରଧାନ, ଅବସରପ୍ରାପ୍ତ ପୁଲିସ ଅଧିକାରୀ ଦୁର୍ଗାପ୍ରସାଦ ମିଶ୍ର, ବରିଷ୍ଠ ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଡଃ ଶତପଥୀଙ୍କ ରଚିତ ଶ୍ରୀ ବରାହୋପାସନା ଦର୍ପଣ ପୁସ୍ତକ ଉନ୍ମୋଚିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମୟୁରୀର ସ୍ୱେଚ୍ଛାସେବୀ ହିମାଦ୍ରି ତନୟା ଚୌଧୁରୀ, ରଶ୍ମି ମହାପାତ୍ର, ହିମାଂଶୁ ସାହୁଙ୍କ ସମେତ ଆଇନଜୀବୀ ସୁଜାତାମିଶ୍ର, ଡଃ ହରିହର ଦାସ, ଡାକ୍ତର ପ୍ରକାଶ କଲିଆ, ସୁଧାମୟୀ ଦାସ, ଭଗବତୀ ଦାଶ, ସନ୍ଧ୍ୟା ରାଣୀ ଦାସ, ପୂର୍ଣ୍ଣିମା ପଣ୍ଡା, ବିନିତା ଦାସ, ବୀଣାପାଣି ଦାଶ, ସନ୍ତୋଷ କୁମାର କାସ୍ତ, ବିଶ୍ୱେଶ୍ୱର୍ ଦ୍ୱିବେଦୀ, ଜ୍ୟୋତି ରଞ୍ଜନ ଦାସ, ପ୍ରଦୀପ କୁମାର ଦାସ, ଅଚ୍ୟୁତ ପ୍ରସାଦ ମହାପାତ୍ର, ରେଣୁବାଳା ରଥ, ସତ୍ୟାନନ୍ଦ ସେଜପଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଛେନା ପୋଡ଼ କଟା ଯାଇ ସମସ୍ତ ସଦସ୍ୟ ଙ୍କ ମଧ୍ୟରେ ବଣ୍ଟା ଯାଇଥିଲା ଶେଷରେ ଅବସର ପ୍ରାପ୍ତ ଅଧକ୍ଷ ଡ଼ ସନ୍ଦୀପ କୁମାର ଚାନ୍ଦ ଧନ୍ୟବାଦ୍ ଅର୍ପଣ କରିଥିଲେ ।



# ପୂର୍ବତଟ ରେଳପଥ ଦ୍ୱାରା 'ଅପରେସନ ନାର୍କୋସ୍' ଅଭିଯାନ





**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥର ରେଳ ସୁରକ୍ଷା ବଳ (ଆରପିଏଫ୍) "ଅପରେସନ ନାର୍କୋସ୍" ଅଧୀନରେ ରେଳପଥ ମାଧ୍ୟମରେ ନିଶାଦ୍ରବ୍ୟ ଓ ସାଇକୋଟ୍ରୋପିକ୍ ଦ୍ରବ୍ୟର ବେଆଇନ ଚାଲାଣ ବିରୋଧରେ ଗୁଇନ୍ଦା ସୂଚନା ଆଧାରିତ ଅଭିଯାନକୁ ତୀବ୍ର କରିଛି। ଏହା "ନଶା ମୁକ୍ତ ଭାରତ" ପ୍ରତି ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି। ଏହି ଅଭିଯାନର ଅଂଶ ସ୍ୱରୂପ, ପୂର୍ବତଟ ରେଳପଥ ୧୮ଟି ନୂଆ କୁକୁର ଛୁଆଙ୍କୁ ସାମିଲ କରିଛି, ଯେଉଁଥିରେ ୧୫ଟି ସ୍ୱତନ୍ତ୍ର ନିଶାଦ୍ରବ୍ୟ ସନ୍ଧାନୀ କୁକୁର ଅଛନ୍ତି। ଏହାଫଳରେ ପୂର୍ବତଟ ରେଳପଥର ସନ୍ଧାନୀ କୁକୁର ସଂଖ୍ୟା ୩୩ କୁ ବୃଦ୍ଧି ପାଇଛି। ଏଥିମଧ୍ୟରୁ ୨୦ଟି କୁକୁରକୁ ସ୍ୱତନ୍ତ୍ର ଭାବେ ନିଶାଦ୍ରବ୍ୟ ଚିହ୍ନଟ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଏମାନେ ଟ୍ରେନ୍, ପ୍ଲାଟଫର୍ମ, ଲଗେଜ୍, ପାର୍ସଲ୍ ଅଞ୍ଚଳ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନରେ ଯାଞ୍ଚ କାର୍ଯ୍ୟରେ ସହାୟତା କରିବେ। ସାମିଲ ହୋଇଥିବା ନୂତନ କୁକୁର ଗୁଡିକର ସ୍ୱତନ୍ତ୍ର ପ୍ରଶିକ୍ଷଣ ୨୫ ଅକ୍ଟୋବର ୨୦୨୬ରୁ ଆରମ୍ଭ ହେବ ଏବଂ ମାର୍ଚ୍ଚ ୨୦୨୭ ସୁଦ୍ଧା ସେମାନେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବେ। ପୂର୍ବତଟ ରେଳପଥ ରେଳ ସୁରକ୍ଷା ବଳ (ଆରପିଏଫ୍) ନିଶାଦ୍ରବ୍ୟ ଚାଲାଣ ରୋକିବା ପାଇଁ ସିସିଟିଭି ନିରୀକ୍ଷଣ, ବ୍ୟାଗେଜ୍ ସ୍କାନର, ଡ୍ରୋନ୍ ନିରୀକ୍ଷଣ ଓ ଉନ୍ନତ ବିଶ୍ଳେଷଣ ପ୍ରଣାଳୀର ବ୍ୟବହାର କରୁଛି। ଏଥିସହ ଜିଆରପି, ରାଜ୍ୟ ପୁଲିସ ଓ ଅନ୍ୟାନ୍ୟ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ସହିତ ସମନ୍ୱୟ ରଖି ଗୁଇନ୍ଦା ସୂଚନା ଆଦାନପ୍ରଦାନ ଓ ମିଳିତ ଅଭିଯାନ କରୁଛି । ଜାନୁଆରୀ ରୁ ଅଗଷ୍ଟ ୨୦୨୬ ମଧ୍ୟରେ, 'ଅପରେସନ୍ ନାର୍କୋସ୍' ଅଧୀନରେ ୭୫ ଟି ମାମଲା ଚିହ୍ନଟ କରାଯାଇଛି, ପ୍ରାୟ ୩.୬୦ କୋଟି ଟଙ୍କା ମୂଲ୍ୟର ୧,୦୭୯.୬୪୨ କିଲୋଗ୍ରାମ ଗଞ୍ଜେଇ ଏବଂ ୬୦ ବୋତଲ କୋଡିନ୍-ଭିତ୍ତିକ କଫ୍ ସିରପ୍ ଜବତ କରାଯାଇଛି ଏବଂ ନିଶାଦ୍ରବ୍ୟ କାରବାରରେ ସଂପୃକ୍ତ ୯୨ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।

## ଜଳେଶ୍ୱର ରାସ୍ତାକୁ ନେଇ ପୂର୍ତ୍ତ ବିଭାଗର ବଡ଼ ପଦକ୍ଷେପ

# ୭ ଦିନରେ ମରାମତି ପ୍ରତିଶ୍ରୁତି : ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାମ ଯଥା ଶୀଘ୍ର ଆରମ୍ଭ

**ଜଳେଶ୍ୱର, ନ୍ୟୁଜ ବ୍ୟୁରୋ**

ଜଳେଶ୍ୱର ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ରାସ୍ତାଗୁଡ଼ିକର ତୁରନ୍ତ ମରାମତି ସହ ଦୀର୍ଘମିଆଦୀ ଭିତ୍ତିଭୂମି ବିକାଶକୁ ନେଇ ପୂର୍ତ୍ତ ବିଭାଗ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ବାଲେଶ୍ୱର ପୂର୍ତ୍ତ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ମାନସ ରଞ୍ଜନ ସେଠୀ ଏବଂ ଅଧୀକ୍ଷଣ ଯନ୍ତ୍ରୀ ଇଂ. ରଞ୍ଜନ ମହାଲିକଙ୍କ ଉପସ୍ଥିତିରେ ଏହି ଆଲୋଚନା ହୋଇଥିଲା। ଜଳେଶ୍ୱର ପୌରପରିଷଦ ଅଧୀନସ୍ଥ ବାରମୁହା ପୋଲଠାରୁ ଚାଲନ୍ତି ରେଳ ଓଭରବ୍ରିଜ୍ ପର୍ଯ୍ୟନ୍ତ, ବଡ଼ବଜାର ଛକଠାରୁ ବାସନ୍ତୀ ପଡ଼ିଆ ପର୍ଯ୍ୟନ୍ତ ଏବଂ ବଡ଼ବଜାର ଛକଠାରୁ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଅଧୀନରେ ଥିବା ରାସ୍ତାଗୁଡ଼ିକ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ କ୍ଷତିଗ୍ରସ୍ତ ହୋଇଛି। ଏହା ଫଳରେ ଯାତାୟାତରେ ସାଧାରଣ ଲୋକଙ୍କୁ ଅସୁବିଧା ଭୋଗିବାକୁ ପଡୁଥିବା ବିଷୟ ଆଲୋଚନାରେ ଉଠିଥିଲା।କ୍ଷତିଗ୍ରସ୍ତ ରାସ୍ତାଗୁଡ଼ିକର ତୁରନ୍ତ ମରାମତି ନେଇ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ବିସ୍ତୃତ ଆଲୋଚନା କରାଯାଇଥିଲା। ଆଲୋଚନା ସମୟରେ ଉକ୍ତ ରାସ୍ତାଗୁଡ଼ିକୁ ସାତ ଦିନ ମଧ୍ୟରେ ପିଚୁ ଦ୍ୱାରା ମରାମତି କରାଯିବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡ଼ିଛି। ଏଥିସହିତ ବାରମୁହା ପୋଲଠାରୁ ଚାଲନ୍ତି ରେଳ ଓଭରବ୍ରିଜ୍ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ରାଜ୍ୟ ସରକାରଙ୍କ ଅନୁମୋଦିତ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟର କାର୍ଯ୍ୟାଦେଶ ପାଇଥିବା ଠିକାଦାର ସଞ୍ଜୀବ କୁମାର ନାୟକଙ୍କୁ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ବିଭାଗୀୟ ସ୍ତରରେ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଜଳେଶ୍ୱରରୁ ପଶ୍ଚିମବାର୍ଡ ରାସ୍ତାର ମରାମତି, ବାଘାବାଳିଠାରୁ ରାଇବଣିଆ ରାସ୍ତାର ମରାମତି ଏବଂ କେଶପୁରାଠାରୁ ନମକାନା ଭାୟା ପାଇକାସିଦା, ଉତ୍ତରପଡ଼ା ଓ ଖଳାବାଡ଼ିଆ ରାସ୍ତାର ପ୍ରଶସ୍ତିକରଣ ଓ ମରାମତି ସମ୍ପର୍କରେ ମଧ୍ୟ ପୂର୍ତ୍ତ ବିଭାଗ ସହ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଜଳେଶ୍ୱର ବ୍ଲକ୍ ପ୍ରତିନିଧି ବ୍ରଜ ମୋହନ ପ୍ରଧାନ, ବିଜେପି ଯୁବ ନେତା ଫାଲଗୁନି ପାଣିଗ୍ରାହୀ, ଜଳେଶ୍ୱର ନଗର ସଭାପତି ଶିବନାରାୟଣ ମହାପାତ୍ର, ରାଜେଶ ଖଟୁଆ, ତାପସ ପାଣିଗ୍ରାହୀ, ପ୍ରବୀର ଦାସ, ଅଞ୍ଜନ କୁମାର ଦାସ ଓ କାଳିଚରଣ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।ଜଳେଶ୍ୱର ଅଞ୍ଚଳର ରାସ୍ତାଘାଟର ଉନ୍ନତି, ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ଜନସାଧାରଣଙ୍କ ଯାତାୟାତ ସୁବିଧାକୁ ନଜରରେ ରଖି ଏହି ସମସ୍ତ କାର୍ଯ୍ୟକୁ ଶୀଘ୍ର ଆରମ୍ଭ ଓ ସମୟୋଚିତ ଭାବେ ସମ୍ପୂର୍ଣ୍ଣ କରିବା ଉପରେ ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ସ୍ଥାନୀୟ ଅଞ୍ଚଳର ରାସ୍ତା ସମସ୍ୟାର ସମାଧାନ ଦିଗରେ ବିଭାଗୀୟ ଅଧିକାରୀଙ୍କ ଏହି ପ୍ରତିଶ୍ରୁତି ଆଗାମୀ ଦିନରେ ଜଳେଶ୍ୱରବାସୀଙ୍କ ଯାତାୟାତ ବ୍ୟବସ୍ଥାକୁ ଅଧିକ ସୁଗମ କରିବ ବୋଲି ଆଶା ପ୍ରକାଶ ପାଇଛି।



# ବିନା ଅନୁମତିରେ କାର୍ଯ୍ୟାଳୟ ଛାଡିପାରିବେ ନାହିଁ ତହସିଲଦାର

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ୯ଗୋଟି ତହସିଲ୍‌ରେ ନିଜର ଦାୟିତ୍ୱ ତୁଲାଉଥିବା ତହସିଲଦାରମାନେ ଉପଜିଲ୍ଲାପାଳଙ୍କ ବିନା ଅନୁମତିରେ ତହସିଲ୍ କାର୍ଯ୍ୟାଳୟ ଛାଡିପାରିବେ ନାହିଁ ବୋଲି ସୁଚନା ଦିଆଯାଇଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବନ୍ୟାର କାର୍ଯ୍ୟ ଚାଲୁଥିବା ଓ ଗଣେଶ ପୂଜା ଚାଲୁଥିବାରୁ ଭସାଣୀ ଉତ୍ସବରେ ତହସିଲଦାରମାନେ ଉପସ୍ଥିତ ରହି ଭସାଣୀର ପ୍ରତ୍ୟେକ କାର୍ଯ୍ୟକୁ ତଦାରଖ କରିବେ ବୋଲି ସେମାନଙ୍କୁ ସୂଚନା ଦିଆଯାଇଛି। ଏଥିସହିତ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ସହିତ ଭସାଣୀ ଉତ୍ସବ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିନିମନ୍ତେ କୌଣସି ତହସିଲଦାର ବିନା ଅନୁମତିରେ କାର୍ଯ୍ୟାଳୟ ଛାଡିପାରିବେ ନାହିଁ ବୋଲି ସୂଚନା ଦିଆଯାଇଛି।

## ପୂଜା ମଣ୍ଡପରୁ ପଙ୍ଖା ଚୋରି ଅଭିଯୋଗରେ ୩ ଗିରଫ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ବୌଦ୍ଧ ଆଦର୍ଶ ଥାନା ପକ୍ଷରୁ ପ୍ରାପ୍ତ ସୂଚନା ଅନୁଯାୟୀ ସହରର ବୁଟୁପାଲି ଠାରେ ଗଣେଶ ପୂଜା ମଣ୍ଡପରୁ ଗୋଟିଏ ଷ୍ଟାଣ୍ଡ ପଙ୍ଖା ଚୋରି କରି ନେଇଥିବା ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଗଣେଶ ପୂଜା ଦିନ ସନ୍ଧ୍ୟାରେ ବୁଟୁପାଲି ଠାରେ ହୋଇଥିବା ଏକ ଗଣେଶ ପୂଜା ମଣ୍ଡପରୁ ଗୋଟିଏ ଷ୍ଟାଣ୍ଡ ପଙ୍ଖା ଚୋରି ହୋଇଥିଲା । ପୂଜା କମିଟି ସଦସ୍ୟମାନେ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପଙ୍ଖା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ବୌଦ୍ଧ ସହର ନୂଆସାହି ଅଞ୍ଚଳର ବୋଲି ଆଇଆଇସି ରଞ୍ଜିତ କୁମାର ମୁନୀ ସୂଚନା ଦେଇଛନ୍ତି ।

## ଚାନ୍ଦିପୁର ସମୁଦ୍ରତଟରେ ସଫେଇ ଅଭିଯାନ

# ଉପକୂଳ ସୁରକ୍ଷାର ବାର୍ତ୍ତା ସମାଜର ପ୍ରତ୍ୟେକ ସ୍ତରକୁ ପହଞ୍ଚାଇବାକୁ ଆହ୍ୱାନ




**ବାଲେଶ୍ୱର, ନ୍ୟୁଜ**

ଅନ୍ତର୍ଜାତୀୟ ଉପକୂଳ ପରିଚ୍ଛନ୍ନତା ଦିବସ-୨୦୨୬ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାନ୍ଦିପୁର ସମୁଦ୍ରକୂଳରେ ସଫେଇ ଓ ସଚେତନତା ଅଭିଯାନ ଆୟୋଜିତ ହୋଇଛି। 'ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର ୫.୦' ଅଧୀନରେ ହୋଇଥିବା ଏହି ଅଭିଯାନରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଯୋଗଦେଇ ସମୁଦ୍ରକୂଳ ସଫା କରିବା ସହ ପ୍ଲାଷ୍ଟିକ ପ୍ରଦୂଷଣ ବିରୋଧରେ ସଚେତନତା ସୃଷ୍ଟି କରିଥିଲେ। ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ଅଧୀନ ଜାତୀୟ ସମୁଦ୍ର ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଓଟି) ଏବଂ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ସହଯୋଗରେ 'ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର ୫.୦' ଅଧୀନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ଅଭିଯାନରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲାଙ୍କ ସମେତ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ମୁଖ୍ୟମାନେ ଯୋଗଦେଇଥିଲେ। ସମସ୍ତ ବିଶ୍ୱବିଦ୍ୟାଳୟ ପରିବାର ସାମିଲ ହୋଇ ଉପକୂଳ ସୁରକ୍ଷା ପାଇଁ ନିରନ୍ତର ଜନସହଭାଗିତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ କୁଳପତି ପ୍ରଫେସର ତ୍ରିପାଠୀ କହିଥିଲେ ଯେ, ଉପକୂଳ ସୁରକ୍ଷା କେବଳ ଗୋଟିଏ ଦିନର ବିଷୟ କିମ୍ବା ବାର୍ଷିକ ପରିଚ୍ଛନ୍ନତା ଅଭିଯାନରେ ସୀମିତ ରହିବା ଉଚିତ ନୁହେଁ, ଏହା ଦୈନନ୍ଦିନ ନାଗରିକ ଆଚରଣର ଏକ ପ୍ରମୁଖ ଅଂଶବିଶେଷ ହେବା ଆବଶ୍ୟକ। ଛାତ୍ରଛାତ୍ରୀ ଓ ସାଧାରଣ ନାଗରିକମାନେ ପରିବେଶ ସୁରକ୍ଷାର ଭାର ଗ୍ରହଣ ସହ ଦାୟିତ୍ୱପୂର୍ଣ୍ଣ ଭାବେ- ବର୍ଜ୍ୟବସ୍ତୁର ପରିଚାଳନା, ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକର ହ୍ରାସ ଏବଂ ଉପକୂଳ ସୁରକ୍ଷାର ବାର୍ତ୍ତା ସମାଜର ପ୍ରତ୍ୟେକ ସ୍ତରକୁ ପହଞ୍ଚାଇବାକୁ ସେ ଆହ୍ୱାନ ଦେଇଥିଲେ। ଅଭିଯାନରେ ଅଂଶଗ୍ରହଣକାରୀମାନେ ସମୁଦ୍ରକୂଳ ପରିଚ୍ଛନ୍ନ କରି ବିପୁଳ ପରିମାଣର ବର୍ଜ୍ୟବସ୍ତୁ ସଂଗ୍ରହ କରିଥିଲେ। ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ଯୋଗୁଁ ସାମୁଦ୍ରିକ ପରିବେଶ ଓ ଜୀବବିବିଧତା ଉପରେ ପଡୁଥିବା କ୍ଷତିକାରକ ପ୍ରଭାବ ସମ୍ପର୍କରେ ସଚେତନତାମୂଳକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଅଭିଯାନରେ ଏହି ବାର୍ତ୍ତା ଦିଆଯାଇଥିଲା ଯେ, ସମୁଦ୍ରକୁ ବର୍ଜ୍ୟବସ୍ତୁ ପହଞ୍ଚିବାକୁ ରୋକିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ପୂର୍ବରୁ ସୃଷ୍ଟି ହୋଇଥିବା ପ୍ରଦୂଷଣକୁ ସଫା କରିବା ମଧ୍ୟ ସେତିକି ଆବଶ୍ୟକ। ସ୍ଥାନୀୟ ଲୋକଙ୍କୁ ପରିବେଶ ଅନୁକୂଳ ଜୀବନଶୈଳୀ ଆପଣାଇବା, ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାର କମାଇବା ଏବଂ ଉପକୂଳୀୟ ଜୈବବିବିଧତା ସହ ଓଡ଼ିଶାର ସମୁଦ୍ରୀୟ ଐତିହ୍ୟର ସୁରକ୍ଷାରେ ନିଜ ଭୂମିକା ପାଳନ କରିବାକୁ ପରାମର୍ଶ ଦିଆଯାଇଥିଲା। ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଭାଗର ସହକାରୀ ପ୍ରାଧ୍ୟାପିକା ଡ଼କ୍ଟର ସ୍ମୃତିରେଖା ସାହୁଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଜାତୀୟ ସେବା ଯୋଜନା ବ୍ୟୁରୋର ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଏବଂ ଓମ୍‌ବ୍ରିକ ପ୍ରକଳ୍ପର ସଂଯୋଜକ ପ୍ରଫେସର ଭାରତ ଭୂଷଣ ପଟ୍ଟନାୟକ ସହଯୋଗ କରିଥିଲେ। ଏହି ପଦକ୍ଷେପ ମାଧ୍ୟମରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିବେଶ ଶିକ୍ଷା, ଜନସହଭାଗିତା ଓ ସ୍ଥାୟୀ ବିକାଶ ପ୍ରତି ନିଜର ପ୍ରୟାସକୁ ପ୍ରକାଶ କରିବାରେ ସକ୍ଷମ ହୋଇଛି। ଉପକୂଳ ପରିଚ୍ଛନ୍ନତାକୁ ବର୍ଷର ଗୋଟିଏ ଦିନର ଅଭିଯାନରେ ସୀମିତ ନରଖି ଏହାକୁ ନିରନ୍ତର ଜନଦାୟିତ୍ୱରେ ପରିଣତ କରିବା ଏହି ଅଭିଯାନର ମୁଖ୍ୟ ଆହ୍ୱାନ ଥିଲା।

## ଜାରକାକୁ ତୁରନ୍ତ ଏନଏସି ଘୋଷଣ କରାଯିବାକୁ ଦାବି

**ଧର୍ମଶାଳା, ନ୍ୟୁଜ ବ୍ୟୁରୋ**

ଧର୍ମଶାଳାନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜାରକା ସହରାଞ୍ଚଳକୁ ରାଜ୍ୟ ସରକାର ଏନଏସି ଘୋଷଣାକରୁ ନଥିବାରୁ ଧର୍ମଶାଳା ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଦଳମତ ନିର୍ବିଶେଷରେ ଧର୍ମଶାଳାକୁ ଏନଏସି କରିବାପାଇଁ ୪୦ବର୍ଷଧରି ଆନ୍ଦୋଳନ ହୋଇଆସିଛି। ପୂର୍ବତନ ବିଧାୟକ ସ୍ୱର୍ଗତ ରବିଲାବଣ୍ୟ ବଞ୍ଚିଥିବା ସମୟରେ ନିଜେ ଲିଖିତଭାବେ ବିଭାଗୀୟ ମନ୍ତ୍ରୀଙ୍କୁ ଭେଟି ଦାବି ଉପସ୍ଥାପନ କରିଥିଲେ। ଜାରକାକୁ ଏନଏସି ଘୋଷଣାକରି ନିର୍ବାଚନପୂର୍ବରୁ ସରକାରୀ ଚିଠି ନଂ ୬୧୨୪ତା ୧୩.୩.୨୪ରେ ଗୃହ ଓ ନଗର ଉର୍ନ୍ନୟନ ବିଭାଗପକ୍ଷରୁ ଜିଲ୍ଲାପାଳଙ୍କୁ ରିପୋର୍ଟ ଦେବାକୁ କୁହାଯାଇଥିଲା। ଏଥିପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଚାଲିଥିଲା। ପୁନର୍ବାର ବିଭାଗ ଚିଠି ନଂ୨୨୭୧୫ତା ୦୨.୧୧.୨୪ ରିମାଇଣ୍ଡର ଚିଠିରେ ଯାଜପୁର ଜିଲ୍ଲାପାଳଙ୍କୁ ରିପୋର୍ଟ ମଗାଯାଇଛି। ଏନଏସି ଘୋଷଣା ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ ଉଦାସୀନତାରୁ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି।

# ହଳଦିଆପଦର ରେଳ ଓଭରବ୍ରିଜ୍ ପାଲଟିଛି ବ୍ଲାକ୍ ସ୍ପଟ୍

## ୨୮ଟି ଦୁର୍ଘଟଣାରେ ଗଲାଣି ୧୩ ଜୀବନ, ୨୩ ଗୁରୁତର

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ହଳଦିଆପଦର ରେଳ ଓଭରବ୍ରିଜ୍‌ରେ ମର୍ମନ୍ତୁଦ ଦୁର୍ଘଟଣା ଘଟି ୫ ଜୀବନ ଚାଲିଗଲା । ପୂର୍ତ୍ତ ବିଭାଗ ଖୋଳତାଡ଼ କଲା । ପରିବହନ ବିଭାଗ ତଦନ୍ତ କଲା। ବ୍ରିଜ୍ ନିର୍ମାଣରେ ତ୍ରୁଟି ଥିବା ସମସ୍ତେ କହିଲେ । ତ୍ରୁଟି ସଂଶୋଧନ ପାଇଁ ପ୍ରସ୍ତାବ ଦେଲେ । ଶେଷରେ ଦୁଇଟି ହମ୍ପସ୍ ଏବଂ ବ୍ରିଜ୍ ସାରା ସାଇନ୍ ବୋର୍ଡ଼ ଲଗାଇ କାମ ସାରିଦେଲେ। ଜାନୁଆରୀ ୩୧ ତାରିଖ ଦିନ ୧.୦୫ ରେ ଟ୍ରକ୍ ଓଭରଟେକ୍ କରିବାକୁ ଯାଇ ତିନୋଟି ମୋଟର ସାଇକେଲ୍ ଉପରେ ଚଢ଼ି ଯାଇଥିଲା । ଏଥିରେ ୫ ଜଣ ଯୁବକଙ୍କ ମୃତ୍ୟୁ ହୋଇଥିଲା । ଘଟଣାର ଗୁରୁତ୍ୱକୁ ଉପଲବ୍ଧ କରି ସୁପ୍ରିମ୍‌କୋର୍ଟ କମିଟି ଅନ୍‌ରୋଡ୍ ସେଫ୍ଟି ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି କରିଥିଲେ। ଏକ ବିଶେଷଜ୍ଞ ଦଳ ଦ୍ୱାରା ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରି ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାରି ଆଧାରରେ ଫେବୃୟାରୀ ୨୬ ଓ ଏପ୍ରିଲ୍ ୨୮ରେ ମୁଖ୍ୟଯନ୍ତ୍ରୀ ପ୍ଲାନିଂ ଇନ୍‌ଭେଷ୍ଟିଗେସନ୍ ଆଣ୍ଡ ପ୍ରୋକ୍ୟୁରେମେଣ୍ଟ ଇଂ. ହିରାଲାଲ୍ ଅଗ୍ରୱାଲଙ୍କ ନେତୃତ୍ୱରେ ବୈଷୟିକ ଯାଞ୍ଚ୍ ଟିମ୍ ବ୍ରିଜ୍ ପରିଦର୍ଶନ କରିଥିଲେ। ତନ୍ନ ତନ୍ନ ଯାଞ୍ଚ୍ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । କଣ ରିପୋର୍ଟ ପ୍ରଦାନ କରିଛନ୍ତି ଏଯାଏଁ ସାର୍ବଜନୀନ ହୋଇନାହିଁ । ଗୋସାଇଁନୂଆଗାଁ ଓ ୧୬ ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ହଳଦିଆପଦର ରେଳ ଓଭରବ୍ରିଜ୍ ଏକ ପ୍ରମୁଖ ବ୍ଲାକ୍ ସ୍ପଟ୍ । ୨୦୧୯ ପରଠାରୁ ଏଠାରେ ୨୮ଟି ଦୁର୍ଘଟଣା ଘଟି ୧୩ ଜଣଙ୍କ ଜୀବନହାନୀ ହୋଇଛି ଏବଂ ୨୩ ଜଣ ଗୁରୁତର ଆହତ ହୋଇଛନ୍ତି । ହଳଦିଆପଦର ରେଳ ଓଭରବ୍ରିଜ୍‌ର ତ୍ରୁଟିପୂର୍ଣ୍ଣ ଡ଼ିଜାଇନ୍ କାରଣରୁ ଯାତ୍ରୀ ଭୁଲ୍ ଦିଗରେ ଗାଡ଼ି ଚଳାଇ ରାସ୍ତା ସହ ଯୋଡ଼ି ହେଉଛନ୍ତି। ଯାହା ଗୁରୁତର ଟ୍ରାଫିକ୍ ସମସ୍ୟା ସୃଷ୍ଟି କରିବା ସହ ନିୟମିତ ଦୁର୍ଘଟଣା ଘଟୁଛି ବୋଲି କ୍ରାଇମ୍‌ବ୍ରାଞ୍ଚ୍‌ର କ୍ରିମିନାଲ୍ ଇନ୍‌ଭେଷ୍ଟିଗେସନ୍ ଡ଼ିପାର୍ଟମେଣ୍ଟ ରାଜ୍ୟ ଗୃହ ବିଭାଗକୁ ମଇ ମାସରେ ଦେଇଥିବା ବିସ୍ତୃତ ରିପୋର୍ଟରେ ଉଲ୍ଲେଖ କରିଥିଲା। ଗୃହ ବିଭାଗକୁ ଦିଆଯାଇଥିବା ରିପୋର୍ଟରେ ଆହୁରି ଦର୍ଶାଯାଇଥିଲା ଯେ, ହଳଦିଆପଦର ରେଳ ଓଭରବ୍ରିଜ୍‌ର ସୁରକ୍ଷା ଅଡିଟ୍ କରିବା ଏବଂ ଆବଶ୍ୟକ ତ୍ରୁଟି ସଂଶୋଧନ କରିବାକୁ ଜିଲ୍ଲା କ୍ରାଇମ୍ ରେକର୍ଡ଼ ବ୍ୟୁରୋରେ ରାଜ୍ୟ ପରିବହନ ଆୟୁକ୍ତଙ୍କୁ ଜଣାଇଛି । ମାତ୍ର ସିଆଇଡ଼ି-ସିବିର ରିପୋର୍ଟକୁ ବି ଗୁରୁତ୍ୱ ଦିଆଯାଇନି । କାରଣ ତ୍ରୁଟି ସଂଶୋଧନ ଦିଗରେ ପଦକ୍ଷେପ ଶୂନ୍ୟ ରହିଛି । ପୂର୍ତ୍ତ ବିଭାଗ ଟିମ୍ ଯାଞ୍ଚର କିଛି ଦିନ ପରେ ହଳଦିଆପଦର ରେଳ ଓଭରବ୍ରିଜ୍‌ରେ ରାସ୍ତାର ଉଭୟ ପାର୍ଶ୍ୱରେ ସାଇନ୍‌ବୋର୍ଡ଼ ଲାଗିଲା । ସଡ଼କ ସୁରକ୍ଷାର ବିଭିନ୍ନ ବାର୍ତ୍ତା ଦେଉଥିବା ୫୦ରୁ ଅଧିକ ସାଇନ୍‌ବୋର୍ଡ଼ ଲାଗିଛି। ଏପରିକି ସଡ଼କ ସୁରକ୍ଷାର ସାଇନ୍ ମଧ୍ୟ ରହିଛି।




ଯାଜପୁର ରୋଡ : ଟ୍ରକ ମାଲିକ ସଂଘର ବିଶ୍ୱକର୍ମା ପୂଜାରେ ଯୋଗଦେଲେ କୋରେଇ ବିଧାୟକ ଆକାଶ ଦାସନାୟକ । (ଫଟୋ : ସମ୍ବାଦ କଳିକା)

# କେବିକେ ବିକାଶ ଯୋଜନାରେ ୩୦୩ ପ୍ରକଳ୍ପ ପାଇଁ ୧୦ କୋଟିର ପ୍ରସ୍ତାବ

**ନବରଙ୍ଗପୁର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ପ୍ରଥମ ଜିଲ୍ଲା ଭାବେ ଜିଲ୍ଲା ଯୋଜନା ବୋର୍ଡର ସଦସ୍ୟମାନଙ୍କ ନିର୍ବାଚନ ସମାପ୍ତ ହେବା ପରେ ଚଳିତ ବର୍ଷର ପ୍ରଥମ ତଥା ୨୪ତମ ଜିଲ୍ଲା ଯୋଜନା କମିଟି ବୈଠକ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ବଳଭଦ୍ର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରୀଗାଁ ବିଧାୟକ ନରସିଂହ ଭତ୍ରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ଓ ଉପାଧ୍ୟକ୍ଷ, କମିଟିର ସମସ୍ତ ସଦସ୍ୟ, ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ, ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଡ଼ିଓମାନେ ଉପସ୍ଥିତ ଥିଲେ। ବୈଠକରେ ଅଧ୍ୟକ୍ଷ ଶ୍ରୀ ମାଝୀ କେବିକେ ବିକାଶ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ସହ ଲୋକଙ୍କ ସାର୍ବନିମ୍ନ ଆବଶ୍ୟକତା ପୂରଣକୁ ଗୁରୁତ୍ୱ ଦେଇଥିଲେ। ବିଶେଷକରି ପାନୀୟ ଜଳ, ବିଜୁଳି ଓ ସଡ଼କ ଭଳି ମୌଳିକ ସୁବିଧାର ବିକାଶ ପାଇଁ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ସେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱଳ୍ପବୃଷ୍ଟିପାତ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ପାଇଁ ଆବଶ୍ୟକ ପ୍ରକଳ୍ପର ତାଲିକା ପ୍ରସ୍ତୁତ କରି ଅନୁମୋଦନ ପରେ ତ୍ୱରିତ କାର୍ଯ୍ୟାନ୍ୱୟନ ଏବଂ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ତାଲିକାଭୁକ୍ତ ପ୍ରକଳ୍ପଗୁଡ଼ିକର ଫିଜିବିଲିଟି ରିପୋର୍ଟ ଶୀଘ୍ର ପ୍ରଦାନ ଉପରେ ଆଲୋଚନା ହୋଇଥିଲା। ଜିଲ୍ଲାର ବୟନ ଶିଳ୍ପର ବିକାଶ ସହ ବୁଣାକାରମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଜିଲ୍ଲା ମୁଖ୍ୟାଳୟରେ ବୟନ ଶିଳ୍ପ ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଖୋଲିବା ନେଇ ଆଲୋଚନା ହୋଇଥିଲା। ଏଥିସହ ଗୋଶାଳାର ସଫଳ କାର୍ଯ୍ୟାନ୍ୱୟନ, ମାଛ ଓ ଚିଙ୍ଗୁଡ଼ି ଚାଷକୁ ପ୍ରୋତ୍ସାହନ ପାଇଁ ଉପଯୋଗୀ ପୋଖରୀ ଓ ବନ୍ଧର ତାଲିକା ପ୍ରସ୍ତୁତି, କ୍ରୀଡ଼ା ଭିତ୍ତିଭୂମି, ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ଷ୍ଟାଡିୟମ ନିର୍ମାଣକୁ ଅଗ୍ରାଧିକାର ଭିତ୍ତିରେ ଆଗେଇ ନେବାକୁ ଗୁରୁତ୍ୱ ଦିଆଯାଇଥିଲା। ସେହିଭଳି ମେଡିକାଲ କଲେଜ ନିର୍ମାଣ, ଜିଏନଏମ କଲେଜ ସ୍ଥାନାନ୍ତରଣ ଓ ବାଇପାସ୍ ରାସ୍ତା ନିର୍ମାଣ ଭଳି ପ୍ରମୁଖ ଉନ୍ନୟନ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ସମସ୍ତ ତହସିଲଦାର ଓ ଶିକ୍ଷା ବିଭାଗ ମଧ୍ୟରେ ସମନ୍ୱୟ ରଖି ଯଥାଶୀଘ୍ର ବିଦ୍ୟାଳୟଗୁଡ଼ିକୁ ଜମି ପଟ୍ଟା ପ୍ରଦାନ କରିବା ସହ ଜିଲ୍ଲାର ଭୂମିହୀନ ପରିବାରଙ୍କୁ ବସୁନ୍ଧରା ପଟ୍ଟା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୧।୦୯।୨୦୨୬, ଆଶ୍ୱିନ ଦି୫ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୩୭।୧୮ ଚନ୍ଦ୍ରୋଦୟ- ଦିଘ୨।୧୮।୦୪**

ଦଶମୀ ରାଘ ୮/୦୪ ପର୍ଯ୍ୟନ୍ତ, ଉତ୍ତରାଷାଢ ନକ୍ଷତ୍ର ଅହୋରାତ୍ର, ଧନୁ ଚନ୍ଦ୍ର ଦିଘ ୧୧/୧୫ ପର୍ଯ୍ୟନ୍ତ। ଚନ୍ଦ୍ରଶୁଦ୍ଧି, ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ, ମୀନ ରାଶିର। ଦିଘ ୧୧/୧୫ ଗତେ ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର ମୀନ ରାଶିର। ଘାତଚନ୍ଦ୍ର ତୁଳା ଓ କୁମ୍ଭ ରାଶିର। ଦିଘ ୧୧/୧୫ ଗତେ ସିଂହ ରାଶିର। ଶ୍ରାଦ୍ଧ ନିର୍ଣ୍ଣୟ ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ନିଷିଦ୍ଧଖାଦ୍ୟ, କଳମଶାଗ ରାଘ ୮/୦୪ ଗତେ ଶିମ୍ବ ଓ ଆମିଷ ଖାଇବା ମନା। ଆଜିର ଶୁଭ ବେଳା-ପ୍ରାଘ ୫/୪୦ ଗତେ ଦିଘ ୭/୧୧ ମଧ୍ୟେ ଦିଘ ୮/୫୩ ଗତେ ଦିଘ ୧୧/୧୩ ମଧ୍ୟେ।

**ମେଷ:** ନିଜର କାର୍ଯ୍ୟ ସାର୍ଥକ ହେବା ସହିତ ସମସ୍ୟା ଦୂର ହେବ। ଅଟକି ରହିଥିବା କାର୍ଯ୍ୟ ସମାପ୍ତ ହେବ। ପାରିବାରିକ ଶାନ୍ତି ଭଙ୍ଗ ହେବ। ଆଚାର ପରିମାଣ ବଢିବ। ଅଳସୁଆମି ଦେଖାଦେବ।

**ବୃଷ:** କର୍ମକ୍ଷେତ୍ରରେ ସମ୍ମାନ ଲାଭ ହେବ। ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଆଲୋଚନା କରିବେ। ପ୍ରଶଂସିତ ହେବେ। ଆୟ ଓ ବ୍ୟୟ ସମାନ ହେବ। ପାରିବାରିକ ଶାନ୍ତି ବଜାୟ ରହିବ। ସେବା ପୂଜାରେ ଯୋଗ ଦେବେ।

**ମିଥୁନ:** ଶ୍ରମ ଜନିତ କ୍ଳାନ୍ତି ଅନୁଭବ କରିବେ। ମାନସିକ ଦୁଶ୍ଚିନ୍ତା ଦୂର ହେବ। ରୋଜଗାରରେ ଉନ୍ନତି। ଆଜିର ଯାତ୍ରାରେ କାର୍ଯ୍ୟ ହାସଲ ହେବ। ପାରିବାରିକ ସମସ୍ୟାର ସମାଧାନ ହେବ। ଭ୍ରମଣ ଯୋଗ ରହିଛି।

**କର୍କଟ:** କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେବ । ଆୟଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଅଶାନ୍ତି କଳହ ଦେଖାଦେଇପାରେ । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ମନ ଅସ୍ଥିର ରହିବ ।

**ସିଂହ:** ଘରେ ବିଶୃଙ୍ଖଳା ସୃଷ୍ଟି ହେବ । ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧୀ ହେବେ । ରୋଜଗାର ସ୍ଥିର ରହିବ । ବନ୍ଧୁ ବାନ୍ଧବଙ୍କ ସହ ମତଭେଦ ଦେଖାଦେଇପାରେ । ମହିଳାମାନେ ଗର୍ବୀ ହେବେ ।

**କନ୍ୟା:** ବେପାର ବାଣିଜ୍ୟରେ ମଧ୍ୟମ ଧରଣର ଫଳ ପ୍ରାପ୍ତ ହେବ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ଘରେ ବିଶୃଙ୍ଖଳା ଦେଖାଦେବ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହେବ ।

**ତୁଳା:** ବ୍ୟବସାୟରେ ଲାଭବାନ ହେବେ । ଦେହ ଓ ମନ ଭଲ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଭ୍ରମଣ ଯୋଗ ମଧ୍ୟ ରହିଛି । ଆୟର ପରିମାଣ ବୃଦ୍ଧି ପାଇବ।

**ବିଛା:** ବ୍ୟବସାୟରେ ଲାଭର ଆଶା କମ୍ । ବ୍ୟୟର ମାତ୍ରା ବଢିବ । ବନ୍ଧୁଙ୍କ ସହ ମତଭେଦ ବୃଦ୍ଧି ହୋଇପାରେ । ଶତ୍ରୁଙ୍କ ଠାରୁ ସତର୍କ ରହିବେ । ମାଲିମକଦ୍ଦମାରେ ଶୁଣାଣି ବିଳମ୍ବ ହେବ ।

**ଧନୁ:** ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇ ପାରନ୍ତି । କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଘରେ ଖୁସି ଦେଖାଦେବ । ଶୁଭ ଖବର ମଧ୍ୟ ପାଇପାରନ୍ତି ।

**ମକର:** କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ । ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ । ନୂତନ ଦ୍ରବ୍ୟମାନ କ୍ରୟ କରିପାରନ୍ତି । ରୋଜଗାର ଭଲ ହେବ । ଗୃହେ ଖୁସିର ବାତାବରଣ ଖେଳିଯିବ ।

**କୁମ୍ଭ:** ଶତ୍ରୁ ନାଶ ହେବେ । ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଦେବ ଦର୍ଶନ ସହ ସେବା ପୂଜା ମଧ୍ୟ କରିପାର ।

**ମୀନ:** ବେପାର ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦେଖାଦେବ । ଅଳସୁଆ ହେବେ । ଖର୍ଚ୍ଚର ମାତ୍ରା ଅଧିକ ହେବ । ଘରେ କଳହ ଓ ଅଶାନ୍ତି ଦେଖାଦେବ । ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡିପାରେ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୨।୦୯।୨୦୨୬, ଆଶ୍ୱିନ ଦି୬ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୩୭।୦୯ ଚନ୍ଦ୍ରୋଦୟ-ରାଘ୨।୫୮।୧୪**

ଏକାଦଶୀ-ରାଘ୯।୫୫ପର୍ଯ୍ୟନ୍ତ । **ଉତ୍ତରାଷାଢାନକ୍ଷତ୍ର ପ୍ରାଘ ୭।୦୯**ପର୍ଯ୍ୟନ୍ତ। ମକରଚନ୍ଦ୍ର-ଅହୋରାତ୍ର **ଚନ୍ଦ୍ରଶୁଦ୍ଧି-**ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକ, ମୀନ ରାଶିର **ଘାତ ଚନ୍ଦ୍ର- ସିଂହ ରାଶିର। ଶ୍ରାଦ୍ଧନିର୍ଣ୍ଣୟ-**ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-**ଶିମ୍ବ ଓ ଆମିଷ ରାଘ୯।୪୫ଗତେ ପୋଇ,ମସୁର ଡାଲି ଖାଇବା ମନା। **ଆଜିର ଶୁଭବେଳା-**ପ୍ରାଘ ୫।୪୦ ଗତେ ଦିଘ ୬।୦୮ମଧ୍ୟେ। ଦିଘ ୮।୪୦ ଗତେ ଦିଘ ୧୦।୧୭ ମଧ୍ୟେ। ପର୍ବୋତ୍ସବ-ପାର୍ଶ୍ୱପରିବର୍ତ୍ତନ, ବଡ ଏକାଦଶୀ, ଶରଣ।

ସମ୍ପାଦକୀୟ

32 YEARS
ସମ୍ବାଦ କଳିକା

# ଚଳିତ ବର୍ଷ ହିଟୱେଭ୍‌ର ଶିକାର ହୋଇଛନ୍ତି ୧୧.୭ କୋଟି ଭାରତୀୟ

ବର୍ତ୍ତମାନ ସବୁ ଚର୍ଚ୍ଚାକୁ ପଛରେ ପକାଇ ଜଳବାୟୁ ପରିବର୍ତ୍ତନ ଚର୍ଚ୍ଚା ଆଗରେ। ଜଳବାୟୁ ପରିବର୍ତ୍ତନର ସାଂଘାତିକ ପରିଣାମ ପ୍ରାୟ ସମସ୍ତେ ଭୋଗୁଛନ୍ତି। ବଢୁଛି ତାତି, ବଢୁଛି ହିଟୱେଭର ପ୍ରକୋପ । ୨୦୨୬ରେ ଭାରତ ଅନୁଭବ କରିଛି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ । ଜୁନରୁ ଅଗଷ୍ଟ ମଧ୍ୟରେ ୧୧.୭ କୋଟି ଭାରତୀୟ ଭୋଗିଛନ୍ତି ସାଙ୍ଘାତିକ ରୌଦ୍ରତାପ । ମାସେ ବ୍ୟାପୀ କଲବଲ କରିଛି ତାତି । ଆମେରିକୀୟ ଗବେଷଣା ସଂସ୍ଥା 'କ୍ଲାଇମେଟ୍ ସେଣ୍ଟ୍ରାଲ୍'ର ରିପୋର୍ଟରେ ଜଳବାୟୁ ସଙ୍କଟର ଭୟଙ୍କର ଚିତ୍ର । ମାନବସୃଷ୍ଟ ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାଡ଼ି ଆସିବ ମହାବିପତ୍ତି । ବର୍ଷକୁ ବର୍ଷ ବଢ଼ିଚାଲିଛି ତାପମାତ୍ରା । ତାତିରେ ସିଝୁଛି ଜୀବଜଗତ । ବଢୁଛି ହିଟୱେଭ୍‌ର ଦିନ ସଂଖ୍ୟା । ୨୦୨୬ର ଜୁନରୁ ଅଗଷ୍ଟ ମଧ୍ୟରେ ଭାରତରେ ଅନୁଭୂତ ହୋଇଛି ସାଂଘାତିକ ଗ୍ରୀଷ୍ମ ପ୍ରବାହ । ଭାରତର ୫୯ଟି ସହରକୁ ନେଇ ଅଧ୍ୟୟନ କରାଯାଇଥିଲା । ଏଥିରୁ ଜଣାପଡ଼ିଛି ଯେ, ଶ୍ରୀନଗରରେ ସର୍ବାଧିକ ୫୩ ଦିନ ଅତିରିକ୍ତ ଉତ୍ତାପ ଅନୁଭୂତ ହୋଇଥିଲା । ସେହିପରି ଚେନ୍ନାଇରେ ୪୦, ରାଜକୋଟ ଓ ଅମୃତସରରେ ୨୯, ଏବଂ ଲକ୍ଷ୍ନୌରେ ୨୭ ଦିନ ଲେଖାଏଁ ବିପଦପୂର୍ଣ୍ଣ ଗ୍ରୀଷ୍ମ ଅନୁଭୂତ ହୋଇଛି। କେବଳ ସେତିକି ନୁହେଁ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ଚେନ୍ନାଇରେ ୩୦ ଦିନ, ଶ୍ରୀନଗରରେ ୨୯ ଦିନ, ତିରୁଚିରାପଲ୍ଲୀରେ ୨୯ ଦିନ ଏବଂ ମଦୁରାଇରେ ୨୩ ଦିନ ଅତିରିକ୍ତ ଭାବେ ସାଂଘାତିକ ଗରମ ରେକର୍ଡ ହୋଇଛି । ମୁମ୍ବାଇର ତାପମାତ୍ରା ଉପରେ ୮୬ ଦିନ ଧରି ଜଳବାୟୁ ପରିବର୍ତ୍ତନର ସିଧାସଳଖ ପ୍ରଭାବ ପଡ଼ିଛି । ଯାହା ମାନବ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ । କେବଳ ଭାରତ ନୁହେଁ, ସାରା ବିଶ୍ୱ ଅନୁଭବ କରୁଛି ଜଳବାୟୁ ପରିବର୍ତ୍ତନର ତାତି । ବିଶ୍ୱସ୍ତରରେ ୧୫୦ କୋଟିରୁ ଅଧିକ ଲୋକ ଅତି କମରେ ଗୋଟିଏ ମାସ ବିପଜ୍ଜନକ ଗ୍ରୀଷ୍ମପ୍ରବାହର ସମ୍ମୁଖୀନ ହୋଇଛନ୍ତି । ପ୍ରତିଦିନ ବିଶ୍ୱ ଜନସଂଖ୍ୟାର ଏକ-ଚତୁର୍ଥାଂଶରୁ ଅଧିକ ଲୋକ ସ୍ଥାନୀୟ ତାପମାତ୍ରା ତୁଳନାରେ ଅତିରିକ୍ତ ଉତ୍ତାପ ଅନୁଭବ କରିଛନ୍ତି । ଆଉ ଏହି ପ୍ରଭାବ ସବୁଠାରୁ ଅଧିକ ଏସିଆ ମହାଦେଶରେ ଦେଖିବାକୁ ମିଳିଛି । ୧୧.୭ କୋଟି ପ୍ରଭାବିତ ଜନସଂଖ୍ୟା ସହ ଭାରତ ଶୀର୍ଷରେ ଥିବା ବେଳେ ଚୀନରେ ୯.୪ କୋଟି ଏବଂ ଇଣ୍ଡୋନେସିଆରେ ୮.୩ କୋଟି ଲୋକ ପ୍ରଭାବିତ ହୋଇଛନ୍ତି । ଜଳବାୟୁ ସଙ୍କଟର ଏହି ଚିତ୍ରକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି 'ୟୁଏନ୍‌ଏଫ୍‌ସିସି'ର କାର୍ଯ୍ୟନିର୍ବାହୀ ସଚିବ ସାଇମନ୍ ଷ୍ଟିଲ୍ । ତାଙ୍କ କହିବା ଅନୁସାରେ, କୋଇଲା, ତୈଳ ଓ ଗ୍ୟାସ୍ ଭଳି ଜୀବାଶ୍ମ ଇନ୍ଧନ ଉପରେ ମାନବସମାଜର ନିର୍ଭରଶୀଳତା ଜଳବାୟୁ ସଙ୍କଟକୁ ଆହୁରି ବଢ଼ାଉଛି । ୧୦୦ କୋଟିରୁ ଅଧିକ ଲୋକ ଅତିରିକ୍ତ ଗ୍ରୀଷ୍ମପ୍ରବାହର ସମ୍ମୁଖୀନ ହେବା ସାଂଘାତିକ ପରିଣାମକୁ ଦର୍ଶାଉଛି । ଏହି ଲମ୍ବା ହିଟୱେଭ୍ ଭବିଷ୍ୟତ ପାଇଁ ଚେତାବନୀ ଦେଉଛି । ଏବେଠୁ ସଚେତନ ନହେଲେ ଆଗକୁ ଆହୁରି ଉଗ୍ର ହେବ ରୌଦ୍ର ତାପ ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ସ୍ୱତନ୍ତ୍ର**

ଶ୍ରଦ୍ଧେୟ ଭକ୍ତବୃନ୍ଦ ସାଧୁ ହେଉଛି ସ୍ୱତନ୍ତ୍ର । ସ୍ୱତନ୍ତ୍ରତା ନଥିଲେ ସେ କେବେବି ସାଧୁ ହୋଇପାରେନା । ସ୍ୱତନ୍ତ୍ରତା ନଥିଲେ ଜଣେ ସାଧନାର ମାର୍ଗକୁ ଦୃଢୀଭୁତ କରିପାରେନା,କେନ୍ଦ୍ରୀଭୂତ କରିପାରେନା । ତେଣୁ ସେ ଈଶ୍ୱରୀୟ ସମ୍ବନ୍ଧୀୟ ଜ୍ଞାନକୁ ଉପଲବ୍‌ଧି କରିପାରେନା,ମୁକ୍ତିର ମାର୍ଗକୁ ସମାଜରେ ଆବୃତ କରିପାରେନା । ଏହା ହିଁ ସାଧୁର ପ୍ରଥମ ସୋପାନ । ସତ୍ୟକୁ ଉପଲବଧି କରି ସନାତନ ଧର୍ମର ମାର୍ଗକୁ ବୁଝି ତାର ତତ୍ତ୍ୱକୁ ବୁଝିବା ହେଉଛି ସ୍ୱତନ୍ତ୍ରତା । ସ୍ୱତନ୍ତ୍ରତା ନଥିଲେ ହୃଦୟରେ ପ୍ରେମର ପରାକାଷ୍ଠା ଉପଲବ୍ଧ ହୁଏନାହିଁ କି ଭକ୍ତିର ସଞ୍ଚାର ହୁଏନାହିଁ । ତେଣୁ ଦର୍ଶନ ପ୍ରଭୁଙ୍କର ହେବ କିପରି । ତେଣୁ ଗୀତାରେ ଦେଖ ସଞ୍ଜୟ ଧୃତରାଷ୍ଟ୍ରଙ୍କୁ ଭଗବାନଙ୍କର ବାଣୀ ଏତେ ଶୁଣାଇଲା ସେ କଣ ବୁଝିଲା । କାରଣ ତାର ସ୍ୱତନ୍ତ୍ରତା ନଥିଲା। ତେଣୁ ସେ ଆଖି ଥାଇବି ଅନ୍ଧ । ମାୟା ମୋହର କବଳରେ ପଡି ସେ ସ୍ୱତନ୍ତ୍ରତା ହରାଇସାରିଥିଲା । ସେ ମାର୍ଗଦର୍ଶୀ ହୋଇପାରିଲା ନାହିଁ । ତେଣୁ ଗୁରୁ ହେଉଛନ୍ତି ସ୍ୱତନ୍ତ୍ର୬ । ସ୍ୱତନ୍ତ୍ରତା ନଥିଲେ ସେ ଶିଷ୍ୟକୁ ସତ୍‌ମାର୍ଗରେ ପରିଚାଳନା କରିପାରନ୍ତି ନାହିଁ । ସେହି ଗୀତାରେ ଦେଖ,ଭଗବାନ ଶ୍ରୀକୃଷ୍ଣଙ୍କର ସ୍ୱତନ୍ତ୍ରତା ଯୋଗୁଁ ସେ ଅର୍ଜ୍ଜୁନକୁ ଉର୍ଦ୍ଧ୍ୱରୁ ଉର୍ଦ୍ଧ୍ୱକୁ ନେଇ ପୂର୍ଣ୍ଣତାପ୍ରାପ୍ତ କରାଇ ଜଗତରେ ଶିଷ୍ୟକୁ ପ୍ରତିଷ୍ଠିତ କରିପାରିଥିଲେ । ହରି ଓଁ ।

◆◆

# ଯନ୍ତ୍ର ଦାନବ ବୁଭୁକ୍ଷା: ହଜିଗଲା ମାଗୁଣିର ସ୍ୱପ୍ନ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ପ୍ରାକ ସ୍ୱାଧୀନତା କାଳ, ମହାତ୍ମା ଗାନ୍ଧିଙ୍କ ଜାତୀୟ ରାଜନୀତିରେ ଯୋଗଦାନ ମୁକ୍ତି ଯୁଦ୍ଧକୁ ତେଜୋଦୀପ୍ତ କଲା। ସଦାଚାରୀ ଗାନ୍ଧୀଙ୍କ ନୀତି, ଆଦର୍ଶ, ଜନତା ମୁଗ୍ଧ ବିହ୍ୱଳ। କେହି କେହି ତାଙ୍କୁ ମହାପୁରୁଷ, ଦେବତା, ଠାକୁର ଭାବେ ମଧ୍ୟ ଗ୍ରହଣ କଲେ। ଗୋଟେ କଥାରେ କହିଲେ ସାରା ଦେଶରେ ଲାଗିଲା ଗାନ୍ଧୀଗୋଳ। ମହାତ୍ମାଙ୍କ ସଂସ୍କାରଧର୍ମୀ କାର୍ଯ୍ୟକ୍ରମ, ଆର୍ଥନୀତିକ ଆଦର୍ଶ, ସତ୍ୟ, ସତ୍ୟାଗ୍ରହ, ଅହିଂସା- ଏ ସମସ୍ତର ସମାଜ ଉପରେ କେବଳ ପ୍ରଭାବ ପଡ଼ିଲାନି; ସାମାଜିକ ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ଘଟିଲା। ବିଶେଷକରି ତାଙ୍କର ରଚନାତ୍ମକ କାର୍ଯ୍ୟକ୍ରମ, କୁଟୀରଶିଳ୍ପର ବିକାଶ ଭିତ୍ତିକ ଚିନ୍ତାଧାରା, ଏସବୁ ଭାରତର ଅର୍ଥନୀତିକୁ ବିକଶିତ କରିବାର ସମ୍ଭାବନାକୁ ଉଜ୍ଜ୍ୱଳ କରିଥିଲା। କିନ୍ତୁ ଆଦର୍ଶ, ବାସ୍ତବତା ମଧ୍ୟରେ ଅନେକ ତଫାତ। ଆଦର୍ଶ ନୀତି, ନୈତିକତା, ମାନବିକତାର ମୂଲ୍ୟବୋଧ କଥା କହେ। ବାସ୍ତବତା ଜୀଇବା ଧାରାର ଏକ ସାମଗ୍ରିକ ରୂପଚିତ୍ର। କାହିଁ ନା କାହିଁ ବାସ୍ତବ ଜୀବନରେ ନୀତି, ଆଦର୍ଶର ହତ୍ୟା, ମାନବିକ ମୂଲ୍ୟବୋଧର କଣ୍ଠରୋଧ-ଏ କଥା କିଛି ନୂଆ ନୁହେଁ। ତାହା ହିଁ ଘଟିଲା ସ୍ୱୟଂ ଗାନ୍ଧିଜୀଙ୍କ କ୍ଷେତ୍ରରେ। ତାଙ୍କ ଜୀବିତାବସ୍ଥାରେ ମଧ୍ୟ ଗାନ୍ଧିବାଦର ଉଲଙ୍ଘନ। ତାଙ୍କ ମୃତ୍ୟୁପରର ଅବସ୍ଥା କଥା ନ କହିଲେ ଭଲ। ଚ୍ୟାଟି ପିନ୍ଧି, କୁଟି ଖାଅ, ହାତ ତିଆରି ଜିନିଷ ବ୍ୟବହାର କର, ଅରଟରେ ସୂତାକାଟ- ଏ ସବୁ ଥିଲା ଗାନ୍ଧିଜୀଙ୍କ ନିର୍ଦ୍ଦେଶ; କିନ୍ତୁ ସମୟ ବଦଳି ଯାଇଥିଲା। ଅଷ୍ଟାଦଶ ଶତାବ୍ଦୀରେ ବ୍ରିଟେନ୍‌ର ଶିଳ୍ପ ବିପ୍ଳବ ସାରା ବିଶ୍ୱରେ ଚହଳ ପକାଇସାରିଥିଲା। ବିଭିନ୍ନ ଯାନ୍ତ୍ରିକ ଉପକରଣର ସାହାଯ୍ୟ, ପ୍ରାକୃତିକ ସଂପଦର ବିନିଯୋଗ ଅତ୍ୟାଧୁନିକ ଚାକଚକ୍ୟପୂର୍ଣ୍ଣ ଜିନିଷମାନ ତିଆରି ହେଲା। ହାତ ତିଆରି ଜିନିଷର ଆଦର କ୍ରମେ ହ୍ରାସ ପାଇଲା। ଜନତା ବି ଭଳିଲେ। ଭାରତରେ ଅନୁରୂପ ସ୍ଥିତି ସୃଷ୍ଟି ହେଲା। ବିଦେଶୀବସ୍ତୁ ବର୍ଜନର ନାରା। ଗାନ୍ଧୀବାଦୀଏ ଯେତେ ଚିତ୍କାର କଲେ, ସଭା ସମିତିରେ ଭାଷଣ ଦେଲେ, ହାତ ଓଠ ଧରି ନେହୁରା ହେଲେ, କିଛି ସୁଫଳ ମିଳିଲାନି। ଏପରିକି ଅନେକ ସତ୍ୟାଗ୍ରହୀ ଲୁଚା ଛପାରେ ବିଦେଶୀ ଦ୍ରବ୍ୟ ବ୍ୟବହାର କଲେ। ଯନ୍ତ୍ର ସଭ୍ୟତାର କରାଳ ଗର୍ଭରେ ବିଲୀନ ହେଲା କୁଟୀର ଶିଳ୍ପ। ତନ୍ତି, ବଢ଼େଇ, କମାର, କୁମ୍ଭାରଙ୍କର ଭେଳା ବୁଡ଼ିଲା। ମୋଟର ଯାନ ପ୍ରଚଳନ ଫଳରେ ଶହଶହ ଶଗଡ଼ିଆ ଜୀବିକା ହରାଇଲେ। ଯେଉଁ ଶଗଡ଼ ଦିନେ ଉଜାନୀଚା, ଆବଡ଼ା ଖାବଡ଼ା ମାଟି ଗୁଳାରେ କେଁ କଟର କରି ଚାଲୁଥିଲା, ସେ ଶବ୍ଦ ନିରବି ଗଲା। ଶଗଡ଼ ଜାଗାରେ ଯାତାୟାତର ମାଧ୍ୟମ ହେଲା ମୋଟର ବସ୍। ଯନ୍ତ୍ର ଦାନବର ଆଗମନ, କୁଟୀର ଶିଳ୍ପର ବିଲୟ। ଉକ୍ତ ପ୍ରସଙ୍ଗରେ ଓଡ଼ିଆରେ ବହୁ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି ହେଲା। ତନ୍ମଧ୍ୟରୁ ଗୋଦାବରୀଶ ମହାପାତ୍ରଙ୍କ 'ମାଗୁଣିର ଶଗଡ଼' ଗପଟି ଉଚ୍ଚକୋଟିର। ଖଲିକୋଟ ଗଡ଼ରେ ଶଗଡ଼ ବୋହି ନେଉଥିବା ମାଗୁଣିର ଦୁର୍ଦ୍ଦଶା, ଦୁଃଖ, ଯାତନା, ହତାଶା କଥା ଗଳ୍ପଟିର ମୂଳାଧାର। ଏମିତି ଶହ ଶହ ମାଗୁଣି ମରି ହଜି ଗଲେ। ତା'ର ହିସାବ ବା କିଏ ଲେଖିଛି ନା ରଖିବାର ଆବଶ୍ୟକତା ଅଛି ? ଗାନ୍ଧୀ ଅର୍ଥନୀତିର ଏକ ବିଫଳ ଦିଗକୁ ଗାଳ୍ପିକ ଦେଖାଇ ଦେବାର ପ୍ରୟାସ କରିଛନ୍ତି "ମାଗୁଣିର ଶଗଡ" ଗପରେ।

ଖଲିକୋଟ ଗଡର ମାଗୁଣି ବେଶ୍ ପରିଚିତ ନାଁ ଟେ। ସମସ୍ତେ କହିବେ ସେ କିଏ? ଏପରିକି ଦୂର ଜଙ୍ଗଲ ତଳି ଗାଁବାଲା ବି। ସେ ନେତା ନୁହେଁ, ଫୁଲହାର ପକାଇ କେବେ ଭାଷଣ ଦେଇନି। ସେ ରାଜା ନୁହେଁ, ଏ କଥାଟି ବା କାହାକୁ ଅଜଣା? ତଥାପି ତାକୁ ସମସ୍ତେ ଜାଣିଥିଲେ। କାଳିଆ, କଷରା ଯୋଡି ବଳଦ, ଗୋଟାଏ ଶଗଡ଼କୁ ନେଇ ସେ ସଙ୍ଗଟିଏ ଗଢ଼ିଥିଲା। ମାଗୁଣିକୁ ପଚାଶ ବର୍ଷ। ତା' ବଳଦ ଯୋଡିକ ବାର ବର୍ଷର। ନିତି ପ୍ରତି ସେ ପାହାଡ଼ ତଳ ଅଙ୍କା ବଙ୍କା ରାସ୍ତାରେ ଶଗଡ଼ ବୋହିନିଏ ଖଲିକୋଟ ଷ୍ଟେସନକୁ। ଶୁଭୁଥାଏ ମାଗୁଣିର ମନମତାଣିଆ ଗୀତ ଆଉ ଶଗଡ଼ର କେଁ କଟର। ସୂର୍ଯ୍ୟ ନ ଉଠିପାରନ୍ତି ; କିନ୍ତୁ ମାଗୁଣି ଠିକ୍ ସମୟରେ ଯାଏ। ଲୋକେ ତାକୁ ଘଣ୍ଟା ବୋଲି ଧରିନେଲେ। ଏ ଶଗଡ଼ ଥିଲା ଖଲିକୋଟର ଦୁଇଲକ୍ଷ ଲୋକଙ୍କର ଯାତାୟତ ପାଇଁ ଏକ ମାତ୍ର ସାହା ଭରସା। ଶଗଡ଼ ବୋହୁବୋହୁ ସେ ବଖାଣେ କେତେ କେତେ ଅନୁଭୂତି, କହୁ କହୁ ଗପିଚାଲେ କେତେ କ'ଣ, "ତା' ଶଗଡ଼ରେ ନବସିଛି କିଏ ? ବସି ନଥିଲେ ବସି ନଥିବେ ଖଲିକୋଟର ରାଜା। କିନ୍ତୁ ଦେବାନ କହ, ମ୍ୟାନେଜର କହ, ମହାଜନ କହ, ଏପରିକି ମହାତ୍ମାଙ୍କ ଭକ୍ତ ପର୍ଯ୍ୟନ୍ତ କହ-- ସମସ୍ତେ ବସିଛନ୍ତି ତା' ଶଗଡ଼ରେ। କେତେ ସୁହାସିନୀ କୁଳବଧୂ ବାପଘରୁ ଶାଶୁଘରକୁ ମଧ୍ୟ ଯାଇଛନ୍ତି। ଖଜଣା ଗଣ୍ଡାକ ଦେଇ ନପାରି ଯେଉଁ ଦିନ ମଣ୍ଡଳ ଗାଁର ଗଦାରାଉଳ ଜେଲ୍ ଗଲା, ସେ ଦିନ ତା ଘରର ଛାଞ୍ଚୁଣି ମୁଣ୍ଡା- ସବୁ ତା' ଶଗଡ଼ରେ ଆସି ରାଜା ଘର କଚିରି ଆଗରେ ଜମା ହୋଇଥିଲା। ଯେଉଁ ଦିନ ବୋଦାଳିଆ ଗାଁର ମଧୁ ରଥେ ନର ହତ୍ୟା ଅପରାଧରେ ଧରା ହେଲେ, ସେ ଦିନ ଏଇ ଗାଡିରେ ବସି ଯାଇଥିଲେ। ଏଇ ଗାଡ଼ିରେ ଓକିଲ ଆସି ରାଜାଘର ପକ୍ଷ ନେଇଛନ୍ତି। ଏଇ ଗାଡ଼ିରେ କେତେ ରଇତ ନେତାଏ ହାତକଡ଼ା ପଡ଼ି କଚିରିକି ଯାଇଛନ୍ତି। ଏଇ ଗାଡ଼ିରେ ସୁଖ ଦେଖିଛି, ଲୁହବୋହି ଏଇ ଗାଡିର ଶୁଖିଲା ପାଳ ଗଦି ଓଦା ହୋଇଯାଇଛି। ହସ ରୋଳରେ ଏଇ ଗାଡ଼ି କେତେ କମ୍ପିଛି। ଏସବୁ କଥା କହି ମାଗୁଣି ଗାଡ଼ି ଚଳାଇଲେ ମନେହୁଏ ସେ ଗୋଟିଏ ଜୀବନ୍ତ ଇତିହାସ। ଏମିତି ଦଶ ପାଞ୍ଚଟା ଇତିହାସକୁ ଏକାଠି କରି ଦେଲେ ଗୋଟିଏ କୋଣାର୍କ ତିଆରି ହେବ!

ମାଗୁଣି ସୁଖର ଦିନ ସରି ଆସିଲା। ତା' କାନରେ କଥାଟା ପଡିଲା। ଲୋକେ କୁହାକୁହି। ସିଂହଘର ଗୋଟେ ମୋଟରବସ୍ ଆଣୁଛନ୍ତି। ଘଣ୍ଟାକୁ କେତେ କ'ଣ ବେଗରେ ଦୌଡ଼ିବ, ୪୦କି.ମିରୁ କମ୍ ନୁହେଁ। ଏ କଥାଟାକୁ ମାଗୁଣି ମିଛ ମଣିଲା, ବଡ଼ ଦମ୍ଭରେ କହିଲା "ମୋଟର ବସ୍ ! ତା' କ'ଣ ମୋ କାଳିଆ, କଷରାକୁ ଟପିଯିବ? ଭଲ କରି ଆହାର ଦେଇ ଯେତେ ବେଳେ ହାତ ମାରିଦେବି ଲୋକେ କ'ଣ ମୋ ଗାଡ଼ି ଛାଡ଼ି ସେ ଗାଡ଼ିକୁ ଯିବେ?" ଏ କଥା ଶୁଣି ଲୋକେ ହସିଲେ, କିନ୍ତୁ ମାଗୁଣି ଖାତିର କଲାନି। ଦିନ କେଇଟା ଯାଇନି, ଆସିଲା ସିଂହଙ୍କ ମୋଟର ବସ୍, ଯନ୍ତ୍ର ଦାନବ ପରି ଦୌଡ଼ିଲା ଷ୍ଟେସନରୁ ଗଡ଼କୁ। ମାଗୁଣିର ଶଗଡ଼ ବି ଗଡ଼ିଲା। ବସ୍ ପୂର୍ଣ୍ଣ, ଶଗଡ଼ ଖାଲି। ଯେତେ ଆଗରୁ, ରାତି ଅଧରୁ ଉଠି ମାଗୁଣି ଷ୍ଟେସନରେ ଶଗଡ଼ ଠିଆ କଲା, ଲୋକେ ବସ୍ ଧଇଲେ। ହାତଧରି ଡାକିଲେ ଯାତ୍ରୀ ଚାହିଁଲେ ବସ୍ ଆଡ଼େ। ଶଗଡ଼ରେ ପାଳଗଦି ଜାଗାରେ ଅଖାଗଦି ପକେଇଲେ ବି କେହି ଆସିଲେନି। ଦିନେ ଗଲା ଦି' ଦିନ ଗଲା। ଯୋଉ କଥାକୁ ସେଇ କଥା। ମାଗୁଣି କାନ୍ଦ କାନ୍ଦ ହୋଇ ଭାବିଲା, "ସେ ଦିନ ଯାଇଥିଲି କୋଦଳା ସଭାକୁ, କିଏ କହୁଥିଲା କଳ ଜିନିଷଠୁଁ ହାତ ଜିନିଷ ଭଲ। ତା' ହେଲେ ମୋଟର କଳଠୁଁ କ'ଣ ମୋ ଶଗଡ଼ ଭଲ ନୁହେଁ? ଏତେ ଲୋକ ତ ସଭାରେ ଶୁଣୁଥିଲେ, ସେମାନେ କ'ଣ ମୋ ଦୁଃଖ ବୁଝିବେ ନାହିଁ। କର୍ମୀ ନ ବୁଝିଲେ ଯିବି ଗାନ୍ଧୀଙ୍କ ପାଖକୁ, ଦରିଦ୍ରର ସାଥୀ ସେ, ଗରିବଙ୍କ ବନ୍ଧୁ ସେ। ସେ କ'ଣ କହିବେ ମାଗୁଣି ମରିଯାଉ, ଆଉ ଏ ସିଂହେ ବଞ୍ଚନ୍ତୁ"। ଏ ପ୍ରକାର ଚିନ୍ତନ ମଧ୍ୟରେ ଗୋଟେ ଗରିବ ଶଗଡ଼ିଆର ଗାନ୍ଧିଜୀଙ୍କ ପ୍ରତି ଥିବା ଅକାଟ୍ୟ ବିଶ୍ୱାସର କଥାଟି ପରିସ୍ଫୁଟ। ଆଉ ପାଞ୍ଚ ଜଣଙ୍କ ସହ ମିଶି ସେ ବି ଯାଉଥିଲା ଗାନ୍ଧିଙ୍କ ସଭାକୁ। କର୍ମୀଙ୍କ ଉତ୍ସାହ ତା' ଆଗ୍ରହକୁ ଦ୍ୱିଗୁଣିତ କରିଥିଲା। ଗାନ୍ଧି କହୁଛନ୍ତି ହାତ ଜିନିଷ ଭଲ। ତା' ଶଗଡ଼ ତ ସେଇଆ, ସତରେ ସେ କେଡ଼େ ଭାଗ୍ୟବାନ!

ସବୁ ସପନ ସତ ନୁହେଁ, ମାଗୁଣିର ଭାବନା ରହିଗଲା ଭାବନାରେ। ଅନ୍ୟମାନେ ତ ଗଲେ, ନେତା, କର୍ମୀ, ଗାନ୍ଧିଟୋପି ବାଲା ବି ସେଇ ବସ୍ ରେ। ଏଣିକି ମାଗୁଣିର ଦୁଃଖ କୁଳା କଣରେ ସରିଲାନି। ସେ ଦୁଇଓଳି ଖାଇ ଆସୁଥିଲା, ଓଳିଏ ଖାଇ ଆସିଲା। ସେ ଦୁଇ ଓଳିରେ ଥରେ ଖାଇ ଆସିଲା। କ୍ରମେ ତିନି ଓଳିରେ ଚୁଲି ଜଳିଲାନି। କୁଣ୍ଡା ତୋରାଣି ବିନା କାଳିଆ କଷରାଙ୍କ ହାଡ ଦିଶିଲା। ସେମାନଙ୍କୁ ଧରି ସେ ଦିନ ସେ କେତେ କାନ୍ଦିଲା, ଡକାପାରିଲା। ତାକୁ କିଏ କହିଲା ବାଇଆ ଆଉ କିଏ କହିଲା ପାଗଳା। ଗାଁ ଲୋକ ଦେଖିଲେ କେଇ ଦିନ ମାଗୁଣିର ଦରଜା ଖୋଲୁନି। ସେମାନେ ତା' କୁଡ଼ିଆ କବାଟ ଭାଙ୍ଗି ଶବ କାଢ଼ିଲେ। ଖଣ୍ଡେ ଛିଣ୍ଡା କତରା ତଳେ ପାଞ୍ଜଣ ଖଣ୍ଡିକ। ମାଗୁଣି ଆଖିବୁଜି ଦେଇଛି। ମଶାଣିରେ ନିଆଁ ଜଳିଲା, ଆକାଶରେ ପକ୍ଷୀ ଉଡ଼ି ଧୂଆଁ ପାର ହେଲେ। ପୃଥିବୀର ଦୁଇ ଲକ୍ଷ ଲୋକଙ୍କ ତୁଣ୍ଡରେ ଗୋଟିଏ କଥା- "ଆହା! ମାଗୁଣି ଚାଲିଗଲା।"

ସମୟ ଏବେ କାହିଁ କେତେ ଆଗରେ, ଖାଲି ବସ୍ ନୁହେଁ, ରେଳ, ଉଡାଜାହାଜ, ରକେଟ୍; ମଣିଷ ବୁଲୁଛି, ଉଡୁଛି। ତା'ର ଶଗଡ଼ ଗାଡି ବା କି ଲୋଡ଼ା? ଗାନ୍ଧୀବାଦକୁ ଢାଲକରି ଫାଇଦା ଉଠାଉଥିବା କିଛି ନେତା, କର୍ମୀଙ୍କର ଯଦି ସାମାନ୍ୟତମ ଦରଦ ଥା'ନ୍ତା, ତା' ହେଲେ ବିଚାରା ମାଗୁଣି ଆଉ କେତେ ବର୍ଷ ଜୀଇଥା'ନ୍ତା। କିନ୍ତୁ ଯନ୍ତ୍ର ରାକ୍ଷସ ସୃଷ୍ଟି କରିଥିବା ଗମ୍ଭୀର ପରିସ୍ଥିତିର ସ୍ଥାୟୀ ସମାଧନ ହୋଇ ନଥା'ନ୍ତା। ମୋଟର ବସ୍ ଚାଲିଲା, ନିରବି ଗଲା ମାଗୁଣି ଶଗଡ଼ର କେଁ କଟର। ଅଧୁନା ଉପକୂଳ ଜିଲ୍ଲା ମାନଙ୍କରେ ଶଗଡ଼ ସାତ ସପନ। ପାହାଡ଼ିଆ ଅଞ୍ଚଳରେ କ୍ଷେତକୁ ଖତ ବୋହୁଥିବା ଅବା ଧାନହଳା ଲଦି ଫେରୁଥିବାର ଦୃଶ୍ୟ କେବେ କେମିତି ଆଖିରେ ପଡ଼େ। ମନେ ପଡ଼ିଯାଏ ସେଇ "ମାଗୁଣିର ଶଗଡ଼ କଥା"। ଏ ଦୃଶ୍ୟ ଦେଖିଲେ ସ୍ୱତଃ ଆଖି ସଜଳ ହୋଇଯିବ। କୁଟୀର ଶିଳ୍ପକୁ ଜୀବନ ଜୀବିକା କରିଥିବା ହତାଶ ନିଦରବ ମାନଙ୍କର ପ୍ରତିନିଧିତ୍ୱ କରେ ମାଗୁଣି। ଗାନ୍ଧୀ ମହାତ୍ମା ଯେତେ କହିଲେ ବି ଯନ୍ତ୍ର ରାକ୍ଷସକୁ ବା କିଏ ଅଟକାଇ ପାରିଥାଆନ୍ତା ? ଗୋଦାବରୀଶ ମହାପାତ୍ରଙ୍କର ଏହି ମରମ ଭେଦୀ ଗପଟିଏ, ତାଙ୍କର ଶ୍ରେଷ୍ଠ କୃତି ବା ମାଷ୍ଟର ପିସ୍। ଏହାର ସାର୍ବକାଳୀନ ମୂଲ୍ୟବୋଧକୁ ବା କିଏ ଅସ୍ୱୀକାର କରିପାରିବ?

# ଭାଗବତଙ୍କ "ବସୁଧୈବ କୁଟୁମ୍ବକମ୍"



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:- ୯୪୩୮୪୮୫୦୯୪

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସ୍ଥାପନାର ୧୦୦ ବର୍ଷ ପୂର୍ତ୍ତି ଅବସରରେ ସଂଘ ମୁଖ୍ୟ ମୋହନ ଭାଗବତ କିଛି ଦିନ ତଳେ ଆମେରିକା, କାନାଡା ଏବଂ ବ୍ରିଟେନ ଗସ୍ତ କରିଥିଲେ। ଭାଗବତଙ୍କୁ ଏହି ଯାତ୍ରା ଅବସରରେ ଏହି ତିନି ଦେଶରେ ରହୁଥିବା ହିନ୍ଦୁ ଏବଂ ପ୍ରବାସୀ ଭାରତୀୟ ସଂଗଠନ ମାନେ ଭବ୍ୟ ସ୍ୱାଗତ କରିଥିଲେ। ଅନ୍ୟ ପକ୍ଷରେ ଏହି ତିନି ଦେଶରେ ଥିବା ଅନେକ ସଂଗଠନ କଡ଼ା ବିରୋଧ ମଧ୍ୟ କରିଥିଲେ। ବିରୋଧ କରିଥିବା ସଂଗଠନ ମାନଙ୍କ ଅଭିଯୋଗ ଥିଲା ଯେ ସଂଘ ଏକ ଅତି ଦକ୍ଷିଣପନ୍ଥୀ ଏବଂ ବହୁସଂଖ୍ୟକ ବାଦ ବିଚାରଧାରାକୁ ଗୁରୁତ୍ୱ ଦେଉଥିବା ଏକ ସଂଗଠନ ଯିଏ ଭାରତର ଧର୍ମନିରପେକ୍ଷ ଗଣତାନ୍ତ୍ରିକ ମୂଲ୍ୟର ବିପରୀତ ଅଟେ। ମୋହନ ଭାଗବତଙ୍କୁ ମୁଖ୍ୟ ଭାବେ ମାନବାଧିକାର ସଂଗଠନ, ପ୍ରବାସୀ ଭାରତୀୟ ସଂଖ୍ୟାଲଘୁ ଗୋଷ୍ଠୀ ଏବଂ କିଛି ବିଦେଶୀ ରାଜନେତା ବିରୋଧ କରିଥିଲେ। ହିନ୍ଦଜ ଫର ହ୍ୟୁମାନ ରାଇଟସ୍, ଇଣ୍ଡିଆନ- ଆମେରିକାନ ମୁସଲିମ କାଉନସିଲ, ସାଉଥ ଏସିଆ ସଲିଡ଼ାରିଟି ଗ୍ରୁପ ସମେତ ଅନେକ ମାନବାଧିକାର ସଂଗଠନ ଭାଗବତ ବିରୋଧି ପ୍ରଦର୍ଶନର ନେତୃତ୍ୱ ନେଇଥିଲେ। ଭଗବତଙ୍କ ଆମେରିକା ଗସ୍ତ ପୁର୍ବରୁ ନ୍ୟୁୟର୍କର ମେୟର ଜୋହରାନ ମମଦାନୀ, ଆମେରିକାର ସାଂସଦ ରସିଦ ତାଲେବ ଏବଂ ଜିମ୍ ମେକଗବର୍ଣ୍ଣ ଭାଗବତଙ୍କ ଗସ୍ତଙ୍କୁ ବିରୋଧ କରିଥିଲେ। ସେହିପରି ବ୍ରିଟେନର ବ୍ରିଟିଶ ଲେବର ପାର୍ଟିର ସାଂସଦ ନାଦିଆହ୍ୱିଟୋମ ମଧ୍ୟ ଭାଗବତଙ୍କ ଯାତ୍ରାକୁ ବିରୋଧ କରିଥିଲେ। ଏହି ବିରୋଧହେବା ପରେ ସଂଘ ସମର୍ଥକ ମାନଙ୍କ ପକ୍ଷରୁ କୁହାଯାଇଥିଲା ଯେ ମୋହନ ଭାଗବତଙ୍କ ଏହି ବିଦେଶ ଗସ୍ତର ଉଦେଶ୍ୟ ବିଶ୍ୱକଲ୍ୟାଣ, ସାମାଜିକ ସଦ୍‌ଭାବ ଏବଂ ବସୁଧୈବ କୁଟୁମ୍ବକମ୍‌ର ସନ୍ଦେଶ ପ୍ରସାର କରିବା। ନ୍ୟୁୟର୍କଠାରେ ଆୟୋଜିତ "ଫେଥଲଭରସ୍ କନଫରେନ୍ସ"ରେ ଯୋଗଦେଇ ଭାଗବତ କହିଥିଲେ ଯେ "ଯେଉଁ ହିନ୍ଦୁମାନେ ଏକଥା ଭାବୁଛନ୍ତି ଯେ ମୁସଲମାନ ମାନଙ୍କୁ ଭାରତରୁ ନିକାଲି ଦିଆଯିବା ଉଚିତ ସେମାନେ ହିନ୍ଦୁ ନୁହଁନ୍ତି।" ଭାଗବତ ଏକଥା ମଧ୍ୟ କହିଥିଲେ ଯେ ମୁସଲମାନ ମାନଙ୍କୁ ଦେଶରୁ ବାହାର କରିବାର ମାନସିକତା ପୁରାପୁରି ହିନ୍ଦୁତ୍ୱ ବିରୋଧି ଅଟେ। ହିନ୍ଦୁ ହେବାରେ ଅର୍ଥ ହେଉଛି ସବୁ ଧାର୍ମିକ ରାସ୍ତାକୁ ଗୋଟିଏ ଲକ୍ଷ୍ୟଆଡ଼କୁ ନେଇଯିବା କଥା ଭାବିବା ଓ ସବୁ ମଣିଷର ମର୍ଯ୍ୟାଦାକୁ ସ୍ୱୀକାର କରିବା। ଭାଗବତ ବସୁଧୈବ କୁଟୁମ୍ବକମ୍ ଏବଂ ଓ୍ୱାନ ଓ୍ୱାଲଡ଼ଓ୍ୱାନ ହ୍ୟୁମାନିଟିର କଥା କହିବା ସହ ବିବିଧତାରେ ଥିବା ଆମ ପରିଚୟ ପାଇଁ କୌଣସି ସଙ୍କଟ ଆସିବା ଅନୁଚିତ ବୋଲି କହିଥିଲେ। ବିଦେଶରେ ମୋହନ ଭାଗବତ ସିନା ଏକଥା କହିଦେଲେ ହେଲେ ଭାରତରେ ଭାଗବତଙ୍କ ଏହି ବୟାନକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ବିଜେପି ନେତାମାନେ ଭାଗବତଙ୍କ ବୟାନ ପ୍ରସଙ୍ଗରେ କହିଛନ୍ତି ଯେ ଏହା ହିନ୍ଦୁ ଧର୍ମର ସହିଷ୍ଣୁତା ଏବଂ ବାସ୍ତବୀକ ସ୍ୱରପ ଅଟେ। କିନ୍ତୁ ବିରୋଧି ମାନେ କହିଛନ୍ତି ଯେ ଭାରତରେ ଥିବା ସଂଘର କାର୍ଯ୍ୟକର୍ତ୍ତାମାନଙ୍କୁ ଭାଗବତ ଏଭଳି କଡ଼ା ସନ୍ଦେଶ ହେଉନାହାଁନ୍ତି କାହିଁକି? ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଆମେରିକା ଯାଇ ଭାଗବତ ହିନ୍ଦୁ ପ୍ରସଙ୍ଗରେ ଏଭଳି ମନ୍ତବ୍ୟ ଦେଲେ କାହିଁକି? ଏଥି ପୁର୍ବରୁ ମୋହନ ଭାଗବତ ଏଭଳି କଥା ଅନେକବାର କହିଛନ୍ତି। ସେ କହିଥିଲେ ଯେ "ହିନ୍ଦୁ-ମୁସଲମାନଙ୍କ ଡିଏନ୍‌ଏ ଏକ୍ ଅଟେ। ସେ କ୍ରମାଗତ ଭାବେ ମୁସଲିମ ନେତାଙ୍କ ସହ ଆଲୋଚନା କରୁଛନ୍ତି। ଭାଗବତ ଏକଥା ମଧ୍ୟ କହିଥିଲେ ଯେ "ସବୁ ମସଜିଦ ତଳେ ଶିବଲିଙ୍ଗ ଖୋଜିବା ଉଚିତ୍ ନୁହେଁ"। ଏପରିକି ସଂଘ ଆଉ ଅଯୋଧ୍ୟା ଭଳି କୌଣସି ଆନ୍ଦୋଳନର ନେତୃତ୍ୱ ନେବେ ନାହିଁ ବୋଲି ସେ କହିଛନ୍ତି।

ଭାଗବତଙ୍କ ଏଭଳି ବୟାନରୁ ସୂଚନା ମିଳୁଛି ଯେ ସେ ସଂଗଠନର ଦିଗ ବଦଳାଇବାକୁ ଚାହାଁନ୍ତି। ସଂଘର ପୂର୍ବତନ ମୁଖ୍ୟ ବାଲାସାହେବ ଦେଓରସ ମଧ୍ୟ କହିଥିଲେ ଯେ "ସଂଘର ହିନ୍ଦୁତ୍ୱ ରାଷ୍ଟ୍ରବାଦୀ ଏବଂ ସମସ୍ତଙ୍କୁ ସାଥିରେ ନେଇ ଚାଲିବାର କଥା କହେ"। ଏହା ଭାରତୀୟ ଚିନ୍ତନର ପ୍ରକୃତ ବ୍ୟାଖ୍ୟା। କିନ୍ତୁ ପ୍ରଶ୍ନ ଉଠୁଛି ଯେ ଏମାନଙ୍କ କଥା ତଳ ସ୍ତରରେ କାର୍ଯ୍ୟକାରୀ ହେଉଛି କି? ମୋହନ ଭାଗବତ ସଂଘକୁ ଆଧୁନିକ କରିବା ପାଇଁ ପ୍ରୟାସ କରୁଛନ୍ତି। ଗୋଲବାଲକରଙ୍କ ବିଚାରଠାରୁ ନିଜକୁ ଅଲଗା ରଖିଛନ୍ତି। ମନୁସ୍ମୃତିର କିଛି ବିବାଦୀୟ ଅଂଶକୁ ଭାଗବତ ମଧ୍ୟ ସମର୍ଥନ କରୁନାହାଁନ୍ତି। କକରୋଚ ଜନତା ପାର୍ଟିର ଜନ୍ତର ମନ୍ତର ପ୍ରଦର୍ଶନ ବେଳେ ସଂଘର ଜଣେ ବରିଷ୍ଠ କର୍ମକର୍ତ୍ତା ଅତୁଲ ଲିମୟେ ପ୍ରଦର୍ଶନକୁ ଅରାଜକ କହିଥିଲେ କିନ୍ତୁ ମୋହନ ଭାଗବତ ଏହାର ପ୍ରତିବାଦ କରିବା ସହ ପ୍ରଦର୍ଶନ ରାଷ୍ଟ୍ରବିରୋଧି ନୁହେଁ ବୋଲି କହିଥିଲେ। ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ମୋହନ ଭାଗବତଙ୍କ ସନ୍ଦେଶ ତଳ ସ୍ତରରେ କାର୍ଯ୍ୟ କାରୀ ହେଉନାହିଁ କାହିଁକି? ବିଗତ କିଛି ବର୍ଷ ହେବ ଦେଶ ପୂର୍ବାପେକ୍ଷା ଅଧିକ ଅସହିଷ୍ଣୁ ଏବଂ ବିଭାଜିତ ହେବାରେ ଲାଗିଛି କାହିଁକି? ମୋହନ ଭାଗବତଙ୍କ ନେତୃତ୍ୱାଧିନ ବିଶାଳ ସଂଗଠନର ସହଯୋଗ ଏବଂ ସମର୍ଥନରେ ବର୍ତ୍ତମାନ ଦେଶରେ ଶାସନ ଚାଲିଛି। ଏଣୁ ସେ ତାଙ୍କ ଉତ୍ତରଦାୟିତ୍ୱକୁ ଏଡାଇ ଦେଇ ପାରିବେ ନାହିଁ। ତାଙ୍କ ସଂଗଠନ ହିନ୍ଦୁଧର୍ମର ସହିଷ୍ଣୁତା, ଭାଇଚାରା ଏବଂ ବିବେକର ସିଦ୍ଧାନ୍ତ ଠାରୁ ଦୁରେଇ ଯାଉଛି କାହିଁକି? ମୋହନ ଭାଗବତ ତାଙ୍କ ସଂଗଠନର କାର୍ଯ୍ୟକର୍ତ୍ତା ମାନଙ୍କୁ "ବିବିଧତାରେ ଏକତା"ର ପାଠ ପଢ଼ାଉ ନାହାଁନ୍ତି କାହିଁକି? ମୋହନ ଭାଗବତ ମୁସଲମାନ ନେତାଙ୍କ ସହ ଆଲୋଚନା କରୁଛନ୍ତି ହେଲେ ଫଳ ଶୁନ୍। ସଂଘ ଦେଶ ଏବଂ ବିଦେଶରେ ଭିନ୍ନ ଭିନ୍ନ ଶବ୍ଦାବଳୀ ପ୍ରୟୋଗ କରୁଛି ବୋଲି ମଧ୍ୟ ଅଭିଯୋଗ ହେଉଛି। ବିଦେଶରେ ଯେଉଁ ଶୁଦ୍ଧ ପ୍ରେମ ସାତ୍ୱିକ ପ୍ରେମ"ର ଚାରା ମୋହନ ଭାଗବତ ବୁଣିବାକୁ ଚାହୁଁଚନ୍ତି ସେଇ ଚାରା ଏଠି ସାମ୍ପ୍ରଦାୟିକତା, ଘୃଣା ଏବଂ କଠୋରବାଦରେ ଫସି ଯାଇଛି। ଦେଶରେ ଦେଖାଦେଇଥିବା ସାମ୍ପ୍ରଦାୟିକତାର ପରିବର୍ତ୍ତନ ଆବଶ୍ୟକ। ସଂଘ ତାର ଅନୁଶାସନକୁ ନେଇ ଗର୍ବ କରୁଛି ବୋଲି କହୁଥିବା ମୋହନ ଭାଗବତ କେବେ ଚିନ୍ତା କରିଛନ୍ତିକି ତାଙ୍କ ସନ୍ଦେଶ କାର୍ଯ୍ୟକାରୀ ହୋଉନାହିଁ କାହିଁକି? ମୋହନ ଭାଗବତଙ୍କ ବୟାନକୁ ଦୁଇଟି ସନ୍ଦର୍ଭରେ ଆଲୋଚକମାନେ ଦେଖୁଛନ୍ତି, ପ୍ରଥମତଃ ସଂଘର ପୂର୍ବତନ ମୁଖ୍ୟ ଏମ୍‌ଏସ୍ ଗୋଲବଲକରଙ୍କ ଲିଖିତ ପୁସ୍ତକ "ବ□ ଅଫ ଥଟସ୍"ରେ ଲେଖାଯାଇଥିବା ମୁସଲିମ ବିରୋଧି ସିଦ୍ଧାନ୍ତ। ଗୋଲବଲକର ତାଙ୍କ ପୁସ୍ତକରେ ମୁସଲମାନ, ଖ୍ରୀଷ୍ଟିଆନ୍ ଏବଂ କମ୍ୟୁନିଷ୍ଟଙ୍କ ବିରୁଦ୍ଧରେ ଅନେକ କଥା ଲେଖିଛନ୍ତି। ବ□ଅଫ ଥଟସ୍ ପୁସ୍ତକର ଏକ ଅଧ୍ୟାୟ ଯାହାର ଶୀର୍ଷକ "ଆଭ୍ୟନ୍ତରୀଣ ବିପଦ"ରେ ସେ ମୁସଲମାନ ମାନଙ୍କର ଭାରତ ପ୍ରତି ନିଷ୍ଠାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଗୋଲବଲକର ଏହି ଅଧ୍ୟାୟରେ ଇତିହାସର ଉଦାହରଣ ଦେଇ ମୁସଲମାନ ଆକ୍ରମଣକାରୀ ମାନେ ଭାରତର ସଂସ୍କୃତି ଏବଂ ମନ୍ଦିର ନଷ୍ଟ କରିଥିବା କଥା ଉଲ୍ଲେଖ କରିଛନ୍ତି। ଗୋଲବଲକରଙ୍କ ଏହି ବିଚାର କାରଣରୁ "ବ□ଅଫଥଟସ୍"କୁ ନେଇ ଅନେକ ଆଲୋଚନା ସମାଲୋଚନା ହୋଇଥିଲା ଓ ହେଉଛି ମଧ୍ୟ। ପ୍ରଶ୍ନଉଠୁଛି ଯେ ଏହି ସାହିତ୍ୟ (ପୁସ୍ତକ) ଓ ସଂସ୍କାର ବିଚାର ଅନୁସାରେ ବଢ଼ିଥିବା କୌଣସି ବି ସ୍ୱୟଂ ସେବକ ଏବଂ ଗୋଲବାଲକରଙ୍କ ବିଚାରଧାରାକୁ ଅନୁସରଣ କରୁଥିବା ଲୋକେ ଗୋଲବାଲକରଙ୍କ ସାମ୍ପ୍ରାଦାୟୀକତାବାଦୀ ବିଚାରରୁ ନିଜକୁ ଦୁରେଇ ରଖି ପାରିବେ କି? ମୋହନ ଭାଗବତ ଚାହିଁଲେ ଦେଶର ଅବସ୍ଥାକୁ ସୁଧାରି ପାରନ୍ତେ କାରଣ ସେ ହେଉଛନ୍ତି ଏକ ବିଶାଳ ସଂଗଠନର ମୁଖ୍ୟ। ତାଙ୍କ ବିଚାରଧାରା ଠିକ୍ କିନ୍ତୁ କାର୍ଯ୍ୟକାରୀ ହେଉନାହିଁ କାହିଁକି? କ'ଣ ଯେଉଁ ପ୍ରସଙ୍ଗକୁ ରାଜନୈତିକ ଲାଭ ପାଇଁ ବାହାରକୁ ବାହାର କରାଯାଇଥିଲା ସେଇ ପ୍ରସଙ୍ଗକୁ ଏବେ ସଂଘ ବନ୍ଦ କରିବାରେ ଅକ୍ଷମ?

# ବିଦେଶରୁ ଚିଠି: ପ୍ରେରକ-ପ୍ରଫେସର ଗୋଲକ ବିହାରୀ ଧଳ



ପୁଣ୍ୟ ପ୍ରଦୀପ ମିଶ୍ର

ଓଡିଶାର ଅନ୍ୟତମ ଭାଷାତତ୍ତ୍ୱବିତ୍, ସୁଲେଖକ ତଥା ଅଧ୍ୟାପକ ଗୋଲକ ବିହାରୀ ଧଳ ୧୯୨୧ ଖ୍ରୀ.ଅ.ଡିସେମ୍ବର ୧୫ ତାରିଖରେ ଢେଙ୍କାନାଳ ଜିଲ୍ଲାର ଗଞ୍ଜେଇଡିହ ଗ୍ରାମରେ ଜନ୍ମଲାଭ କରିଥିଲେ । ପ୍ରଫେସର ଧଳ ଜଣେ କୃତୀ ଛାତ୍ର ଭାବେ ୧୯୪୩ ଖ୍ରୀଷ୍ଟାବ୍ଦରେ ରେଭେନ୍ସା ମହାବିଦ୍ୟାଳୟରୁ ସଂସ୍କୃତ ଭାଷାରେ ସ୍ନାତକ ଓ ପାଟନା ବିଶ୍ୱବିଦ୍ୟାଳୟରୁ ୧୯୪୫ ଖ୍ରୀଷ୍ଟାବ୍ଦରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ। ଏହାପରେ ସେ ଓଡିଶାର ସରକାରୀ କଲେଜରେ ଅଧ୍ୟାପକ ଭାବେ ଯୋଗ ଦେଇଥିଲେ। ୧୯୪୯ ଖ୍ରୀଷ୍ଟାବ୍ଦରେ ପ୍ରଫେସର ଧଳ ଭାଷା ବିଜ୍ଞାନରେ ଉଚ୍ଚତର ଶିକ୍ଷା ଲାଭ ପାଇଁ ଲଣ୍ଡନ ଯାତ୍ରା କରିଥିଲେ। ସେଠାରେ ଥାଇ ଆମେରିକା ଜୀବନ ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ ପାଇଁ ଏକ ଆନ୍ତର୍ଜାତିକ ସଂସ୍ଥାରୁ ବୃତ୍ତି ପାଇ ସେ ୧୯୫୧ଖ୍ରୀଷ୍ଟାବ୍ଦରେ ଆମେରିକା ଯାଇଥିଲେ। ଅଧ୍ୟାପକ ଧଳ ୧୯୪୯ ଖ୍ରୀଷ୍ଟାବ୍ଦରୁ ୧୯୫୧ଖ୍ରୀଷ୍ଟାବ୍ଦ ଯାଏ ବିଦେଶରେ ଉଚ୍ଚତର ଶିକ୍ଷାଲାଭ କରିଥିଲେ । ସେ ସମ୍ପର୍କରେ ତାଙ୍କ ଅନୁଭୂତିକୁ ନେଇ ସେ ଆମେରିକା ଅନୁଭୂତି(୧୯୫୨) ଓ ଲଣ୍ଡନ ଚିଠି(୧୯୫୩) ରଚନା କରିଥିଲେ। ପ୍ରଫେସର ଧଳଙ୍କ ଲେଖା "ପ୍ରଜାତନ୍ତ୍ର"ର ପୃଷ୍ଠା ମଣ୍ଡିତ କରିଥିଲା।

ବିଦେଶରେ ଥାଇ ସେ ପତ୍ର ଯୋଗେ ସ୍ୱଦେଶର ସମ୍ପର୍କୀୟଙ୍କ ସଙ୍ଗେ ନିୟମିତ ଯୋଗାଯୋଗ ରଖିଥିଲେ । ଅଧିକାଂଶ ପତ୍ର ସେ ତାଙ୍କର ନନା ବା ବଡ ଭାଇ ବ୍ରଜ କିଶୋର ଧଳଙ୍କ ନିକଟକୁ ଲେଖିଥିଲେ । ପ୍ରଫେସର ଧଳଙ୍କ ପ୍ରଦତ୍ତ ଚିଠିରେ ସେ ତାଙ୍କର ନିକଟ ସମ୍ପର୍କୀୟଙ୍କ କୁଶଳ ଜିଜ୍ଞାସା କରିଥିଲେ । ଏଥି ସହ ସେ ଓଡିଆ ପତ୍ରପତ୍ରିକା ଯଥା-ନିଆଁଖୁଣ୍ଟା, ଡଗର ଆଦି ସମୁଦ୍ର ଡାକରେ ପଠାଇବା ପାଇଁ ଉଲ୍ଲେଖ କରିଥିଲେ। ବିଦେଶରେ ଥାଇ ଗୋଲକ ବିହାରୀ ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ଚିନ୍ତାମଣି ଆଚାର୍ଯ୍ୟଙ୍କ ନିକଟକୁ ପତ୍ର ପ୍ରେରଣ କରିଥିଲେ ଓ ତାହାର ଉତ୍ତର କୁଳପତିଙ୍କ ଠାରୁ ପାଇଥିଲେ । ସେ ସମୟରେ ଚିଠି ଯୋଗେ ପରସ୍ପର ସହ ଭାବର ଆଦାନ ପ୍ରଦାନ ହେଉଥିଲା । ଅଧ୍ୟାପକ ଧଳ ଲଣ୍ଡନରେ ଥାଇ ୧୯.୦୭.୧୯୫୦ତାରିଖରେ ଝଙ୍କାରର ସମ୍ପାଦକଙ୍କୁ ପତ୍ରଟିଏ ଲେଖିଥିଲେ। ବିଷୁବ ମିଳନ ସମ୍ପର୍କରେ ସେ ଲେଖିଥିଲେ ଗୋଟିଏ ଖବର ନୂତନ ତଥା ଅତି ପ୍ରୀତିକର ବୋଧ ହୋଇଛି-ଆପଣମାନଙ୍କ ବିଷୁବ ମିଳନ । ଏହି ପ୍ରସଙ୍ଗରେ ସେ ଆହୁରି ମଧ୍ୟ ଲେଖିଥିଲେ ଓଡିଶାର ସାହିତ୍ୟସେବୀ ମାନଙ୍କୁ ଯେଉଁ ଆଦର ଅଭ୍ୟର୍ଥନା ମିଳିଛି ତାହା ଜାତୀୟ ଚେତନାର ପ୍ରଥମ ତଥା ପ୍ରଧାନ ଲକ୍ଷଣ ବୋଲି ବୋଧ ହେଉଛି। ବିଦେଶରେ ଥାଇ ପ୍ରଫେସର ଧଳ ଲେଖିଥିବା ନଅଖଣ୍ଡ ଚିଠି ତାଙ୍କର ଆତ୍ମକଥା "ଉଷାର ଆଲୋକ" ପୁସ୍ତକରେ ସ୍ଥାନିତ ହୋଇଛି । ଆମେରିକା ଅନୁଭୂତି ପୁସ୍ତକର ଆଦ୍ୟରେ ଗୋଲକ ବିହାରୀ ଧଳ ତାଙ୍କର ବଡ ଭାଇ ବ୍ରଜ କିଶୋର ଧଳଙ୍କୁ ଏକ ଉତ୍ସର୍ଗପତ୍ର ଲେଖିଛନ୍ତି ସେହି ପତ୍ରଟି ଏଠାରେ ଉଦ୍ଧାର କରିବା ଯଥାର୍ଥ ହେବ ବୋଲି ମନେ କରେ ।

ନନା,

ପଢିବି ନାହିଁ ବୋଲି ପ୍ରତିଜ୍ଞା କରି ଯେତେବେଳେ ପ୍ରାଇମେରୀ ସ୍କୁଲରୁ ପଳାଇଥିଲି, ଆପଣ ଜିଦ୍ କରିଥିଲେ ଯେ, ମୋତେ ପଢିବାକୁ ହେବ । ଭଲ ପଢିଲେ ବିଲାତ ପଠାଇବେ ବୋଲି ସ୍ୱପ୍ନ ଦେଖିଥିଲେ । ଭଗବାନଙ୍କ ଆଶୀର୍ବାଦରୁ ସେ ସ୍ୱପ୍ନ ସଫଳ ହେଲା। ମାତ୍ର ବିଲାତରେ ପହଁଞ୍ଚି ହତାଶ ହେଲି। ଆମେରିକା ଯିବା ପାଇଁ ଅଣ୍ଟା ଭିଡିଲି। ନନା ଅଭାବ ଅସୁବିଧା ଓ ଅନ୍ଧକାର ଭିତରେ ଆପଣ ଉତ୍ସାହ ଦେଇଥିଲେ। ଚେଷ୍ଟାକର, ସବୁ ହେବ। ହୋଇଗଲା । ଆମେରିକାରେ ଯା' ଦେଖିଛି, ଲେଖିଛି। ଆପଣ ଯଦି ଏଥିରୁ କିଛି ଆନନ୍ଦ ପାଆନ୍ତି, ମୁଁ ବିଶେଷ ଖୁସି ହେବି।

ଆପଣଙ୍କର ସ୍ନେହାଧୀନ
ଗୋଲି(ଗୋଲକ ବିହାରୀ)

ଉପରୋକ୍ତ ପତ୍ରରୁ ଗୋଲକ ବିହାରୀଙ୍କ ଦାୟିତ୍ୱ ବୋଧ, ନିଷ୍ଠା ଓ ଗୁରଜନଙ୍କ ପ୍ରତି ସମ୍ମାନ ବୋଧର ପରିଚୟ ମିଳେ। ଉଦ୍‌ଯୋଗ ବଳରେ ଅସାଧ୍ୟ ମଧ୍ୟ ସାଧିତ ହୋଇପାରିବ । ସେଥିପାଇଁ ଆବଶ୍ୟକ ପ୍ରେରଣା ସେ ବଡଭାଇଙ୍କ ଠାରୁ ପାଇଥିଲେ । ପ୍ରଫେସର ଗୋଲକ ବିହାରୀ ଧଳଙ୍କ ତିରୋଧାନ ୫୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଗଲାଣି । ଏବେ ମଧ୍ୟ ତାଙ୍କ ରଚନା ପାଠକ ମାନଙ୍କ ଦ୍ୱାରା ଆଦୃତ ହେଉଛି । ମାତ୍ର ପ୍ରଫେସର ଧଳଙ୍କ କ୍ଷେତ୍ରରେ ପୂଜାପୂଜ୍ୟର ବ୍ୟତିକ୍ରମ ଘଟିଛି । ସେହି ମହାନ ସ୍ରଷ୍ଟାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଲେଖକଙ୍କର କୋଟି କୋଟି ପ୍ରଣାମ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ସେପ୍ଟେମ୍ବର, ୨୦୨୬ ସୋମବାର





## ପୁଣି ଘୁଞ୍ଚିଲା ମହାନଦୀ ବିବାଦ ଶୁଣାଣି, ଆସନ୍ତା ୨୧ରେ ପରବର୍ତ୍ତୀ ଶୁଣାଣି

**କଟକ, ନ୍ୟୁଜ୍ ବ୍ୟୁରୋ**

ମହାନଦୀ ଜଳ ବିବାଦ ମାମଲାର ଶୁଣାଣି ପୁଣି ଘୁଞ୍ଚିଛି । ସେପ୍ଟେମ୍ବର ୨୮ ତାରିଖରେ ଟ୍ରିବ୍ୟୁନାଲରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଦୀର୍ଘଦିନ ଧରି ଚାଲିଆସୁଥିବା ଏହି ଜଳ ବିବାଦର ସମାଧାନ ଆଲୋଚନା ଓ ଭାତୃତ୍ୱପୂର୍ଣ୍ଣ ମନୋଭାବରେ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । କୋର୍ଟ କିମ୍ବା ଟ୍ରିବ୍ୟୁନାଲ ମାଧ୍ୟମରେ ଜଳ ବିବାଦର ସ୍ଥାୟୀ ସମାଧାନ ହେବା ଅପେକ୍ଷା ଦୁଇ ରାଜ୍ୟ ମଧ୍ୟରେ ଆଲୋଚନା ଓ ସହଯୋଗ ମାଧ୍ୟମରେ ସମାଧାନର ବାଟ ଖୋଜିବା ଉପରେ ଗୁରୁତ୍ୱ ରହିଛି । କେନ୍ଦ୍ରୀୟ ଜଳ ଆୟୋଗ ବା ସିଡ଼ବ୍ଲୁସି ଅଧକ୍ଷଙ୍କ ଅଧକ୍ଷତାରେ ଓଡ଼ିଶା ଓ ଛତିଶଗଡ଼ର ବୈଷୟିକ ଟିମ୍ ମଧ୍ୟରେ ଦୁଇଥର ବୈଠକ ହୋଇସାରିଛି । ଆସନ୍ତା ସେପ୍ଟେମ୍ବର ୨୧ରେ ପରବର୍ତ୍ତୀ ବୈଠକ ହେବାକୁ ଥିବା ସୂଚନା ମିଳିଛି । ଉଭୟ ରାଜ୍ୟର ସ୍ୱାର୍ଥ ଓ ଜଳ ସୁରକ୍ଷାକୁ ଦୃଷ୍ଟିରେ ରଖି କେଉଁ ଆଧାରରେ ଜଳ ବଣ୍ଟନ କରାଯିବ, ସେନେଇ ଆଗାମୀ ଦିନରେ ସିଡ଼ବ୍ଲୁସି ପକ୍ଷରୁ ଏକ ରୂପରେଖ ପ୍ରସ୍ତୁତ ହୋଇପାରେ । ମହାନଦୀ ଜଳ ବିବାଦରେ ଓଡ଼ିଶାର ସ୍ୱାର୍ଥକୁ ସର୍ବାଗ୍ରେ ରଖି ସମାଧାନର ବାଟ ବାହାର କରିବାକୁ ସରକାର ଉଦ୍ୟମ କରୁଥିବା କୁହାଯାଇଛି ।

## ସଞ୍ଜ ନଇଁଲେ ଗୁଣ୍ଡୁରପଡାରେ ଭୟର ବାତାବରଣ:ରାସ୍ତାଘାଟ ଅନ୍ଧାର

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା ସଦରମହକୁମା ସନ୍ନିକଟ ହୀରାକୁଦ ଅଞ୍ଚଳର ଗୁଣ୍ଡୁପଡା ନୂଆ କଲୋନୀ ଏକ ଜଣାଶୁଣା ଓ ଚଳଚଞ୍ଚଳ ଅଞ୍ଚଳ । ଏଠାରେ ଶତାଧିକ ଲୋକେ ବସବାସ କରନ୍ତି । ଘରକୁ ପାଣି ଯାଇଛି, ବିଦ୍ୟୁତ୍ ଯାଇଛି, ଫୋନ୍ ଯାଇଛି, ୱାଇଫାଇ ବି ଯାଇଛି । ଏହି ଜନବସତିର ଲୋକଙ୍କ ପାଇଁ ଥାନା ବି ରହିଛି । ହେଲେ ଦୀର୍ଘଦିନ ଧରି ଏହି ଅଞ୍ଚଳର ଲୋକେ ସବୁଦିନ ସନ୍ଧ୍ୟା ଠାରୁ କେଉଁ ଦୁର୍ଗମ ବଣ ପାହାଡ଼ ଅଞ୍ଚଳରେ ରହିବା ଭଳି ଲୋକେ ଅଜଣା ଆତଙ୍କରେ ରହିଆସୁଛନ୍ତି । ଦିନବେଳେ ଯେନତେନ ପ୍ରକାରେ ଖାଲଖମା ରାସ୍ତାରେ ଚଳିଯାଉଛନ୍ତି, ହେଲେ ସଞ୍ଜ ନଇଁଲେ ବାଟଘାଟ ସବୁ କିଛି ଅନ୍ଧାର । ଟିଉସନ୍‌କୁ ଯାଇଥିବା ପିଲାମାନେ ରାତି ୭/୮ଟା ସୁଦ୍ଧା ଘରକୁ ଫେରିବାରେ ବିଳମ୍ବ ହେଲେ ଅଭିଭାବକଙ୍କ ଚିନ୍ତା ବଢ଼ି ଯାଇଥାଏ । ହୀରାକୁଦ ଅଞ୍ଚଳର ଗୁଣ୍ଡୁରପଡାରେ ବହୁ ଘରଦ୍ୱାର ରହିଥିବା ବେଳେ ଜନସଂଖ୍ୟା ମଧ୍ୟ କିଛି କମ୍ ନାହିଁ । ହେଲେ ଏହି ଅଞ୍ଚଳର ସମସ୍ତ ରାସ୍ତା ପାର୍ଶ୍ୱରେ ବିଦ୍ୟୁତ୍ ବିଭାଗ କେବଳ ଖୁଣ୍ଟ ପୋତିଦେଇ ଦୀର୍ଘଦିନ ଧରି ଦାୟିତ୍ୱ ତୁଲାଇଥିଲେ ମଧ୍ୟ ଆଲୋକୀକରଣ ଦିଗକୁ ସମ୍ପୂର୍ଣ୍ଣ ଅଣଦେଖା କରିଆସିଛି । ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ଠାରୁ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଞ୍ଚଳବାସୀ ରାସ୍ତାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିବା ପାଇଁ ବାରମ୍ବାର ଲିଖିତ ଅଭିଯୋଗ କରିଆସୁଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ନିଆନଯିବା ଘଟଣା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରାଇଛି । ଏପରିକି ସନ୍ଧ୍ୟା ପରେ ବଜାର ଘାଟ ସାରିକି ହେଉ ବା ଚାକିରି ଓ ବ୍ୟବସାୟ ସାରି ଘରକୁ ଫେରୁଥିବା ଲୋକେ ସର୍ବଦା ବିପଦ ସଙ୍କୁଳ ଅବସ୍ଥାରେ ଯା-ଆସ କରିଥାଆନ୍ତି । କାରଣ ନିଶାଡିଙ୍କ ସହ ଚୋରି ଛିନ୍‌ତାଇ କରୁଥିବା ଅସାମାଜିକ ତତ୍ୱଙ୍କ ଅଭାବ ନଥିବା ବେଳେ କେତେବେଳେ କେଉଁ ଅଘଟଣ ଘଟିବ ତାହା ଏକ ଅଜଣା ଆତଙ୍କ ସୃଷ୍ଟି କରିଆସୁଛି । ଏ ଦିଗରେ ଜିଲ୍ଲାପାଳ ଅନୁଧ୍ୟାନ କରି ତୁରନ୍ତ ବିହିତ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେବାକୁ ସାଧାରଣରେ ଦାବି ହୋଇଛି ।

## ଶରତର ଆଗମନରେ ହସୁଛି କାଶତଣ୍ଡି



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଶରତର ଆଗମନ ସହ ବୌଦ୍ଧର ପ୍ରକୃତିରେ ଦେଖାଦେଇଛି ନୂଆ ରୂପ । ନଦୀପଠା, ବିଲ, ପଡ଼ିଆ ଓ ରାସ୍ତାକଡ଼ରେ ଫୁଟିଥିବା ଧଳା କାଶଫୁଲ ପବନରେ ଦୋଳିଦୋଳି ପାର୍ବଣର ଆଗମନୀ ବାର୍ତ୍ତା ଦେଉଛି । କାଶତଣ୍ଡିର ଧଳା ହସରେ ଏବେ ବୌଦ୍ଧର ପରିବେଶ ପାଇଛି ଏକ ମନୋରମ ଶରତୀୟ ଛୁଆଁ । ନିର୍ମଳ ନୀଳ ଆକାଶ, ଭସାଭସା ଧଳା ମେଘ ଓ ଶୀତଳ ପବନ ସାଙ୍ଗକୁ କାଶଫୁଲର ସମ୍ଭାର ପ୍ରକୃତିପ୍ରେମୀଙ୍କୁ ଆକର୍ଷିତ କରୁଛି । ବିଶେଷକରି ମହାନଦୀ ଓ ଏହାର ଆଖପାଖ ଅଞ୍ଚଳରେ କାଶଫୁଲର ଦୃଶ୍ୟ ଶରତର ସୌନ୍ଦର୍ଯ୍ୟକୁ ଆହୁରି ମନୋହର କରିଛି । ସକାଳର କୋମଳ ସୂର୍ଯ୍ୟକିରଣରେ ଧଳା କାଶଫୁଲ ଝଲମଲ ହେଉଥିବା ବେଳେ ପବନର ତାଳେ ତାଳେ ଦୋଳି ଉଠୁଥିବା କାଶତଣ୍ଡି ମନରେ ସୃଷ୍ଟି କରୁଛି ପାର୍ବଣର ଉତ୍ସାହ । ଶରତ ଋତୁ ଆସିଲେ ବୌଦ୍ଧରେ ପାର୍ବଣ ପ୍ରସ୍ତୁତି ମଧ୍ୟ ଜୋର୍ ଧରିଥାଏ । ବିଭିନ୍ନ ପୂଜାମଣ୍ଡପରେ ସାଜସଜ୍ଜା ଓ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ କାରିଗରଙ୍କ ହାତରେ ଚାଲିଛି ନିର୍ମାଣ କାମ । ବଜାରରେ ମଧ୍ୟ ପାର୍ବଣକୁ ନେଇ ଧୀରେଧୀରେ ଜନଚହଳ ବଢୁଛି । ପୂଜାକୁ ନେଇ ଛୋଟ ଠାରୁ ବଡ଼ ସମସ୍ତଙ୍କ ମନରେ ଦେଖାଦେଇଛି ଉତ୍ସାହ । ପ୍ରକୃତିରେ ଏହି ପରିବର୍ତ୍ତନ କେବଳ ଋତୁ ପରିବର୍ତ୍ତନର ସଙ୍କେତ ନୁହେଁ, ବରଂ ଓଡ଼ିଆ ଜୀବନର ପାର୍ବଣ ପରମ୍ପରା ସହ ଜଡ଼ିତ ଏକ ଭାବନା । କାଶଫୁଲର ଧଳା ତଣ୍ଡି ଯେପରି ପାର୍ବଣକୁ ସ୍ୱାଗତ କରିବାକୁ ହାତ ହଲାଉଛି । ବୌଦ୍ଧର ଗାଁଠାରୁ ସହର ପର୍ଯ୍ୟନ୍ତ ଏବେ ଶୁଭିଲାଣି ପାର୍ବଣର ପଦଧ୍ୱନି । ପ୍ରକୃତିର କୋଳରେ ଧଳା କାଶର ହସ ଓ ଲୋକଙ୍କ ମନରେ ଉତ୍ସବର ଉଲ୍ଲାସ-ସବୁ ମିଶି ବୌଦ୍ଧରେ ସୃଷ୍ଟି ହୋଇଛି ଏକ ନିଆରା ଶରତୀୟ ପରିବେଶ ।



## ଅଣ୍ଡରା ପଞ୍ଚାୟତକୁ ନିଶାମୁକ୍ତ କରିବା ପାଇଁ ଦାବିପତ୍ର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଅଣ୍ଡରା ଗ୍ରାମପଞ୍ଚାୟତରେ ସରକାରଙ୍କ ତରଫରୁ ଏକ ମଦ ଦୋକାନ ଖୋଲାଯିବାକୁ ସ୍ଥିର କରାଯାଇଥିବାରୁ ଏନେଇ ପଞ୍ଚାୟତର ମହିଳାମାନେ ସମ୍ପୂର୍ଣ୍ଣ ପଞ୍ଚାୟତକୁ ନିଶାମୁକ୍ତ କରିବା ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ ପୂର୍ବରୁ ମଦ ଦୋକାନ ଖୋଲିବା ପାଇଁ ପ୍ରୟାସ କରାଯାଇଥିବାରୁ ଏହାକୁ ତୀବ୍ର ବିରୋଧ କରି ସ୍ଥାନୀୟ ଅଞ୍ଚଳର ମହିଳା ଧର୍ମଘଟ, ଧାରଣା ଓ ଜେଲ୍ ଭରିବାକୁ ପଦକ୍ଷେପ ନେବାକୁ ସ୍ଥିର କରିଛନ୍ତି । ଏଠାରେ ମଦ ଦୋକାନ ଖୋଲିଲେ ମହିଳାମାନେ ଓ ଛାତ୍ରଛାତ୍ରୀଙ୍କ ଯିବାଆସିବାରେ ଅସୁବିଧା ହେବା ସହ ଗ୍ରାମରେ ଏହାର କୁପ୍ରଭାବ ପଡିବ ବୋଲି ଦାବି କରିଛନ୍ତି । ଯଦି ଏଠାରେ ମଦ ଦୋକାନ ଖୋଲାଯାଏ ତେବେ ଏହାକୁ ବନ୍ଦ କରିବା ପାଇଁ ଦୃଢ ପଦକ୍ଷେପ ନିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

## ପର୍ଯ୍ୟଟକଙ୍କୁ ଆକୃଷ୍ଟ ପାଇଁ ବେଳାଭୂମିକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ଉପରେ ଗୁରୁତ୍ୱାରୋପ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ବେଳାଭୂମି ସବୁବେଳେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ପୁରୀ ଆଧ୍ୟାତ୍ମିକ ଓ ପର୍ଯ୍ୟଟନ କ୍ଷେତ୍ର ପାଇଁ ବେଶ୍ ଖ୍ୟାତି ଅର୍ଜନ କରିଛି । ଏହାକୁ ସ୍ୱଚ୍ଛ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ତଥା ନୋଡାଲ୍ ଅଫିସର ଶରତ ଚନ୍ଦ୍ର ବେହେରା । ପେଣ୍ଟକଟା ସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳରେ ସ୍ୱଚ୍ଛ ସାଗର, ସୁସ୍ଥ ସାଗର ଅଭିଯାନ ସମ୍ପର୍କରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ପେଣ୍ଟକଟା ସମୁଦ୍ରକୂଳ ଅଞ୍ଚଳର ଲୋକମାନେ ସମୁଦ୍ର ଉପରେ ନିର୍ଭରଶୀଳ ଓ ସେମାନଙ୍କ ଅର୍ଥନୀତି ସମୁଦ୍ର ସହ ଜଡିତ । ଏହାସହ ମତ୍ସ୍ୟ ଉତ୍ପାଦନ ଦୃଷ୍ଟିରୁ ଏଠାରେ ଭବିଷ୍ୟତରେ ମତ୍ସ୍ୟ ଅବତରଣ କେନ୍ଦ୍ର ହୋଇପାରେ । ସେତେବେଳେ ଅଧିକରୁ ଅଧିକ ପର୍ଯ୍ୟଟକ ଏଠାକୁ ଆସିବେ । ଯାହା ଆମ ଅର୍ଥନୀତିକୁ ସମୃଦ୍ଧ କରିବ । ତେଣୁ ଆମ ବେଳାଭୂମିକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଆମେ ସଂକଳ୍ପବଦ୍ଧ ହେବାକୁ ଶ୍ରୀ ବେହେରା ପରାମର୍ଶ ଦେବା ସହ ପେଣ୍ଟକଟାର ଅଧିବାସୀମାନେ ସମୁଦ୍ର କୂଳକୁ ସ୍ୱଚ୍ଛ ରଖି ଆଦର୍ଶ ସୃଷ୍ଟି କରିବାକୁ ଅନୁରୋଧ କରିଥିଲେ । ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱଚ୍ଛ ସାଗର ଓ ସୁରକ୍ଷିତ ସାଗର ଶପଥ ପାଠ କରାଇଥିଲେ । ବୈଠକରେ ଟିଏଫ୍‌ଡବ୍ଲୁଡିର ପୁରୀ ଜିଲ୍ଲା ସଭାପତି ବାବୁଲା ପ୍ରସାଦ ପେଣ୍ଟକଟା ବାସିନ୍ଦାଙ୍କ ଆବଶ୍ୟକତା, ସମସ୍ୟା, ସମସ୍ୟାର ସମାଧାନ ପାଇଁ ବିବିଧ ପ୍ରସ୍ତାବ, ସ୍ୱଚ୍ଛ ଓ ସୁରକ୍ଷିତ ସାଗର ପାଇଁ ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ମତ୍ସ୍ୟ ଅଧିକାରୀ ବି ନିଗମ କୁମାର, ଯଶସ୍ୱିନୀ ମହାନ୍ତି, ମାନସ କୁମାର ପରିଡା, ଏମ୍ ସୁବାରାଓ, କେ ପ୍ରସନ୍ନ କୁମାର, କେ ଟାଟା ରାଓ, ୱାଇ ଆପାଲ ରାଜୁ, ବୋନ୍ଦି ଚିଟିବାବୁ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ମୁଖ୍ୟ ଜିଲ୍ଲା ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ମାଝି ଧନ୍ୟବାଦ ଅର୍ପଣ କରିଥିଲେ । ଏହା ପୂର୍ବରୁ ପେଣ୍ଟକଟା ସମୁଦ୍ର କୂଳରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ସିଡିପିଓ, ଅଙ୍ଗନବାଡି କର୍ମୀ ଓ ସ୍ୱେଚ୍ଛାସେବୀ ମାନେ ଅଂଶଗ୍ରହଣ କରିଥିଲେ ।

## ପ୍ରିଣ୍ଟ ପେପରରେ ଜଳଖିଆ ବିକ୍ରି:ପ୍ରଶାସନ ନିରବ

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରରେ ଜଳଖିଆ ପରିବେଷଣକୁ ନେଇ ଏକ ଅଭାବନୀୟ ଚିତ୍ର ସାମ୍ନାକୁ ଆସିଛି । ଜଳଖିଆ ପରିବେଷଣ ପାଇଁ ପ୍ରିଣ୍ଟ ପେପର ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି । ଖାଦ୍ୟ ସହ ପ୍ରିଣ୍ଟ ପେପରର ସଂସ୍ପର୍ଶ ସ୍ୱାସ୍ଥ୍ୟ ପାଇଁ କେତେ ସୁରକ୍ଷିତ, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଖଡ଼ିଆଳ ସହରର ବିଭିନ୍ନ ଜଳଖିଆ ଦୋକାନରେ ଗ୍ରାହକଙ୍କୁ ଜଳଖିଆ ଦେବା ସମୟରେ ପ୍ଲେଟ୍ କିମ୍ବା ଖାଦ୍ୟ ପ୍ୟାକେଜିଂ ପରିବର୍ତ୍ତେ ପ୍ରିଣ୍ଟ ପେପର ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି । ଏହାଦ୍ୱାରା କାଗଜରେ ଥିବା ମୁଦ୍ରଣ କାଳି କିମ୍ବା ଅନ୍ୟାନ୍ୟ ରାସାୟନିକ ପଦାର୍ଥ ଖାଦ୍ୟରେ ମିଶିବାର ଆଶଙ୍କା ରହିଥିବାରୁ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଖାଦ୍ୟ ପରିବେଷଣରେ ଏଭଳି ସାମଗ୍ରୀ ବ୍ୟବହାର ଉପରେ ନିୟମ ରହିଥିଲେ ମଧ୍ୟ ଏହାର ଯାଞ୍ଚ ଓ ନିୟନ୍ତ୍ରଣ ଦିଗରେ ପ୍ରଶାସନର ଭୂମିକାକୁ ନେଇ ପ୍ରଶ୍ନ ଉଠିଛି । ଦୋକାନଗୁଡ଼ିକରେ ନିୟମିତ ଯାଞ୍ଚ କରାଯାଇ ଖାଦ୍ୟ ସୁରକ୍ଷା ନିୟମର ଉଲ୍ଲଂଘନ ହେଉଥିଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି । ଏପରି ସ୍ଥିତିରେ ଖଡ଼ିଆଳ ସହରରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଯାଞ୍ଚ କରାଯାଇ ଲୋକଙ୍କୁ ସୁରକ୍ଷିତ ଖାଦ୍ୟ ଯୋଗାଣ ନିଶ୍ଚିତ କରାଯିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏନେଇ ଏନ୍‌ଏସି ଇଓ ସ୍ୱାଧୀନ କେତନ ମହାରଣାଙ୍କୁ ଯୋଗାଯୋଗ କରାଯିବାରୁ ଚଢଉ ଜାରି ରହିଛି ବୋଲି ମତବ୍ୟକ୍ତ କରିଥିଲେ ।

## ଚାଷୀ ଓ ବ୍ୟବସାୟୀଙ୍କୁ ଋଣ ପ୍ରଦାନ ନେଇ ବ୍ୟାଙ୍କ ସମୂହଙ୍କୁ ପରାମର୍ଶ




**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟ କରୁଥିବା ବ୍ୟାଙ୍କ ସମୁହଙ୍କ ଜିଲ୍ଲାସ୍ତରୀୟ ବୈଠକ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଲିଡ୍ ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏହି ବୈଠକରେ ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର୍ ଅଧକ୍ଷତା କରିଥିଲେ । ଲିଡ୍ ବ୍ୟାଙ୍କ ଅଧିକାରୀ (ଏଲ୍‌ଡିଏମ୍) ରମାକାନ୍ତ ମାଝିଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ବ୍ୟାଙ୍କ ମାନଙ୍କର ଋଣ ପ୍ରଦାନ ଓ ଆଦାୟ ଉପରେ ସମୀକ୍ଷା କରାଯାଇଥିଲା । ବୈଠକରେ ଲାଇନ୍ ଡିପାର୍ଟମେଣ୍ଟମାନେ ବ୍ୟାଙ୍କକୁ ଦେଉଥିବା ଲକ୍ଷ୍ୟକୁ ପୂରଣ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା । କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ଯଥା କୃଷି ଋଣ, ବାଣିଜ୍ୟ ଋଣ, କ୍ଷୁଦ୍ର ବ୍ୟବସାୟୀ ଋଣ, ସ୍ୱୟଂ ସହାୟିକା ଗୋଷ୍ଠୀ ଋଣ, କେସିସି ଋଣ ସହିତ ମୁଖ୍ୟମନ୍ତ୍ରୀ, ଉଦ୍ୟାନ କୃଷି ଯୋଜନା ଋଣ ଯୋଜନା ସମ୍ପର୍କରେ ବିସ୍ତାର ଭାବେ ଆଲୋଚନା କରାଯାଇଥିଲା । ବ୍ୟାଙ୍କ ସମୂହ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଋଣ ପ୍ରଦାନ କରି ସେମାନଙ୍କୁ ଆତ୍ମ ନିର୍ଭରଶୀଳ କରାଇବା ସହ ସରକାରଙ୍କ ଲକ୍ଷ ପୂରଣରେ ସହାୟତା କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଏଥିସହିତ ବ୍ୟାଙ୍କରୁ ଋଣ ନେଇ ଆତ୍ମ ନିର୍ଭରଶୀଳ ହୋଇଥିବା ଏବଂ ଠିକ୍ ସମୟରେ ଋଣ ପୈଠ କରୁଥିବା ବ୍ୟବସାୟୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜିତ ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଏଲ୍‌ଡିଓ ଆର୍‌ଡିଆଇର ଏଲ୍‌ଡିଓ ଅବିନାଶ ରାଉଳ, ଡିଡିଏମ୍ ନାବାର୍ଡ ସ୍ମିତା ବଡଜେନା, ଆର୍‌ଏମ୍‌ଓଜିବି ମନୋଜ କୁମାର ପାତ୍ର, ଆର୍.ଏନ୍.ଏସ୍‌ବିଆଇ ପାରାଦୀପ ପୀୟୁଷ ରଞ୍ଜନ ସ୍ୱାଇଁ, ଆର୍‌ଏସ୍‌ଇଟିଆଇର ଶରତ ଚନ୍ଦ୍ର ଦାସ, ଏସ୍‌ବିଆଇର ପ୍ରଭାତ କୁମାର ମହାନ୍ତି, ଡିଜିବିଆର୍‌ଓ ସୁଦୀପ୍ତ ରାଉଳ, ବିଏମ୍, ଡିଜିବି ରାକେଶ କୁମାର ଦାସଙ୍କ ଜିଲ୍ଲାର ସମସ୍ତ ବ୍ୟାଙ୍କର ଶାଖା ପରିଚାଳକ ଉପସ୍ଥିତ ଥିଲେ ।

## ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଉନି ଏମ୍‌କେସିଜିର ଟ୍ରମା କେୟାର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏମ୍‌କେସିଜିରେ ସମସ୍ତ ସୁପରସ୍ପେସାଲିଟି ବିଭାଗ ଡାକ୍ତର ଉପଲବ୍ଧ ଥିବା ସତ୍ତ୍ୱେ ଟ୍ରମା କେୟାର ସେଣ୍ଟର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଉନି । ଦୁର୍ଘଟଣାରେ ଗୁରୁତର ହୋଇ ଏମ୍‌କେସିଜିକୁ ଆସୁଥିବା ରୋଗୀଙ୍କୁ ଏଠାକାର କାଜୁଆଲିଟିରେ ଚିକିତ୍ସା କରାଯାଉଛି ନତୁବା କଟକ ସ୍ଥାନାନ୍ତରିତ କରାଯାଉଛି । ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ନମିଳିବାରୁ ରେଫର ହେଉଥିବା ଅନେକ ରୋଗୀ ରାସ୍ତାରେ ହିଁ ଆଖି ବୁଜି ଦେଉଥିବା ନଜରକୁ ଆସୁଛି । ଏମ୍‌କେସିଜିର ଟ୍ରମା କେୟାର କାର୍ଯ୍ୟକ୍ଷମ ପାଇଁ ପୂର୍ବରୁ ବହୁବାର ବୈଠକ ଓ ନିର୍ଦ୍ଦେଶନାମା ଜାରି ହୋଇଛି । ହେଲେ ସ୍ଥିତି ଯଥା ପୂର୍ବଂ ତଥା ପରଂ ଭଳି ରହିଛି । ଜାତୀୟ ରାଜପଥ ତଥା କୌଣସି ଠାରେ ସଡ଼କ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଭାବେ ଆହତ ହେଉଥିବା ରୋଗୀଙ୍କୁ ଜୀବନରକ୍ଷାକାରୀ ଚିକିତ୍ସା ପ୍ରଦାନ ପାଇଁ ଆଜକୁ ପ୍ରାୟ ୧୫ ବର୍ଷ ତଳେ ଏମ୍‌କେସିଜିରେ ଟ୍ରମା କେୟାର ସେଣ୍ଟର ସ୍ଥାପନ କରାଯାଇଥିଲା । ଜରୁରୀକାଳୀନ ପରିସ୍ଥିତି ଏବଂ ଗୁରୁତର ଆଘାତପ୍ରାପ୍ତ ରୋଗୀଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇଦେବା ପାଇଁ ଏକ ବହୁ ବିଭାଗୀୟ ଡାକ୍ତରୀ ଟିମ୍ ଗଠନ କରାଯାଇଥିଲା । ସେଥିରେ ଜରୁରୀକାଳୀନ ମେଡିସିନ୍ ସ୍ପେସାଲିଷ୍ଟ ଡାକ୍ତର, ଅର୍ଥୋପେଡ଼ିକ୍ ସର୍ଜନ, ଜେନେରାଲ୍ ସର୍ଜନ, ନ୍ୟୁରୋ ସର୍ଜନ, ଆନାସ୍ଥେସିଓଲୋଜିଷ୍ଟ ଓ କ୍ରିଟିକାଲ୍ କେୟାର ବିଶେଷଜ୍ଞ, ପ୍ଲାଷ୍ଟିକ୍ ସର୍ଜନ, କାର୍ଡ଼ିଓଥୋରାସିକ୍ ସର୍ଜନ ରହିବେ ବୋଲି କୁହାଯାଇଥିଲା । ଏହା ସହ ଟ୍ରମା କେୟାର ସେଣ୍ଟରରେ ୨୪ ଘଣ୍ଟିଆ ଏକ୍ସ-ରେ ସେବା ସହ ରେଡ଼ିଓଗ୍ରାଫର, ନର୍ସିଂ ଅଫିସର ଓ ଆଟେଣ୍ଡାଣ୍ଟ ନିଯୁକ୍ତି କରାଯାଇଥିଲା । ହେଲେ ଏମ୍‌କେସିଜିରେ ନ୍ୟୁରୋ ସର୍ଜରୀ, ସିଟିଭିଏସ୍ ସର୍ଜରୀ ବିଶେଷଜ୍ଞ ନଥିବାରୁ କିଛି ବର୍ଷ ଟ୍ରମା କେୟାର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମରେ ବାଧା ସୃଷ୍ଟି ହୋଇଥିଲା । ସମୟ କ୍ରମରେ ଟ୍ରମା କେୟାର ସେଣ୍ଟରରେ ଅସ୍ଥିଶଲ୍ୟ ବିଭାଗର ରୋଗୀ ରଖି ଚିକିତ୍ସା କରାଯାଇଥିଲା । ଟ୍ରମା କେୟାର ସେଣ୍ଟରର ଜରୁରୀ ଯନ୍ତ୍ରପାତି ଏବଂ ଅସ୍ତ୍ରୋପଚାର ଗୃହ ଅସ୍ଥିଶଲ୍ୟ ବିଭାଗ ଭଳି ଅନ୍ୟାନ୍ୟ ବିଭାଗ ଦ୍ୱାରା ବ୍ୟବହୃତ ହୋଇଥିଲା । ଏବେ ୫ ବର୍ଷ ହେବ ଏମ୍‌କେସିଜିରେ ସମସ୍ତ ସୁପରସ୍ପେସାଲିଟି ବିଭାଗ କାର୍ଯ୍ୟକ୍ଷମ ହୋଇସାରିଛି । ବିଶେଷ କରି ହୃଦବକ୍ଷ ଶଲ୍ୟ ଚିକିତ୍ସା ବିଭାଗ, ନ୍ୟୁରୋ ସର୍ଜରୀ ଓ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତ ହେବା ପରେ ଦକ୍ଷିଣ ଓଡ଼ିଶାର ଶହ ଶହ ରୋଗୀ ସମ୍ପୃକ୍ତ ବିଭାଗକୁ ଉନ୍ନତ ଚିକିତ୍ସା ସେବା ପାଉଛନ୍ତି । ଆବଶ୍ୟକୀୟ ସୁପରସ୍ପେସାଲିଟି ଡାକ୍ତର ଉପଲବ୍ଧ ଥିବା ସତ୍ତ୍ୱେ ଏମ୍‌କେସିଜିରେ ଟ୍ରମା କେୟାର ସେଣ୍ଟର କାହିଁକି କାର୍ଯ୍ୟକ୍ଷମ କରାଯାଉନାହିଁ ତାକୁ ନେଇ ପ୍ରଶ୍ନ ଉଠୁଛି । ଏମ୍‌କେସିଜି କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବରୁ ଏଭଳି ସ୍ଥିତି ଲାଗି ରହିଥିବା କୁହାଯାଉଛି । କିଛି ମାସ ତଳେ ଏମ୍‌କେସିଜିର ତତ୍‌କାଳୀନ ଅଧିକ୍ଷକ ତଥା ବର୍ତ୍ତମାନର ଡିଏମ୍‌ଇଟି ପ୍ରଫେସର ଡା. ଦୁର୍ଗା ମାଧବ ଶତପଥୀ ଟ୍ରମା କେୟାର ସେଣ୍ଟରକୁ କାର୍ଯ୍ୟକ୍ଷମ କରିବାକୁ ବିଭାଗୀୟ ମୁଖ୍ୟଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ । ହେଲେ ସେ ପଦୋନ୍ନତି ପାଇ ଭୁବନେଶ୍ୱର ଚାଲିଯିବା ପରେ ସେହି ଯୋଜନା ସେଠାରେ ହିଁ ଅଟକି ଯାଇଛି । ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି । ଟ୍ରମା କେୟାର ସେଣ୍ଟର ତୁରନ୍ତ ୨୪ ଘଣ୍ଟିଆ ମଲ୍ଟି ଡିସିପ୍ଲିନାରୀ ଡାକ୍ତରୀ ଟିମ୍ ନିଯୁକ୍ତ ଆବଶ୍ୟକୀୟ ନର୍ସିଂ ଅଫିସର ଓ ଆଟେଣ୍ଡାଣ୍ଟ ନିଯୁକ୍ତି, ଡିଜିଟାଲ୍ ଏକ୍ସ-ରେ ସେବା ଉପଲବ୍ଧ କରିବାକୁ ଦାବି ହେଉଛି ।

## ଭଙ୍ଗା ଦଦରା ଘରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର:ଅସୁରକ୍ଷିତ ଶିଶୁ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ଦିନେ ମାଓ ଭୟରେ ଠପ୍ ହୋଇଯାଇଥିଲା ଏଠାକାର ଜୀବନ । ଶିକ୍ଷା ଠାରୁ ଦୂରେଇ ଯାଇଥିଲେ ଘାଟି ଅଞ୍ଚଳର ଲୋକେ । ହେଲେ ଏବେ ସମୟ ବଦଳିଛି... ହଟିଛି ଲାଲ୍ ଆତଙ୍କ । ଅଥଚ ଆଜିବି ହଟିନି ଅଭାବ । ବଦଳିନି ବିକାଶର ଚିତ୍ର । ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ତୁଳସୀ ଘାଟି ଅଞ୍ଚଳର କେରମେଟି ଗାଁ । ଗାଁରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ଦଦରା ଘର ଭଙ୍ଗା କାନ୍ଥ ଆଉ ଅସୁରକ୍ଷିତ ପରିବେଶରେ ଚାଲିଛି । ଏହାରି ଭିତରେ ଚାଲିଛି କୋମଳମତି ଶିଶୁଙ୍କ ପ୍ରାକ୍-ଶିକ୍ଷା । ଯେଉଁଠି ପିଲାଙ୍କ ପାଠପଢ଼ା ଠାରୁ ବଡ଼ ଚିନ୍ତା ପାଲଟିଛି ସୁରକ୍ଷା । ନିଜସ୍ୱ ଅଙ୍ଗନବାଡ଼ି ଗୃହଟିଏ ନାହିଁ । ଭଙ୍ଗା ଘରେ ବସି ଶିକ୍ଷାର ପ୍ରଥମ ପାହାଚ ଚଢୁଛନ୍ତି କୋମଳମତି ଶିଶୁ । ଭଲ ଘରଟିଏ ତ ଦୂରର କଥା, ମୌଳିକ ସୁବିଧାଟିଏ ପାଇବା ବି ଏଠି କଷ୍ଟକର । ଦିନେ ମାଓବାଦୀଙ୍କ ଭୟରେ ଯେଉଁ ଘାଟି ଅଞ୍ଚଳରେ ବିକାଶର ଚକ ଅଟକି ଯାଇଥିଲା, ଆଜି ସେହି ଅଞ୍ଚଳ ଲାଲ୍ ଆତଙ୍କରୁ ମୁକ୍ତ ହେବା ପରେ ବି ମୌଳିକ ସୁବିଧାରୁ ବଞ୍ଚିତ । ପ୍ରଶ୍ନ ଉଠୁଛି ଯେଉଁ ପିଲାମାନେ ଆସନ୍ତାକାଲିର ଭବିଷ୍ୟତ, ସେମାନଙ୍କ ଶିକ୍ଷାର ପ୍ରଥମ ପାହାଚ ଯଦି ଭଙ୍ଗା ଘରେ ହୁଏ, ତେବେ କେମିତି ଗଢ଼ିହେବ ସେମାନଙ୍କ ଭବିଷ୍ୟତ ? ଘାଟି ଅଞ୍ଚଳରେ ବିକାଶର ଦାବି ହେଉଛି । ହେଲେ କେରମେଟି ଗାଁର ଏହି ଚିତ୍ର ସରକାରୀ ବିକାଶର ବାସ୍ତବତାକୁ ନେଇ ଉଠାଇଛି ବଡ଼ ପ୍ରଶ୍ନ ।

## ୩ ବର୍ଷ ପରେବି ହଷ୍ଟେଲ ନିର୍ମାଣ ଅଧପନ୍ତରିଆ:ଛାତ୍ରଛାତ୍ରୀ ହଟହଟା

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ତିନି ବର୍ଷ ବିତିଯାଇଥିଲେ ମଧ୍ୟ ଶେଷ ହୋଇପାରୁନାହିଁ ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ପତ୍ରାପାଲି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ହଷ୍ଟେଲ ଗୃହ । ନିର୍ମାଣ କାମ ଦୀର୍ଘଦିନ ଧରି ଅଧପନ୍ତରିଆ ଭାବେ ପଡ଼ିରହିଥିବାରୁ ଏହାର ସୁବିଧା ଛାତ୍ରଛାତ୍ରୀଙ୍କୁ ମିଳିପାରୁନାହିଁ । ଫଳରେ ବିଦ୍ୟାଳୟର ପ୍ରାୟ ୪ ଶହ ଛାତ୍ରଛାତ୍ରୀଙ୍କ ଯାତାୟାତ ନେଇ ଘୋର ସମସ୍ୟା ଦେଖାଦେଇଛି । ସୂଚନା ଅନୁଯାୟୀ, ପତ୍ରାପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଅଧିକାଂଶ ଛାତ୍ରଛାତ୍ରୀ ଗରିବ ଓ ଗ୍ରାମାଞ୍ଚଳର ପରିବାରରୁ ଆସିଥାନ୍ତି । ଦୂରଦୂରାନ୍ତରୁ ପିଲାମାନେ ବିଦ୍ୟାଳୟକୁ ଆସୁଥିବା ବେଳେ ହଷ୍ଟେଲ ଗୃହ ନିର୍ମାଣ ଶେଷ ହୋଇନଥିବାରୁ ସେମାନଙ୍କ ଯାତାୟାତ ଓ ରହଣିକୁ ନେଇ ଅଭିଭାବକମାନେ ମଧ୍ୟ ଚିନ୍ତାରେ ରହିଛନ୍ତି । ହଷ୍ଟେଲ ଗୃହର ଛାତ ପଡ଼ିବା ସହ ରଙ୍ଗ କାର୍ଯ୍ୟ ମଧ୍ୟ ସମ୍ପନ୍ନ ହୋଇସାରିଛି । ତେବେ ଗୃହର ଭିତର ଭାଗର ଅନେକ ଗୁରୁତ୍ୱପୂର୍ଣ୍ଣ କାମ ଏବେ ସୁଦ୍ଧା ଅସମ୍ପୂର୍ଣ୍ଣ ରହିଛି । ବିଶେଷକରି ମାର୍ବଲ ପକାଇବା, ବିଦ୍ୟୁତ୍ ୱାୟାରିଂ ଏବଂ ପାଣି ପାଇପ୍ ୱାୟାରିଂ ଭଳି ଆବଶ୍ୟକୀୟ କାର୍ଯ୍ୟ ଶେଷ ହୋଇନାହିଁ । ବାହାର ଭାଗର କାମ ଅନେକାଂଶରେ ସରିଥିଲେ ମଧ୍ୟ ଭିତରର ଏହି ମୌଳିକ କାମଗୁଡ଼ିକ ଅଧାରେ ଅଟକି ରହିବା ଯୋଗୁ ହଷ୍ଟେଲଟି ଛାତ୍ରଛାତ୍ରୀଙ୍କ ବ୍ୟବହାର ପାଇଁ ଉପଯୋଗୀ ହୋଇପାରୁନାହିଁ । ଏପଟେ ହଷ୍ଟେଲ ଅଭାବରୁ ଦୂରଦୂରାନ୍ତର ଛାତ୍ରଛାତ୍ରୀଙ୍କୁ ପ୍ରତିଦିନ ବିଦ୍ୟାଳୟକୁ ଯିବାଆସିବା କରିବାକୁ ପଡୁଛି । ଯାତାୟାତ ବ୍ୟବସ୍ଥା ସୁବିଧାଜନକ ନଥିବା ଅଞ୍ଚଳରୁ ଆସୁଥିବା ପିଲାଙ୍କ ପାଇଁ ଏହି ସମସ୍ୟା ଆହୁରି ଗୁରୁତର ହୋଇପଡ଼ିଛି । ଗରିବ ଓ ଗ୍ରାମାଞ୍ଚଳର ପରିବାରର ପିଲାମାନଙ୍କ ଶିକ୍ଷାକୁ ସହଜ କରିବା ଉଦ୍ଦେଶ୍ୟରେ ଆଦର୍ଶ ବିଦ୍ୟାଳୟ ଭଳି ଅନୁଷ୍ଠାନ ଖୋଲାଯାଇଥିବା ବେଳେ ହଷ୍ଟେଲ ନିର୍ମାଣରେ ଏଭଳି ବିଳମ୍ବ ପ୍ରଶ୍ନ ସୃଷ୍ଟି କରିଛି । ତିନି ବର୍ଷ ଧରି ନିର୍ମାଣାଧୀନ ଥିବା ଏହି ହଷ୍ଟେଲ ଗୃହର ଅବଶିଷ୍ଟ କାମ କେବେ ସରିବ ଏବଂ କେବେ ଏହା ଛାତ୍ରଛାତ୍ରୀଙ୍କ ବ୍ୟବହାରରେ ଆସିବ, ତାହାକୁ ନେଇ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସମ୍ପୃକ୍ତ ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଅଧପନ୍ତରିଆ କାର୍ଯ୍ୟକୁ ଶୀଘ୍ର ଶେଷ କରି ହଷ୍ଟେଲଟିକୁ ଛାତ୍ରଛାତ୍ରୀଙ୍କ ଉପଯୋଗରେ ଆଣିବାକୁ ଦାବି ହୋଇଛି ।

## ଚିକିତ୍ସାଳୟ ଚକ୍ଷୁ ବିଭାଗରେ ଝୁଲୁଛି ତାଲା:ରୋଗୀ ମହଲରେ ତୀବ୍ର ଅସନ୍ତୋଷ

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଦିନକୁ ଦିନ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଏହି ପ୍ରମୁଖ ଡାକ୍ତରଖାନା ଉପରେ କେବଳ ଚମ୍ପୁଆ ଉପଖଣ୍ଡ ନୁହେଁ, ବରଂ ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲା ଏବଂ ସୀମାନ୍ତ ଝାଡ଼ଖଣ୍ଡ ରାଜ୍ୟର ହଜାର ହଜାର ଗରିବ ଲୋକ ନିର୍ଭର କରିଥାନ୍ତି । ମାତ୍ର ଦୀର୍ଘ ଦିନ ହେବ ଏଠାରେ ଚିକିତ୍ସା ସେବା ସମ୍ପୂର୍ଣ୍ଣ ବ୍ୟାହତ ହୋଇପଡ଼ିଛି । ସୂଚନା ଅନୁଯାୟୀ, ଦୀର୍ଘ ଏକ ବର୍ଷ ହେବ ଏହି ଗୁରୁତ୍ୱପୂର୍ଣ୍ଣ ଚିକିତ୍ସାଳୟରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ପଦବୀ ଖାଲି ପଡ଼ିଛି । ପ୍ରଶାସନ ପକ୍ଷରୁ ଜଣେ ଶିଶୁ ଚିକିତ୍ସକଙ୍କୁ ଏହି ପଦବୀର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ମାତ୍ର ସ୍ଥାୟୀ ଅଧିକାରୀ ନଥିବାରୁ ଏବଂ ଭାରପ୍ରାପ୍ତ ଅଧିକାରୀଙ୍କୁ ଡାକ୍ତରଖାନାର କର୍ମଚାରୀମାନେ ଗୁରୁତ୍ୱ ଦେଉନଥିବାରୁ, ଚିକିତ୍ସାଳୟ ପରିଚାଳନାରେ ଚରମ ମନମୁଖୀ ଶାସନ ଚାଲିଥିବା ଅଭିଯୋଗ ହେଉଛି । ଏହାର ଜ୍ୱଳନ୍ତ ଉଦାହରଣ ଗତ କିଛି ଦିନ ହେବ ଡାକ୍ତରଖାନାର ଚକ୍ଷୁ ବିଭାଗରେ ଦେଖିବାକୁ ମିଳିଛି । ଚକ୍ଷୁ ବିଶେଷଜ୍ଞ ଦୀର୍ଘ ଦିନ ଧରି ଡାକ୍ତରଖାନା ଆସୁନଥିବା ବେଳେ ବିଭାଗୀୟ କକ୍ଷରେ ତାଲା ଝୁଲୁଛି । ଅନ୍ୟପଟେ, ଏହି ବିଭାଗରେ ଥିବା ଅନ୍ୟ ଜଣେ କର୍ମଚାରୀ ନିଜ ମନମର୍ଜି ଅନୁସାରେ ଅଫିସ ଖୋଲୁଛନ୍ତି ଏବଂ ବନ୍ଦ କରୁଛନ୍ତି । ଫଳରେ ଦୂରଦୂରାନ୍ତରୁ ଆସୁଥିବା ଶହ ଶହ ଚକ୍ଷୁ ରୋଗୀ ଦୈନିକ ସେବା ନପାଇ ହତାଶ ହୋଇ ଫେରୁଛନ୍ତି । ସାଧାରଣ ଗରିବ ଲୋକେ ଡାକ୍ତରଖାନା ଆସି ଉପଯୁକ୍ତ ଚିକିତ୍ସା ନପାଇ ହଇରାଣ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ରୋଗୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ଗମ୍ଭୀର ସମସ୍ୟା ପ୍ରତି କେନ୍ଦୁଝର ଜିଲ୍ଲା ପ୍ରଶାସନ ତୁରନ୍ତ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଖାଲି ପଡ଼ିଥିବା ସ୍ଥାୟୀ ପଦବୀ ପୂରଣ ଏବଂ ଚକ୍ଷୁ ବିଭାଗକୁ ସ୍ୱାଭାବିକ କରିବାକୁ ଜନସାଧାରଣରେ ଦୃଢ଼ ଦାବି ହେଉଛି ।

## ନାବାଳିକାକୁ ଅସଦାଚରଣ ଅଭିଯୋଗ:ଯୁବକ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜଣେ ନାବାଳିକାକୁ ଟଣା ଓଟରା କରିବା ସହ ମାଡ ମାରି ଅସଦାଚରଣ କରିଥିବା ମାମଲାରେ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଟାଉନ ହଲ ସାହିର ରାଜିବ ଖୋସଲା (୨୦) । ପୋଲିସ ସୂଚନା ଅନୁଯାଇ ନାବାଳିକାକୁ ମାରପିଟ୍ କରି ଆସଦାଚରଣ କରିଥିବା କରିଥିବା ଅଭିଯୋଗ ପରେ ଟାଉନ ପୋଲିସ ୩୫୧/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଟାଉନ ପୋଲିସ ତରଫରୁ ସୂଚନା ଦିଆଯାଇଛି ।

## ବିଲୁପ୍ତପ୍ରାୟ ପାରମ୍ପରିକ ଫସଲ ଓ ଖାଦ୍ୟର ପୁନରୁଦ୍ଧାର ପାଇଁ ପ୍ରୟାସ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲାରେ ହଜିଯାଇଥିବା ପାରମ୍ପରିକ ଫସଲ ଓ ଖାଦ୍ୟର ପୁନରଉଦ୍ଧାର ନିମନ୍ତେ ଜିଲ୍ଲାର ୪ଟି ବ୍ଲକରେ ପାଇଲଟ୍ ପ୍ରକଳ୍ପ କାର୍ଯ୍ୟକାରି ହେଉଛି । ଏହି ପରିପ୍ରେକ୍ଷିରେ ରାଇକିଆ ବ୍ଲକ୍‌ରେ ହଜିଯାଇଥିବା ପାରମ୍ପରିକ ଫସଲ ଓ ଖାଦ୍ୟର ପୁନରଉଦ୍ଧାର ଏବଂ ସ୍ଥାୟୀ ଚାଷକୁ ପ୍ରୋତ୍ସାହନ ଦେବା ନିମନ୍ତେ ଏକ ଦିନିକିଆ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ କମଳା ପୂଜାରୀ ଅଂଶଗ୍ରହଣ ମୂଳକ ଫେଲୋସିପ୍ କାର୍ଯ୍ୟକ୍ରମ ଅଧିନରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କନ୍ଧମାଳ ଜିଲ୍ଲା କୃଷୀ ବିଭାଗଙ୍କ ମିଳିତ ସହଯୋଗରେ ୪ଗୋଟି ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଏହାର କ୍ଷେତ୍ରସ୍ତରୀୟ କାର୍ଯ୍ୟକଳାପ ଚାଲିଛି । ଏହି ପଦକ୍ଷେପର ମୂଖ୍ୟ ଉଦ୍ଦେଶ୍ୟ ହେଉଛି ପାରମ୍ପରିକ ଫସଲ, ଦେଶୀ ବୀଜ ଓ ଜର୍ମପ୍ଲାଜମ୍, ସ୍ଥାନୀୟ ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ ଏବଂ ପିଢି ପରେ ପିଢି ଚାଷୀମାନଙ୍କ ଦ୍ୱାରା ସଂରକ୍ଷିତ କୃଷିଜ୍ଞାନକୁ ଚିହ୍ନଟ, ଦସ୍ତାବିଜୀକରଣ, ସଂରକ୍ଷଣ ଓ ପ୍ରୋତ୍ସାହନ ଦେବା । ବିଭିନ୍ନ ଗ୍ରାମରେ ଫୋକସ୍ ଗ୍ରୁପ୍ ଡିସ୍‌କସନ୍ ଓ ଚାଷୀମାନଙ୍କ ସହ ଆଲୋଚନା ମାଧ୍ୟମରେ ଦେଶୀ ଫସଲର ବିବିଧତା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି । ପାରମ୍ପରିକ ଦସ୍ତାବିଜୀକରଣରେ ବିଭିନ୍ନ ପ୍ରକାରର ଡାଲିଜାତୀୟ ଫସଲ, ତୈଳବୀଜ, ପନିପରିବା ଏବଂ ମୂଳ ଓ କନ୍ଦା ଜାତୀୟ ଫସଲ ଚିହ୍ନଟ ହୋଇଛି । ଡାଲିଜାତୀୟ ଫସଲ ମଧ୍ୟରେ କଡକଙ୍ଗା (କାଉପି), ମାଙ୍କଡଦାନ୍ତି, କୋଲକା, ସାଇଙ୍ଗା (ଦେଶୀ ସିମ୍ବ), କାଙ୍ଗା (ହରଡ) ଓ କୁଳୁଥ ଭଳି ପାରମ୍ପରିକ କିସମ ଚିହ୍ନଟ ହୋଇଛି । ସେହିପରି ସୋରିଷ, ଅଳସୀ (ନାଇଜର) ଓ ରାଶି ଭଳି ତୈଳବୀଜର ମଧ୍ୟ ଦସ୍ତାବିଜକରଣ କରାଯାଇଛି । ପନିପରିବା ମଧ୍ୟରେ ଟମାଟୋ, ବାଇଗଣ, ଝୁଡଙ୍ଗ, କଖାରୁ, କାକୁଡି, ଲଙ୍କା ଆଦି ବିଭିନ୍ନ ଦେଶୀ କିସମ ଚିହ୍ନଟ କରାଯାଇଛି । ଏହାସହିତ ମିଠା ଆଳୁ, ଓଲ, ମାସିହା, ବନ୍ଧାଗଡ ଆଳୁ, କନ୍ଦମୂଳ ଆଦି ପାରମ୍ପରିକ ମୂଳ ଓ କନ୍ଦା ଯାତୀୟ ଫସଲ ମଧ୍ୟ ଏହି ଅଭିଯାନରେ ସାମିଲ ହୋଇଛି । ଏହି ପ୍ରୟାସ କେବଳ ଫସଲର ନାମ ଓ କିସମ ରେକର୍ଡ କରିବାରେ ସୀମିତ ନୁହେଁ ଏଥିରେ ଚାଷ ପ୍ରଣାଳୀ, ବୀଜ ସଂରକ୍ଷଣ, ଖାଦ୍ୟ ଭାବେ ବ୍ୟବହାର, ପାରମ୍ପରିକ ଜ୍ଞାନ ଓ ସଂସ୍କୃତିକୁ ମନେପକାଯାଉଛି । ଏହି କାର୍ଯ୍ୟକ୍ରମ ଗୁଡିକୁ ଗବେଷଣା ସହଯୋଗୀ ସ୍ୱାଧୀନ ସାରଙ୍ଗୀ ଓ ଗୋଷ୍ଠୀ ସମ୍ବଳ ବ୍ୟକ୍ତି କୃତିବାସ ପ୍ରଧାନ, ପିଣ୍ଟୁ ସେଠୀ ଓ ସୁନନ୍ଦ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

## କୋରାପୁଟ ଜିଲ୍ଲାରେ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ବିକ୍ରି:ଜନତାଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ଆଶଙ୍କା

**ଜୟପୁର, ନ୍ୟୁଜ୍ ବ୍ୟୁରୋ**



କୋରାପୁଟ ଜିଲ୍ଲାରେ ଥିବା ବଜାରରେ ବିକ୍ରି ହେଉଥିବା କଦଳୀରେ ମିଶାଯାଉଛି ଇଥୋପନ୍ ଭଳି ବିଷାକ୍ତ ରସାୟନ । ତେଣୁ ଜିଲ୍ଲା ପ୍ରଶାସନ କଦଳୀ ଗୋଦାମ୍ ଉପରେ ଚଢଉ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି । ସେମଲିଗୁଡା, କୋରାପୁଟ ଜୟପୁର, କୋଟପାଡ, ବୋରିଗୁମ୍ମା ବୈପାରିଗୁଡା ବଜାରରେ ଆଖିକୁ ସୁନ୍ଦର ଓ ପାଟିକୁ ସ୍ୱାଦ ପାଇଁ ବଜାରରେ ବିକ୍ରି ଖାଦ୍ୟରେ ଯେଉଁଭଳି ଅପମିଶ୍ରଣ କରାଯାଉଛି ତାହା ଲୋକଙ୍କ ଶରୀରରେ ନାନାଦି ରୋଗର କାରଣ ସାଜିଛି । ନିକଟରେ ଛେନା ଓ ପନିର ଅପମିଶ୍ରଣକୁ ନେଇ ଦେଶବ୍ୟାପୀ ତୁମ୍ବିତୋଫାନ ହୋଇଥିଲା । ରାଜ୍ୟ ସହ କୋରାପୁଟ ଜିଲ୍ଲାରେ ବି ଏହାକୁ ନେଇ ଘନ ଘନ ଚଢ଼ଉ ହେଲା ଏବଂ ଅପମିଶ୍ରିତ ଛେନା ଓ ପନିର ଜବତ କରାଯାଇ ନଷ୍ଟ କରାଗଲା । ବିଷାକ୍ତ ମୋମୋ ଜବତ ଘଟଣାବି ଲୋକଙ୍କ ନିଦ ହଜାଇଦେଇଥିଲା । ଏନେଇ ଚର୍ଚ୍ଚା ଥମିନଥିବା ବେଳେ ସବୁଠୁ ଭଲ ସ୍ୱାସ୍ଥ୍ୟକର ଖାଦ୍ୟ କୁହାଯାଉଥିବା ପାଚିଲା କଦଳୀକୁ ନେଇ ଏଭଳି କିଛି ଭୟ ଜାତ ହୋଇଛି । କାର୍ବାଇଡରେ କଟକଣା ଲାଗିବା ପରେ ବେପାରୀମାନେ ଲାଭ ଆଶାରେ ଅଳ୍ପ ସମୟରେ ଏହାକୁ ପଚାଇବାକୁ ଇଥୋପନ୍ ଭଳି ବିଷାକ୍ତ ରସାୟନର ମାତ୍ରାଧିକ ବ୍ୟବହାର କରୁଛନ୍ତି । ଛୋଟ ଛୋଟ ଡବାରେ ମିଳୁଥିବା ଏହି ରସାୟନ ପାଣିରେ ମିଶାଇ କଦଳିରେ ସିଞ୍ଚନ କରାଯାଉଛି । ଯାହା ୨୪ ଘଣ୍ଟାରୁ କମ୍ ସମୟ ଭିତରେ କଦଳି ଫେଣାକୁ ପଚାଇ ଦେଉଛି । ଖାଦ୍ୟ ନିରାପତ୍ତା ଦଳ ଯାଞ୍ଚ ବେଳେ ଏଭଳି ବିଷାକ୍ତ ରସାୟନ ବ୍ୟବହାର ଘଟଣା ପଦାକୁ ଆସିଛି । ଯାହା ସ୍ୱାସ୍ଥ୍ୟପକ୍ଷେ ହାନିକାରକ ଓ ମାରାତ୍ମକ । ପୂଜା ବଜାରରେ ଫଳର ଚାହିଦା ବେଶି । ଆଗକୁ ଦଶହରା ଥିବାରୁ ବେପାରୀମାନେ ଭଳିକି ଭଳି ଫଳ ଗଦା କରି ରଖିଛନ୍ତି । ଫଳ ଭିତରେ ପୂଜା ବଜାରରେ କଦଳୀର ଚାହିଦା ଅଧିକ । ଏହାର ସୁଯୋଗ ନେଇ ବେପାରୀମାନେ ଆନ୍ଧ୍ରପ୍ରଦେଶ ଓ ଅନ୍ୟ ରାଜ୍ୟରୁ ଆସୁଥିବା ଟ୍ରକ୍ ଟ୍ରକ୍ କଦଳି କାନ୍ଦିକୁ ପଚାଇବାକୁ ମାତ୍ରାଧିକ ଇଥୋପନ୍ ବ୍ୟବହାର କରୁଛନ୍ତି । ପ୍ରଶାସନ ଯାଞ୍ଚ ବେଳେ କଦଳୀ ପଚାଇବାକୁ ମାତ୍ରାଧିକ ଇଥୋପନ୍ ସିଞ୍ଚନ କରୁଥିବା ଜଣାପଡ଼ିଥିଲା । ଏହି ରାସାୟନିକ ପଦାର୍ଥ ଓ ସ୍ପ୍ରେୟର ସବୁ ଜବତ କରାଯାଇଛି । ଏଫ୍‌ଏସ୍‌ଏସ୍‌ଏଆଇ ମାର୍ଗଦର୍ଶିକା ଅନୁସାରେ ଏଥିଲିନ୍ ବ୍ୟବହାର କରିବାକୁ କୁହାଯାଇଥିବା ବେଳେ ବ୍ୟବସାୟୀମାନେ ଅଧିକ ରୋଜଗାର ପାଇଁ ବିଷାକ୍ତ କଦଳୀରେ ମିଶାଯାଉଛି ଇଥୋପନ୍ ଭଳି ବିଷାକ୍ତ ରସାୟନ । ତେଣୁ ପ୍ରଶାସନ ଜୟପୁରରେ ଥିବା ବିଭିନ୍ନ କଦଳି ଗୋଦାମ ଉପରେ ଚଢଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

# ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫିର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



**କଟକ**

ଓଡ଼ିଶାର କ୍ରୀଡ଼ା ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି। କଟକର ଐତିହାସିକ ବାରବାଟୀ ଷ୍ଟାଡିୟମଠାରେ 'ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି ୨୦୨୬'ର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଟ୍ରଫିରେ ଫୁଟବଲ, ଖୋ-ଖୋ, କବାଡ଼ି ଓ ଭଲିବଲ ପରେ ଏବେ କ୍ରିକେଟ୍ ପଞ୍ଚମ କ୍ରୀଡ଼ା ଭାବେ ସାମିଲ ହୋଇଛି, ଯାହା ଆମ ୩୦ଟି ଜିଲ୍ଲାରେ ଥିବା ଗ୍ରାମୀଣ କ୍ରିକେଟ୍ ପ୍ରତିଭାଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କୁ ନିଜ ଦକ୍ଷତା ପ୍ରଦର୍ଶନର ଏକ ନୂଆ ଓ ବଡ଼ ମଞ୍ଚ ପ୍ରଦାନ କରିବ ବୋଲି ରବିବାର କଟକର ଐତିହାସିକ ବାରବାଟୀ ଷ୍ଟାଡିଅମଠାରେ ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି ୨୦୨୬'ର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଖେଳ ଏବେ କେବଳ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟରେ ସୀମିତ ନରହି ଏକ ସଫଳ କ୍ୟାରିୟରର ମାଧ୍ୟମ ପାଲଟିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ଗୋଟିଏ ଦଶନ୍ଧି ମଧ୍ୟରେ ଭାରତର କ୍ରୀଡ଼ା ଦୃଶ୍ୟପଟ୍ଟ ସମ୍ପୂର୍ଣ୍ଣ ବଦଳିଯାଇଛି। ଆଜିର ଟି-୨୦ ଏବଂ ଲିଗ୍ କ୍ରିକେଟ୍ ଯୁଗରେ ଯୁବ ଖେଳାଳିଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି ହୋଇଛି। ଏହି ଲିଗ୍‌ରେ ପ୍ରସିଦ୍ଧ ଭାରତୀୟ କ୍ରିକେଟର ସୁରେଶ ରାଇନା ଏବଂ ଓଡ଼ିଶାର 'ସ୍ୱିଙ୍ଗ ମାଷ୍ଟର' ଦେବାଶିଷ ମହାନ୍ତି ଆମ୍ବାସାଡର ଭାବେ ଯୋଡ଼ି ହୋଇଥିବାରୁ ଏହା ଯୁବ ଖେଳାଳିଙ୍କୁ ପ୍ରେରଣା ଦେବ। ରାଜ୍ୟରେ ପ୍ରତିଭା ଓ ଭିତ୍ତିଭୂମିର ଅଭାବ ନାହିଁ, ତେଣୁ ଚୟନକର୍ତ୍ତାମାନେ ସଠିକ୍ ପ୍ରତିଭାଙ୍କୁ ଚିହ୍ନଟ କରି ଆଗାମୀ ଦିନରେ ଓଡ଼ିଶାରୁ ଆହୁରି ଅନେକ ଜାତୀୟ ଓ ଆଇପିଏଲ୍ ଖେଳାଳି ସୃଷ୍ଟି କରିବେ ବୋଲି ସେ ବିଶ୍ୱାସ ପ୍ରକାଶ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାର ସମସ୍ତ ୩୧୪ଟି ବ୍ଲକରେ ୪,୧୨୪ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ କରୁଛନ୍ତି। ଏହା ସହିତ ଭୁବନେଶ୍ୱରର ଗୋଠପାଟଣା ଠାରେ ଏକ ହାଇ-ଟେକ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପ୍ରତିଷ୍ଠା କରାଯିବ। ବାରବାଟୀ ଷ୍ଟାଡିୟମର ସମ୍ପୂର୍ଣ୍ଣ ନବୀକରଣ କରାଯାଇ ଏହାକୁ ଦେଶର ଶ୍ରେଷ୍ଠ କ୍ରୀଡ଼ା ଭେନ୍ୟୁରେ ପରିଣତ କରିବା ପାଇଁ ସରକାର ସଙ୍କଳ୍ପବଦ୍ଧ। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ଅଣ୍ଡର-୧୪ କ୍ରିକେଟ୍ ଏକାଡେମୀ ପ୍ରତିଷ୍ଠା ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ଲିଗ୍‌ରେ ଭାଗ ନେଇଥିବା ସମସ୍ତ ୬ଟି ଦଳ, ଅଧିନାୟକ, ପ୍ରଶିକ୍ଷକ ଓ କ୍ରୀଡ଼ାପ୍ରେମୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଏହି ଅବସରରେ ପୂର୍ବତନ ଭାରତୀୟ ଅନ୍ତର୍ଜାତୀୟ କ୍ରିକେଟର ସୁରେଶ ରାଇନା କହିଛନ୍ତି ଯେ, ସେ ଶେଷ ଥର ପାଇଁ କଟକର ବାରବାଟୀ ଷ୍ଟାଡିୟମରେ ଶ୍ରୀଲଙ୍କା ବିପକ୍ଷରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରିବା ଅବସରରେ ଓଡ଼ିଶା ଆସିଥିଲେ। ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପ ପ୍ରକୃତରେ ପ୍ରଶଂସନୀୟ। ଏହା ନିଶ୍ଚିତ ଭାବରେ ଖେଳାଳିମାନଙ୍କୁ କ୍ରିକେଟ ଖେଳ ପ୍ରତି ସେମାନଙ୍କର ଭଲପାଇବା ପ୍ରକାଶ କରିବା ଏବଂ କ୍ରୀଡ଼ାକୁ ଆପଣାଇବା ପାଇଁ ଉତ୍ସାହିତ କରିବ।

ଏହି ଉଦ୍‌ଘାଟନୀ ସମାରୋହରେ ଶାସକ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ୍, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ଅନୁଗୁଳ ବିଧାୟକ ତଥା ଓସିଏ ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ଓଡ଼ିଶା ଫୁଟବଲ ଆସୋସିଏସନର ସମ୍ପାଦକ ଏବଂ ଓଡ଼ିଶା ଆଥଲେଟିକ୍ ଆସୋସିଏସନର ଅଧ୍ୟକ୍ଷ ଡକ୍ଟର ଆଶୀର୍ବାଦ ବେହେରା, ପୂର୍ବତନ କ୍ରିକେଟର ଦେବାଶିଷ ମହାନ୍ତି, ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ସଭାପତି ପଙ୍କଜ ଲୋଚନ ମହାନ୍ତି, ଉପସଭାପତି ଜଗମୋହନ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଓସିଏର ଅନ୍ୟାନ୍ୟ ସଦସ୍ୟ, ପ୍ରଶିକ୍ଷକ, ଖେଳାଳି ଓ ବିଶିଷ୍ଟ ଅତିଥିବୃନ୍ଦ ଉପସ୍ଥିତ ଥିଲେ।

# ଏସିଆନ ଗେମ୍ସରେ ଇଣ୍ଡୋନେସିଆକୁ ୧୩-୧ ଗୋଲ୍‌ରେ ହରାଇଲା ଭାରତୀୟ ହକି ଦଳ



**କାକାମିଗାହାରା**

ଏସିଆନ ଗେମ୍ସ ୨୦୨୬ରେ ଭାରତୀୟ ମହିଳା ହକି ଦଳ ପରି ପୁରୁଷ ହକି ଦଳ ମଧ୍ୟ ଚମତ୍କାର ଆରମ୍ଭ କରିଛି। ଇଣ୍ଡୋନେସିଆ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳ ନିଜର ସର୍ବଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ସହଜରେ ମ୍ୟାଚ୍ ଜିତି ନେଇଛି। ଭାରତ ତରଫରୁ ଦିଲ୍‌ପ୍ରୀତ ସିଂ ଏହି ମ୍ୟାଚ୍‌ରେ ସର୍ବାଧିକ ୪ଟି ଗୋଲ୍ କରିଛନ୍ତି। ତାଙ୍କ ବ୍ୟତୀତ ଶିଳାନନ୍ଦ ଲାକ୍ରା ଓ ସୁଖଜିତ୍ ସିଂହ ୨ଟି ଲେଖାଏଁ ଗୋଲ୍ ଦେଇଛନ୍ତି। ସେହିପରି ଅଭିଷେକ, ମନଦୀପ ସିଂହ, ହରମନପ୍ରୀତ ସିଂହ, ଜୁଗରାଜ ସିଂହ ଏବଂ ରଜିନ୍ଦର ସିଂହ ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଛନ୍ତି।

ଭାରତୀୟ ମହିଳା ଦଳ ମଧ୍ୟ ଉଜବେକିସ୍ତାନ ବିପକ୍ଷରେ ୧୯-୦ ବ୍ୟବଧାନରେ ନିଜର ପ୍ରଥମ ମ୍ୟାଚ୍ ଜିତି ଏସିଆନ ଗେମ୍ସ ୨୦୨୬ରେ ବିଜୟୀ ଅଭିଯାନ ଆରମ୍ଭ କରିସାରିଛି। ଭାରତର ଉଭୟ (ପୁରୁଷ ଓ ମହିଳା) ହକି ଦଳ ବର୍ତ୍ତମାନ ଚମତ୍କାର ଫର୍ମରେ ଅଛନ୍ତି ଏବଂ ସ୍ୱର୍ଣ୍ଣ ପଦକ ଜିତିବାର ପ୍ରମୁଖ ଦାବିଦାର ଅଟନ୍ତି। ଆସନ୍ତା ମଙ୍ଗଳବାର ଦିନ ଭାରତୀୟ ପୁରୁଷ ଦଳ ନିଜର ପରବର୍ତ୍ତୀ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଭେଟିବ। ଏହି ମ୍ୟାଚ୍ ମଧ୍ୟ ଭାରତ ପାଇଁ ବହୁତ ସହଜ ହେବ ବୋଲି ଆଶା କରାଯାଉଛି। ଏହାପରେ ଭାରତ ଗୁରୁବାର ଦିନ ଦକ୍ଷିଣ କୋରିଆ ଏବଂ ଶନିବାର ଦିନ ଜାପାନ ବିପକ୍ଷରେ ଖେଳିବ।

ଭାରତ ପାଇଁ ପ୍ରଥମ ଗୋଲ୍ ଓଡ଼ିଆ ପୁଅ ଶିଳାନନ୍ଦ ଲାକ୍ରା କରିଥିଲେ। ସେ ୫ମ ମିନିଟ୍‌ରେ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରିଥିଲେ। ଏହାପରେ ଅଭିଷେକ ୧୨ତମ ମିନିଟ୍‌ରେ ଗୋଲ୍ କରିଥିଲେ। ପ୍ରଥମ କ୍ୱାର୍ଟର ଶେଷ ସୁଦ୍ଧା ଭାରତ ୨-୦ରେ ଆଗୁଆ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଦିଲ୍‌ପ୍ରୀତ ସିଂହ ଗୋଲ୍ କରି ଭାରତର ଅଗ୍ରଗତିକୁ ୩-୦ କରିଦେଇଥିଲେ। ସେ ମୋଟ ୩ଟି ଗୋଲ୍ କରିଥିଲେ। ରଜିନ୍ଦର, ମନପ୍ରୀତ ଓ ହରମନପ୍ରୀତ ସିଂହ ମଧ୍ୟ ଦ୍ୱିତୀୟ କ୍ୱାର୍ଟରରେ ଗୋଲ୍ ସ୍କୋର କରି ସ୍କୋରକୁ ୭-୦ରେ ପହଞ୍ଚାଇ ଦେଇଥିଲେ।

ତୃତୀୟ କ୍ୱାର୍ଟରରେ ଶିଳାନନ୍ଦ ଲାକ୍ରା ଏବଂ ଦିଲ୍‌ପ୍ରୀତଙ୍କ ପରେ ସୁଖଜିତ୍ ଗୋଲ୍ କରିଥିଲେ। ଏହି ସମୟରେ ଇଣ୍ଡୋନେସିଆ ଦଳ ମଧ୍ୟ ଗୋଟିଏ ଗୋଲ୍ ଦେବାରେ ସଫଳ ହୋଇଥିଲା ଏବଂ ସ୍କୋର ୧୦-୧ ହୋଇଯାଇଥିଲା। ଚତୁର୍ଥ ତଥା ଶେଷ କ୍ୱାର୍ଟରରେ ଭାରତ ୩ଟି ଗୋଲ୍ ସ୍କୋର କରି ଶେଷରେ ୧୦-୧ ବ୍ୟବଧାନରେ ବିଜୟ ହାସଲ କରିଥିଲା। ଚତୁର୍ଥ କ୍ୱାର୍ଟରରେ ଦିଲ୍‌ପ୍ରୀତ ସିଂହ, ସୁଖଜିତ୍ ସିଂହ ଏବଂ ଜୁଗରାଜ ଗୋଟିଏ ଲେଖାଁଏ ଗୋଲ୍ କରିଥିଲେ।

# ଭାରତ ଗସ୍ତ ଲାଗି ଇଣ୍ଡିଜ୍ ଦଳ ଘୋଷିତ



**ନୂଆଦିଲ୍ଲୀ**

ଭାରତ ବିପକ୍ଷ ଧଳାବଲ୍ (୩ ଦିନିକିଆ ଓ ୫ ଟ୍ୱେଣ୍ଟି-୨୦) କ୍ରିକେଟ୍ ଶୃଙ୍ଖଳା ଲାଗି ଭ୍ରମଣାକାରୀ ୱେଷ୍ଟଇଣ୍ଡିଜ୍ ଦଳ ଘୋଷିତ ହୋଇଛି। ଦଳର ନେତୃତ୍ୱ ଭାର ସାଇ ହୋପ୍‌ଙ୍କ କାନ୍ଧରେ ରହିଛି। ତେବେ ତାରକା ଅଲ୍‌ରାଉଣ୍ଡର ଜାସନ୍ ହୋଲଡରଙ୍କୁ ଏହି ଶୃଙ୍ଖଳାରେ ବିଶ୍ରାମ ଦିଆଯାଇଥିଲା ବେଳେ ସିମ୍ରନ ହେଟ୍‌ମାୟର କେବଳ ଟ୍ୱେଣ୍ଟି-୨୦ ଦଳରେ ରହିଛନ୍ତି। ହେଟ୍‌ମାୟର ଆହତ ଥିବାରୁ ସେ ଦଳ ସହ ଟ୍ୱେଣ୍ଟି-୨୦ ଶୃଙ୍ଖଳା ବେଳେ ଯୋଗଦେବେ ବୋଲି କ୍ରିକେଟ୍ ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ୱେଷ୍ଟଇଣ୍ଡିଜ୍ ଦଳ ୨୧ରେ ଭାରତ ପହଞ୍ଚିବା ପରେ ସେପ୍ଟେମ୍ବର ୨୭ରେ ଘରୋଇ ଦଳ ବିପକ୍ଷରେ ପ୍ରଥମ ଦିନିକିଆ ତିରୁଅନନ୍ତପୁରମ୍‌ରେ ଖେଳିବ। ଏହାପରେ ଗୁଆହାଟୀ (ସେପ୍ଟେମ୍ବର ୩୦), ନ୍ୟୁଚଣ୍ଡିଗଡ଼ (ଅକ୍ଟୋବର ୩)ରେ ଦୁଇଟି ଦିନିକିଆ ଖେଳିବ। ଟ୍ୱେଣ୍ଟି-୨୦ ଶୃଙ୍ଖଳା ଅକ୍ଟୋବର ୬, ୯, ୧୧, ୧୪ ଓ ୧୭ ତାରିଖରେ ଯଥାକ୍ରମେ ଲକ୍ଷ୍ନୌ, ରାଞ୍ଚି, ଇନ୍ଦୋର, ହାଇଦ୍ରାବାଦ ଓ ବେଙ୍ଗାଲୁରୁରେ ଖେଳାଯିବ।

ଦିନିକିଆ ଦଳ : ସାଇ ହୋପ୍ (ଅଧିନାୟକ), ଜେଡ୍‌ୱେଲ ଆଣ୍ଡ୍ରିଉ, ଜନ୍ କାମ୍ପବେଲ, କାସି କାର୍ଟି, ରଷ୍ଟନ ଚେଜ୍, ମାଥ୍ୟୁ ଫୋର୍ଡେ, ଜଷ୍ଟିନ୍ ଗ୍ରେଭ୍‌ସ, ଅମୀର ଜାଙ୍ଗୁ, ଅଲ୍‌ଜାରି ଯୋଶେଫ, ଶାମର ଯୋଶେଫ, ଭିଡେଲ ଲଡ୍‌ୱେଜ୍, ଗୁଡ଼କେଶ ମୋତି, କୀମୋ ପଲ୍, ଶେର୍ଫାନେ ରଦରଫୋର୍ଡ, ଜୟଦେନ ସିଲ୍‌ସ।

ଟ୍ୱେଣ୍ଟି-୨୦ ଦଳ : ସାଇ ହୋପ୍ (ଅଧିନାୟକ), ଜେଡ୍‌ୱେଲ ଆଣ୍ଡ୍ରିଉ, ରଷ୍ଟନ ଚେଜ୍, ମାଥ୍ୟୁ ଫୋର୍ଡେ, ସିମ୍ରନ ହେଟ୍‌ମାୟର, ଅକିଲ ହୁସେନ, ଶାମର ଯୋଶେଫ, ଗୁଡ଼କେଶ ମୋତି, କୀମୋ ପଲ୍, କାମିଲ ପୂରନ, ରୋଭମାନ ପାୱେଲ, ଶେର୍ଫାନେ ରଦରଫୋର୍ଡ, କ୍ରିଷ୍ଟିନ ସାମ୍ପସନ୍, ରୋମାରିଓ ଶେଫର୍ଡ, ଶାମର ସ୍ପ୍ରିଙ୍ଗର।

## ଶେଫାଳୀ ବର୍ମାଙ୍କ ବିସ୍ଫୋରକ ଶତକ

# ବାଂଲାଦେଶକୁ ହରାଇ ଏସିଆନ ଗେମ୍ସ କ୍ରିକେଟ୍ ଫାଇନାଲରେ ଭାରତ

**ନିଶିନ**

ଏସିଆନ ଗେମ୍ସ ୨୦୨୬ର ମହିଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଖେଳା ଯାଇଥିଲା। ଭାରତ ଏହି ମ୍ୟାଚ୍‌ରେ ବାଂଲାଦେଶକୁ ୧୧୪ ରନ୍‌ରେ ହରାଇ ରୌପ୍ୟ ପଦକ ପକ୍କା କରିବା ସହ ଫାଇନାଲରେ ପ୍ରବେଶ କରିଛି। ଭାରତୀୟ ଦଳ ବର୍ତ୍ତମାନ ସ୍ୱର୍ଣ୍ଣ ପଦକ ଜିତିବା ପାଇଁ ଫାଇନାଲ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଭେଟିବ। ଏହି ମ୍ୟାଚରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିଥିଲା ଏବଂ ନର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୧୯୫ ରନ୍‌ର ଏକ ବିଶାଳ ସ୍କୋର ଛିଡ଼ା କରିଥିଲା। ଏହାର ଜବାବରେ ୧୯୬ ରନର ଲକ୍ଷ୍ୟର ପିଛା କରିବାକୁ ଓହ୍ଲାଇଥିବା ବାଂଲାଦେଶର ସମ୍ପୂର୍ଣ୍ଣ ଦଳ ମାତ୍ର ୮୧ ରନ୍ କରି ଅଲ ଆଉଟ୍ ହୋଇଯାଇଥିଲା।

ଶେଫାଳୀ ବର୍ମା ବାଂଲାଦେଶ ବିପକ୍ଷରେ ଧମାକାଦାର୍ ବ୍ୟାଟିଂ କରି ଏକ ଚମତ୍କାର ଶତକ ହାସଲ କରିଥିଲେ। ସେ ଶେଷ ବଲ୍‌ରେ ୧ ରନ୍ କରି ୪୯ଟି ବଲ୍‌ରେ ନିଜର ୧୦୦ ରନ୍ ପୂରଣ କରିଥିଲେ। ଯେଉଁଥିରେ ତାଙ୍କର ୩ଟି ଚୌକା ଏବଂ ୯ଟି ବିଶାଳ ଛକା ସାମିଲ ରହିଛି। ଶେଫାଳୀ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ହ୍ୱାଇଟ୍-ବଲ୍ କ୍ରିକେଟରେ ଏହା ଶେଫାଳୀଙ୍କର ପ୍ରଥମ ଶତକ ଅଟେ ଏବଂ ଏହା ସହିତ ସେ ଏସିଆନ ଗେମ୍ସରେ ଶତକ ମାରିଥିବା ପ୍ରଥମ ଖେଳାଳି ବନିଯାଇଛନ୍ତି।



ଶେଫାଳୀଙ୍କ ବ୍ୟତୀତ ଭାରତ ପାଇଁ ସ୍ମୃତି ମନ୍ଧାନା ୩୭ ରନ୍ (୧୯ ବଲ୍) ଏବଂ ଅଧିନାୟିକା ହରମନପ୍ରୀତ କୌର ୪୦ ରନ୍ (୩୩ ବଲ୍) କରିଥିଲେ। ଅନ୍ୟପଟେ କମଲିନ୍ ୩ ରନ୍, ରିଚା ଘୋଷ ୨ ରନ୍ ଓ ଭାରତୀ ଫୁଲମାଲି ଅପରାଜିତ ୯ ରନ୍ ହିଁ କରିପାରିଥିଲେ। ବାଂଲାଦେଶ ପକ୍ଷରୁ ମାରୁଫା ଆଖତର, ଶଞ୍ଜିଦା ଆଖତର, ରାବେୟା ଖାନ ଏବଂ ନାହିଦା ଆଖତରଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଥିଲା।

ଲକ୍ଷ୍ୟର ପିଛା କରିବାକୁ ଓହ୍ଲାଇଥିବା ବାଂଲାଦେଶର ଆରମ୍ଭ ଅତ୍ୟନ୍ତ ଖରାପ ରହିଥିଲା। ଦ୍ୱିତୀୟ ଓଭରର ପ୍ରଥମ ବଲ୍‌ରେ ହିଁ ଦଳକୁ ପ୍ରଥମ ଝଟ୍‌କା ଲାଗିଥିଲା। ଓପନର ଜୁଏରିଆ ଫିରଦୌସ୍ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇ ପାଭିଲିୟନ ଫେରିଥିଲେ। ଏହାପରେ ୱିକେଟ୍ କ୍ରମାଗତ ଭାବେ ପଡ଼ିଥିଲା। ଓପନର୍ ଦିଲାରା ଆଖତର (୨୭ ରନ୍), ଶର୍ମିନ୍ ଆଖତର (୧୦ ରନ୍) ଓ ସୁଲତାନା ଖାତୁନ୍ (୧୨ ରନ୍)ଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ବିଶିଷ୍ଟ ସ୍କୋର କରିପାରି ନଥିଲେ। ଭାରତ ତରଫରୁ ବୋଲିଂରେ ନନ୍ଦିନୀ ଶର୍ମା ଏବଂ ଦୀପ୍ତି ଶର୍ମା ୩ଟି ଲେଖାଏ ୱିକେଟ୍ ନେଇଥିଲେ।

ସୂଚନାଯୋଗ୍ୟ ଯେ ଏସିଆନ୍ ଗେମ୍ସ ମହିଳା କ୍ରିକେଟର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ପାକିସ୍ତାନକୁ ୮ ୱିକେଟ୍‌ରେ ହରାଇ ଶ୍ରୀଲଙ୍କା ଫାଇନାଲରେ ନିଜ ସ୍ଥାନ ପକ୍କା କରିଛି। ବର୍ତ୍ତମାନ ସ୍ୱର୍ଣ୍ଣ ପଦକ ପାଇଁ ଫାଇନାଲରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ମହାମୁକାବିଲା ହେବ। ଏହି ମ୍ୟାଚ୍ ସେପ୍ଟେମ୍ବର ୨୨ ତାରିଖରେ ଖେଳାଯିବ। ଫାଇନାଲରେ ବିଜେତା ଦଳକୁ ସ୍ୱର୍ଣ୍ଣ ପଦକ ମିଳିବ ଏବଂ ପରାଜିତ ହେବା ଦଳକୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ସେହିପରି ବ୍ରୋଞ୍ଜ ପଦକ ପାଇଁ ପାକିସ୍ତାନ ଦଳର ସାମ୍ନା ବାଂଲାଦେଶ ସହ ହେବ।

# ଉଜ୍‌ବେକିସ୍ତାନକୁ ୧୯-୦ ଗୋଲରେ ହରାଇଲା ଭାରତୀୟ ମହିଳା ହକି ଦଳ



**କାକାମିଗାହାରା**

ଭାରତୀୟ ମହିଳା ହକି ଦଳର ଚଳିତ ଏସୀୟ କ୍ରୀଡ଼ାରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ରବିବାର ପୁଲ୍-ବି'ର ନିଜର ପ୍ରଥମ ମ୍ୟାଚ୍‌ରେ ଭାରତ ୧୯-୦ ଗୋଲ୍‌ରେ ଉଜ୍‌ବେକିସ୍ତାନକୁ ପରାସ୍ତ କରିଛି। ଦୁଇ ଦଳ ପ୍ରଥମ ଥର ମୁହାଁମୁହିଁ ହୋଇଥିଲା ବେଳେ ଏସିଆଡ୍‌ରେ ଭାରତ ସର୍ବବୃହତ୍ ବ୍ୟବଧାନ ବିଜୟ ରେକର୍ଡର ନିକଟତର ହୋଇଥିଲା। ଭାରତ ପକ୍ଷରୁ ଦୀପିକା କୁମାରୀ ୮ ଗୋଲ୍ ଦେଇଥିଲା ବେଳେ ଇଶିକା ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ନବନୀତ କୌର ଓ ଲାଲଥାନ୍ତଲୁଆଙ୍ଗି ୨ଟି ଲେଖାଏଁ ଏବଂ ଲାଲରେମସିଆମି, ବଲ୍‌ଜିତ କୌର, ନେହା ଓ ସାକ୍ଷୀ ରାଣା ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।

ଷଷ୍ଠ ମିନିଟ୍‌ରେ ଲାଲରେମସିଆମ୍‌ଙ୍କ ଫିଲ୍ଡ ଗୋଲ୍‌ରୁ ଭାରତ ଅଭିଯାନ ଆରମ୍ଭ କରିଥିଲା। ଏହାପରେ ଦୀପିକା, ଇଶିକା ଓ ବଲଜିତ ଗୋଟିଏ ଲେଖାଏଁ ଫିଲ୍ଡ ଗୋଲ୍ ଦେଇ ଦଳକୁ ପ୍ରଥମ କ୍ୱାର୍ଟରରେ ୪-୦ରେ ଆଗରେ ରଖିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ନେହା, ନବନୀତଙ୍କ ଫିଲ୍ଡ ଏବଂ ଦୀପିକାଙ୍କୁ ଯୁଗଳ ପେନାଲ୍ଟି କର୍ଣ୍ଣର ଗୋଲ୍ ବଳରେ ଭାରତ ସ୍ଥିତି ୮-୦ କରିଥିଲା। ତୃତୀୟ କ୍ୱାର୍ଟରରେ ଭାରତ ୮ ଗୋଲ୍ ଲଦି ୧୬-୦ରେ ଅଗ୍ରଣୀ ନେଇଥିଲା। ଏହି କ୍ୱାର୍ଟରରେ ଦୀପିକା ୪ଟି ଓ ଲାଲଥାନ୍ତଲୁଆଙ୍ଗି ଗୋଟିଏ ପେନାଲ୍ଟି କର୍ଣ୍ଣର ଗୋଲ୍ କରିଥିଲା ବେଳେ ଇଶିକା, ସାକ୍ଷୀ ଓ ନବନୀତ ଗୋଟିଏ ଲେଖାଏଁ ଫିଲ୍ଡ ଗୋଲ୍ ଦେଇଥିଲେ। ଶେଷ କ୍ୱାର୍ଟରରେ ଲାଲଥାନ୍ତଲୁଆଙ୍ଗି ପେନାଲ୍ଟି ସୁଟ୍ ଗୋଲ୍ ଦେଇଥିଲା ବେଳେ ଇଶିକା ଓ ଦୀପିକା ଫିଲ୍ଡଗୋଲ୍ କରିଥିଲେ। ଭାରତ ସୋମବାର ପରବର୍ତ୍ତୀ ମ୍ୟାଚ୍ ଇଣ୍ଡୋନେସିଆ ବିପକ୍ଷରେ ଖେଳିବ।

# ଏସିଆନ୍ ଗେମ୍ସରେ ଭାରତର ବିଜୟଯାତ୍ରା ଆରମ୍ଭ : ସୁଟିଂରେ ଦେଶକୁ ମିଳିଲା ପ୍ରଥମ ପଦକ

**ନାଗୋୟା**

ଏସିଆନ ଗେମ୍ସ ୨୦୨୬ ରେ ଭାରତ ପ୍ରଥମ ପଦକ ହାସଲ କରିଛି। ରବିବାର ଦିନ ସୁଟିଂରେ ସୋନମ ମସ୍କାର, ଇଲାଭେନିଲ୍ ଭାଲାରିଭାନ୍ ଓ ବିଦର୍ସ ବିନୋଦଙ୍କ ଦଳ ମହିଳା ୧୦ ମିଟର ଏୟାର ରାଇଫଲ ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତିଛନ୍ତି। ଫାଇନାଲ ରାଉଣ୍ଡ ପରେ ଭାରତର ସ୍କୋର ୧୮୯୮.୦ ରହିଥିଲା।

ଅନ୍ୟପଟେ ଚୀନ୍ ୧୯୦୪.୨ ସ୍କୋର ସହ ସ୍ୱର୍ଣ୍ଣ ପଦକଜିତିଛି। କୋରିଆ ଶେଷ ସମୟ ପର୍ଯ୍ୟନ୍ତ ପଦକ ଦୌଡ଼ରେ ରହିଥିଲା, କିନ୍ତୁ ଚୂ ୟେନବେୟୋଲ୍ ନିଜର ଶେଷ ସିରିଜ୍‌ରେ ବହୁତ ଖରାପ ଶଟ୍ ଲଗାଇଥିଲେ। ଭାରତ ପାଇଁ ସବୁଠାରୁ ଅଧିକ ସ୍କୋର ସୋନମ ମସ୍କାର କରିଥିଲେ, ଯିଏକି ବ୍ୟକ୍ତିଗତ କ୍ୱାଲିଫିକେସନ୍‌ରେ ୬୩୪.୧ ସ୍କୋର ସହ ମୋଟ ଚତୁର୍ଥ ସ୍ଥାନରେ ରହିଥିଲେ। ସେହିପରି ୬୩୩.୫ ସ୍କୋର ସହ ଇଲାଭେନିଲ୍ ଚତୁର୍ଥ ସ୍ଥାନରେ ରହିଥିଲେ।



ଚୀନ୍ ୧୯୦୪.୨ ସ୍କୋର କରି ସ୍ୱର୍ଣ୍ଣ ପଦକ ଜିତିଛି। ଭାରତ ରୌପ୍ୟ ପଦକ ଜିତିଥିବା ବେଳେ ଏହାର ଫାଇନାଲ ସ୍କୋର ୧୮୯୮.୦ ରହିଥିଲା। ଦକ୍ଷିଣ କୋରିଆ ଶେଷ ମୁହୂର୍ତ୍ତରେ ପଦକ ଜିତିବାରୁ ବଞ୍ଚିତ ହୋଇଥିବା ବେଳେ ଜାପାନ ୧୮୯୭.୧ ସ୍କୋର କରି ବ୍ରୋଞ୍ଜ ପଦକ ହାସଲ କରିଛି। କୋରିଆର ସ୍କୋର ୧୮୯୫.୮ ରହିଥିଲା।

ଅନ୍ୟପଟେ ସୁଚିକା ତାରିୟାଲ୍ ମଧ୍ୟ ଏସିଆନ୍ ଗେମ୍ସରେ ନିଜର ପଦକ ପକ୍କା କରିଛନ୍ତି। ସେ ମହିଳା ପାରମ୍ପରିକ ୬୦ କିଲୋଗ୍ରାମ ଏମଏମଏ ଇଭେଣ୍ଟରେ ଆଲ୍‌ତାନଚିମେଗ୍ ବାଇଗାଲ୍ମାଙ୍କୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ବାଇଗାଲ୍ମା ଦ୍ୱିତୀୟ ତଥା ଫାଇନାଲ୍ ରାଉଣ୍ଡରେ ଆକ୍ରମଣାତ୍ମକ ପ୍ରଦର୍ଶନ କରି ମ୍ୟାଚ୍‌କୁ ବଦଳାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ କ୍ରମାଗତ ଚାପ ସତ୍ତ୍ୱେ ସୁଚିକାଙ୍କ ରକ୍ଷଣାତ୍ମକ ଶୈଳୀ ବେଶ୍ ମଜବୁତ ରହିଥିଲା।

ବାଇଗାଲ୍ମା ଯେତେବେଳେ ନିଜର ଆକ୍ରମଣ ଜାରି ରଖିଥିଲେ, ସୁଚିକା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିଆକ୍ରମଣ କରି ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ତଳେ ପକାଇ ଦେଇଥିଲେ। ସେ ରାଉଣ୍ଡ ଶେଷ ହେବା ପର୍ଯ୍ୟନ୍ତ ନିଜର ନିୟନ୍ତ୍ରଣ ବଜାୟ ରଖିଥିଲେ ଏବଂ ବିଜୟ ପକ୍କା କରିବା ପାଇଁ ବେଶ୍ ଚମତ୍କାର ପ୍ରଦର୍ଶନ କରିଥିଲେ। ଏହି ବିଜୟ ସହ ସୁଚିକା ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି ଏବଂ ଗେମ୍ସରେ ଭାରତର ପଦକ ନିଶ୍ଚିତ କରିଛନ୍ତି।

୩୬ ବର୍ଷୀୟା ସୁଚିକାଙ୍କର ଅତିକମ୍‌ରେ କାଂସ୍ୟ ପଦକ ପକ୍କା ହୋଇଯାଇଛି। ଏମଏମଏକୁ ଚଳିତ ଥର ଏସିଆନ୍ ଗେମ୍ସରେ ପ୍ରଥମ ଥର ପାଇଁ ସାମିଲ କରାଯାଇଛି। ସୁଚିକାଙ୍କ ନଜର ଏବେ ସେମିଫାଇନାଲ୍‌ରୁ ଆଗକୁ ବଢ଼ି ଫାଇନାଲ୍‌ରେ ପ୍ରବେଶ କରିବା ଏବଂ ସ୍ୱର୍ଣ୍ଣ ପଦକ ଜିତିବା ଉପରେ ରହିବ। ଜୁଡୋ ଏବଂ ଜୁ-ଜିତ୍ସୁରେ ସଫଳତା ପାଇବା ପରେ ସୁଚିକା ଏମଏମଏ ଆଡ଼କୁ ମୁହାଁଇଥିଲେ। ସେ ୨୦୨୨ ହାଙ୍ଗଜୋ ଏସିଆନ୍ ଗେମ୍ସରେ କୁରାଶ୍‌ରେ ମଧ୍ୟ ଭାରତର ପ୍ରତିନିଧିତ୍ୱ କରିସାରିଛନ୍ତି।

ଭାରତ ବର୍ତ୍ତମାନ ଏସିଆନ ଗେମ୍ସର ପଦକ ତାଲିକାରେ ଷଷ୍ଠ ସ୍ଥାନରେ ରହିଛି। ୭ଟି ପଦକ ଜିତି ଚୀନ ପ୍ରଥମ ସ୍ଥାନରେ ଥିବା ବେଳେ ୫ଟି ପଦକ ସହ ଜାପାନ ଦ୍ୱିତୀୟ ସ୍ଥାନରେ ରହିଛି। ବର୍ତ୍ତମାନ ମକାଉ, ଦକ୍ଷିଣ କୋରିଆ ଓ କାଜାଖସ୍ତାନ ପଦକ ତାଲିକାରେ ଭାରତ ଉପରେ ରହିଛନ୍ତି।

# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଶନିବାରଠାରୁ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ରବିବାର ସକାଳେ ଆମ୍ବ ନାଳରୁ ଉଦ୍ଧାର ହୋଇଛି। ମୃତକ ହେଲେ ଧାମନଗର ଥାନା ଅନ୍ତର୍ଗତ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ପାହାଡ଼ପୁର ଗ୍ରାମର କେଶବ ଚନ୍ଦ୍ର ମିଶ୍ରଙ୍କ ପୁଅ ବିରଞ୍ଚି ମିଶ୍ର (୨୭)। ସୂଚନା ଅନୁଯାୟୀ, ବିରଞ୍ଚି ଶନିବାର ମଧ୍ୟାହ୍ନରେ ଗାଇ ଖୋଜିବାକୁ ଘରୁ ବାହାରିଥିଲେ। ହେଲେ ସେ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇନଥିଲେ। ରବିବାର ସକାଳେ ନିକଟ କାଞ୍ଜିଆପାଳ ଅଞ୍ଚଳର ଆମ୍ବ ନାଳରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। ପରେ ପରିବାର ଲୋକେ ମୃତଦେହଟି ବିରଞ୍ଚିଙ୍କର ବୋଲି ଚିହ୍ନଟ କରିଥିଲେ। ଖବର ପାଇ ଧାମନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

25001/1170/2627

ଅଧୀକ୍ଷଣଯନ୍ତ୍ରୀଙ୍କକାର୍ଯ୍ୟାଳୟ, ଗ୍ରାମ୍ୟଜଳଯୋଗାଣଓପରିମଳଖଣ୍ଡ, ଭୁବନେଶ୍ୱର
ପ୍ଲଟସଂଖ୍ୟା-୧୨୧୪(ଅଂଶ), ତପୋବନ, ଖଣ୍ଡଗିରି, ଭୁବନେଶ୍ୱର -୩୦

OFFICE OF THE SUPERINTENDING ENGINEER
RURAL WATER SUPPLY AND SANITATION
DIVISION, BHUBANESWAR.
Plot no.-1214(Part), Tapovan, Khandagiri,
Bhubaneswar-30.
E-Mail: eebbsrrwss@gmail.com

QUOTATION CALL NOTICE No. 14 of 2026-27

Superintending Engineer, RWS&S Division, Bhubaneswar on behalf of the Governor of Odisha invites sealed quotations from interested reputed Travel Agencies / Tour Operators / Individuals for providing One No. of Vehicle (Scorpio/Creta/Mahindra Marazzo Equivalent Mileage etc.) having seating capacity 7 Nos. including Driver which shall confirm to the Terms and Conditions (Appendix-A) for official use in office of the Additional Chief Engineer, RWS&S (C), Bhubaneswar on monthly rent basis as per the following details.

| Sl. No. | Nature of work | Hiring of vehicle for official use in office of the Additional Chief Engineer, RWS&S (C), Bhubaneswar |
|---|---|---|
| 1. | No. of works: | 01 (One) |
| 2. | Time for Deployment | Three (3) Years |
| 3. | Class of Contractors eligible | Reputed Travel Agencies / Tour Operators / Private individuals |
| 4. | Availability of bids in the office Superintending Engineer, RWS&S Division, Bhubaneswar | From dt.21.09.2026 (11.00 AM) to dt.30.09.2026 (1.00 PM) |
| 5. | Last date and time for submission of Quotation papers in the Quotation box kept in the Office of the Superintending Engineer, RWS&S Division, Bhubaneswar | Dt.30.09.2026 ( 4.00 P.M) |
| 6. | Date & Time of opening of bids | On dt.01.10.2026 (11.00 AM) in the Office of the Superintending Engineer, RWS&S Division, BBSR |

Subsequent corrigendum if any shall display in the Office Notice Board.

OIPR-25001/25003/1/26-27/0016

Sd/- Superintending Engineer
RWS&S Division, Bhubaneswar

# ଦୃଷ୍ଟିହୀନ ବିଦ୍ୟାଳୟର ଭିତ୍ତିଭୂମି ଅନୁଧ୍ୟାନ କଲେ ଜିଲ୍ଲାପାଳ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର କେନ୍ଦ୍ରାପଡ଼ା ସହରର ଅଯୋଧ୍ୟା-ନଗରସ୍ଥିତ ପୌରସଂସ୍ଥା ଦୃଷ୍ଟିହୀନ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା, ଭିତ୍ତିଭୂମି, ଶିକ୍ଷଣ ପରିବେଶ ଏବଂ ଛାତ୍ରଛାତ୍ରୀଙ୍କ ବିଭିନ୍ନ ଆବଶ୍ୟକତା ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ପାଠପଢ଼ା, ଦୈନନ୍ଦିନ କାର୍ଯ୍ୟକଳାପ, ଆବଶ୍ୟକତା ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଛାତ୍ରଛାତ୍ରୀଙ୍କ ଉତ୍ସାହ, ଆତ୍ମବିଶ୍ୱାସ ଓ ସକାରାତ୍ମକ ମନୋଭାବକୁ ଜିଲ୍ଲାପାଳ ପ୍ରଶଂସା କରିଥିଲେ। ଜିଲ୍ଲାପାଳ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନଙ୍କ ସହ ମଧ୍ୟ ଆଲୋଚନା କରି ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ, ଯତ୍ନ, ମାର୍ଗଦର୍ଶନ ଏବଂ ବିଦ୍ୟାଳୟ ପରିଚାଳନା ସମ୍ପର୍କରେ ତଥ୍ୟ ନେଇଥିଲେ। ଏଥିସହ ବିଦ୍ୟାଳୟରେ ଉପଲବ୍ଧ ବିଭିନ୍ନ ସୁବିଧା, ଶିକ୍ଷଣ ପରିବେଶ ଓ ଆବଶ୍ୟକ ଭିତ୍ତିଭୂମିର ସ୍ଥିତି ମଧ୍ୟ ସମୀକ୍ଷା କରିଥିଲେ।ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପାଇଁ ନିରାପଦ, ସମାବେଶୀ ଓ ସହାୟକ ଶିକ୍ଷା ପରିବେଶ ସୁନିଶ୍ଚିତ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀମାନେ ଯେପରି ଆତ୍ମବିଶ୍ୱାସର ସହ ଶିକ୍ଷା ଗ୍ରହଣ କରି ନିଜର ଦକ୍ଷତା ଓ ପ୍ରତିଭାର ବିକାଶ କରିପାରିବେ, ସେଥିପାଇଁ ଆବଶ୍ୟକ ସହଯୋଗ ଓ ସୁବିଧା ପ୍ରଦାନ ଉପରେ ସେ ଗୁରୁତ୍ୱ ଦେଇଥିଲେ। ବିଦ୍ୟାଳୟର ବିଭିନ୍ନ ଆବଶ୍ୟକତା ଓ ଛାତ୍ରଛାତ୍ରୀଙ୍କ ବିଶେଷ ଶିକ୍ଷାଗତ ତଥା କଲ୍ୟାଣମୂଳକ ଆବଶ୍ୟକତା ପ୍ରତି ଅଧିକ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

# ଗ୍ଲୋବାଲ୍ ପିସ୍ ଫାଉଣ୍ଡେସନ ପକ୍ଷରୁ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଗ୍ଲୋବାଲ୍ ପିସ୍ ଫାଉଣ୍ଡେସନର ନବମ ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ଡା. ରାଜକିଶୋର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଯାଜପୁର ଟାଉନସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଯାଜପୁର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ 'ଭାରତରେ ଜନ ବିସ୍ଫୋରଣକୁ ରୋକିବା ସମ୍ଭବ କି ?' ଶୀର୍ଷକ ବିଷୟ ଉପରେ ନିଜ ନିଜର ମତାମତ ଓ ଯୁକ୍ତି ଉପସ୍ଥାପନ କରିଥିଲେ। ପ୍ରତିଯୋଗିତାରେ ପଦ୍ମାକର ଗୁରୁ, ହରିଶ୍ଚନ୍ଦ୍ର ପଣ୍ଡା ଓ ଡା. ରାଜକିଶୋର ପଣ୍ଡା ବିଚାରକ ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତା ଶେଷରେ ନିତ୍ୟାନନ୍ଦ ମିଶ୍ର, ସମାଜସେବୀ ସତ୍ୟରଞ୍ଜନ କର, କୁମାର ସେନ ସେନାପତି, ବାନେଶ୍ୱର ତ୍ରିପାଠୀ ଓ ମାନସ ଧଳ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ବିଷୟବସ୍ତୁ ଉପରେ ତଥ୍ୟଭିତ୍ତିକ ଓ ବିସ୍ତୃତ ଆଲୋଚନା ମାଧ୍ୟମରେ ମାର୍ଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଓ ସମସ୍ତ ଶିକ୍ଷକବୃନ୍ଦ ସହଯୋଗ କରିଥିଲେ। ରମେଶ ଚନ୍ଦ୍ର ମହାରଣା, ଦୁର୍ଗାଚରଣ ସେଠୀ ଓ ପ୍ରଶାନ୍ତ ସାମନ୍ତ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ଇତିଶ୍ରୀ ଜେନା ପ୍ରଥମ, ନନ୍ଦିନୀ ନାୟକ ଦ୍ୱିତୀୟ, ସ୍ୱର୍ଣ୍ଣଲକ୍ଷ୍ମୀ ବେହେରା ତୃତୀୟ, ଅଭିପ୍ସା ଷଡ଼ଙ୍ଗୀ ଚତୁର୍ଥ ଏବଂ ସତ୍ୟରଞ୍ଜନ ଓଝା ପଞ୍ଚମ ସ୍ଥାନ ଅଧିକାର କରିଥିଲେ।







# ଭିରୁଡାରେ ଅବକାରୀ ଚଢଉ: ୨୧୨୩ ଲିଟର ମଦ ଜବତ

**କଟକ, ନ୍ୟୁଜ ବ୍ୟୁରୋ**

ଆଗାମୀ ପାର୍ବଣକୁ ଦୃଷ୍ଟିରେ ରଖି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଓ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଦେଶୀ ମଦର କୂଟୀର ଶିଳ୍ପ ପାଲଟିଥିବା ଆଠଗଡ, ତିଗିରିଆ ଓ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ନିର୍ଦ୍ଦିଷ୍ଟ କେତେକ ଗ୍ରାମରେ କ୍ରମାଗତ ଅବକାରୀ ଚଢାଉ ଜାରି ରହିଛି । ଏହି କ୍ରମରେ ରବିବାର ତିଗିରିଆ ଥାନା ଅନ୍ତର୍ଗତ ଭିରୁଡା ପଞ୍ଚାୟତ ଅଞ୍ଚଳରେ ଆଠଗଡ, ବାଙ୍କୀ ଓ ନରସିଂହପୁର ଅବକାରୀ ଥାନା ପକ୍ଷରୁ ମିଳିତ ଚଢାଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ ଓ ପୋଚ ଜବତ କରାଯାଇଛି । ଆଠଗଡ



ଅବକାରୀ ଉପଅଧିକ୍ଷକ ସି ଏଚ ତିରୁପତି ଓ ନିରୀକ୍ଷକ ରବି ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଭିରୁଡା, ଗରପଡା, ପାଇକସାହି, ହରିଡାପଶି, ବାଲିପୁଟ ଗ୍ରାମ ଓ ସଂରକ୍ଷିତ ଜଙ୍ଗଲରେ ଚଢାଉ କରାଯାଇ ଶତାଧିକ ପ୍ଲାଷ୍ଟିକ ଜାରକିନରେ ଲୁଚାଇ ରଖାଯାଇଥିବା ସଦ୍ୟ ପ୍ରସ୍ତୁତ ୨୧୨୩ ଲିଟର ଦେଶୀ ମଦ ଓ ମଦ ପ୍ରସ୍ତୁତି ପାଇଁ ଗଚ୍ଛିତ ୧୦୬୦୫ ଲିଟର ଗୁଡପୋଚ ଜବତ କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଥିଲା। ଚଢାଉ ପୂର୍ବରୁ ଚୋରା ମଦ ମାଫିଆ ଫେରାର ହୋଇଯାଇଥିବାରୁ କାହାରିକୁ ଗିରଫ କରାଯାଇନଥିଲେ ମଧ୍ୟ ଏ ସଂକ୍ରାନ୍ତରେ ୪ ଟି ମାମଲା ରୁଜୁ କରାଯାଇଛି । ଏହି ଚଢାଉରେ ଆଠଗଡ ଉପନିରୀକ୍ଷକ ତରୁଣ କୁମାର ପାତ୍ର, ବାଙ୍କୀ ଉପନିରୀକ୍ଷକ ବାପି ସାହୁ ଓ ନରସିଂହପୁର ଉପନିରୀକ୍ଷକ ରାଜକିଶୋର ନାୟକଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ଟ୍ରକ୍-ପଲସର ଧକ୍କା : ଯୁବକ ମୃତ, ୨ ଗୁରୁତର

**ରାଇଘର, ନ୍ୟୁଜ ବ୍ୟୁରୋ**

ରାସ୍ତା ଉପରେ ମାତ୍ର କିଛି ସେକେଣ୍ଡର ଅସାବଧାନତା ଯେ ଏକ ପରିବାରକୁ ସାରାଜୀବନର ଦୁଃଖ ଦେଇପାରେ, ତାହାର ଏକ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ରାଇଘର ଥାନା ଅନ୍ତର୍ଗତ ଶାନ୍ତିନଗର ଛକ ନିକଟରେ। ଶନିବାର ସନ୍ଧ୍ୟାରେ ଏକ ମିନିଟ୍ରକ ଓ ପଲସର୍ ମୋଟରସାଇକଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଏକ ମିନିଟ୍ରକ କୁସୁମପୁର ଗ୍ରାମ ଛଅଭିମୁଖେ ପରିବା ବୋଝେଇ କରିବା ପାଇଁ ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ପଲ୍ସର୍ ମୋଟରସାଇକଲ ସହ ଶାନ୍ତିନଗର ଛକ ନିକଟରେ ମୁହାଁମୁହିଁ ଜୋରଦାର ଧକ୍କା ହୋଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ ମୋଟରସାଇକଲଟି ରାସ୍ତାକଡ଼ରେ ଥିବା ଖାଲ ମଧ୍ୟକୁ ଛିଟିକି ପଡ଼ିଥିଲା। ଦୁର୍ଘଟଣାରେ ବାବୁଲାଲ ଗଣ୍ଡ (୧୭)ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଆଖି ପିଛୁଳକେ ସବୁକିଛି ଶେଷ ହୋଇଯାଇଥିଲା। ଘଟଣାସ୍ଥଳରେ ହିଁ ବାବୁଲାଲଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ, ଦୁର୍ଘଟଣାରେ ତରୁଣ ରାମ ଗଣ୍ଡ ଓ ଶ୍ୟାମ କୁମାର ଗଣ୍ଡ ଗୁରୁତର ଆହତ ହୋଇଥିଲେ। ଘଟଣା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ଉଭୟଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲେ। ବର୍ତ୍ତମାନ ଉଭୟଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଦୁର୍ଘଟଣା ଖବର ପାଇ ରାଇଘର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାର ପ୍ରକୃତ କାରଣ ନେଇ ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ମୋଟରସାଇକଲରେ ଥିବା ଯୁବକମାନେ ଯୋଡ଼ିଙ୍ଗା ପଞ୍ଚାୟତ ଅନ୍ତର୍ଗତ ଖାଡ଼ଗାଁ ଗ୍ରାମର ବୋଲି ଜଣାପଡ଼ିଛି। ଏକ ମୁହୂର୍ତ୍ତରେ ଦୁର୍ଘଟଣା ନେଇଗଲା ଗୋଟିଏ ଜୀବନ, ଆଉ ଦୁଇଟି ଜୀବନ ଏବେ ହସ୍ପିଟାଲ ବେଡ୍‌ରେ ଜୀବନ ସହ ସଂଘର୍ଷ କରୁଛି। ଶାନ୍ତିନଗର ଛକର ଏହି ଦୁର୍ଘଟଣା ପୁଣିଥରେ ସମସ୍ତଙ୍କୁ ସତର୍କ କରିଦେଇଛି ରାସ୍ତାରେ ଗତିଠାରୁ ଜୀବନ ଅଧିକ ମୂଲ୍ୟବାନ।

# ଚୌଦ୍ୱାର ଜେଲ୍ ଅଧୀକ୍ଷକ ଗିରଫ, କଏଦୀ ଫେରାର ଏବଂ କାଗଜପତ୍ର ଜାଲିଆତି ମାମଲାରେ ବଡ କାର୍ଯ୍ୟାନୁଷ୍ଠାନ

**କଟକ, ନ୍ୟୁଜ ବ୍ୟୁରୋ**

ବହୁଚର୍ଚ୍ଚିତ ଚୌଦ୍ୱାର ଜେଲ୍ କଏଦୀ ଫେରାର ଏବଂ କାଗଜପତ୍ର ଜାଲିଆତି ମାମଲାରେ ଶେଷରେ ଗିରଫ ହୋଇଛନ୍ତି ପୂର୍ବତନ ଜେଲ୍ ସୁପରିଟେଣ୍ଡେଣ୍ଟ ସୁଜିତ କୁମାର ରାଉଳ। ଗିରଫଦାରୀରୁ ବଞ୍ଚିବା ପାଇଁ ସେ ଦୀର୍ଘ ଦିନ ହେବ ଆଇନଗତ ଲଢ଼େଇ ଚଳାଇଥିଲେ ସୁଦ୍ଧା ହାଇକୋର୍ଟରୁ ଜାମିନ ଖାରଜ ହେବା ପରେ ପୋଲିସ ତାଙ୍କୁ ଗିରଫ କରିଛି। ସୂଚନାଥାଉକି, ୨୦୨୫ ଅକ୍ଟୋବର ୨ (ଦୁର୍ଗାପୂଜା) ରାତିରେ ଚୌଦ୍ୱାର ଜେଲରୁ ଗ୍ରିଲ୍ କାଟି ଓ ପାଚେରୀ ଡେଇଁ ବିହାରର ଦୁଇଜଣ ବିଚାରାଧୀନ କଏଦୀ ରାଜା ସାହାନୀ ଏବଂ ମଧୁକାନ୍ତ କୁମାର ଫେରାର ହୋଇଯାଇଥିଲେ। ଏହି ପ୍ରଶାସନିକ ତ୍ରୁଟିକୁ ନେଇ ଜେଲ୍ ବିଭାଗରେ ସୃଷ୍ଟି ହୋଇଥିଲା ଆଲୋଡ଼ନ। ଘଟଣା ପରେ ସୁଜିତ ରାଉଳଙ୍କୁ ପଦରୁ ନିଲମ୍ବିତ କରାଯାଇଥିଲା। ଜେଲରୁ କଏଦୀ ଫେରାର ହେବା ଦିନ ସୁପରିଟେଣ୍ଡେଣ୍ଟ ସୁଜିତ ରାଉଳ ନିଜେ ଗେଟ୍ରେ ଉପସ୍ଥିତ ନଥିଲେ। କିନ୍ତୁ କାର୍ଯ୍ୟାନୁଷ୍ଠାନରୁ ବଞ୍ଚିବା ପାଇଁ ସେ ଜେଲ୍ ଗେଟ୍ ରେଜିଷ୍ଟରରେ ସେଦିନ ନିଜକୁ ଉପସ୍ଥିତ ଦେଖାଇବାକୁ ଚେଷ୍ଟା କରିଥିଲେ। ତେବେ ପୋଲିସ ତଦନ୍ତରୁ ସ୍ପଷ୍ଟ ହୋଇଥିଲା ଯେ ସେହି ଦିନ ତାଙ୍କ ମୋବାଇଲ୍ ଲୋକେସନ୍ ଖୋର୍ଦ୍ଧାରେ ଥିଲା। ଏହା ସହିତ ନିଜ ଦୋଷ ଲୁଚାଇବାକୁ ଯାଇ ସେତେବେଳର ଜେଲର ସନ୍ତୋଷିନୀ ଦାଶଙ୍କ ଜାଲ୍ ସାଇନ୍ କରି ଏକ ନକଲି ରିପୋର୍ଟ ପ୍ରସ୍ତୁତ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଜେଲର ସନ୍ତୋଷିନୀ ଦାଶ ଚୌଦ୍ୱାର ଥାନାରେ ସୁପରିଟେଣ୍ଡେଣ୍ଟଙ୍କ ବିରୋଧରେ ଏଫଆଇଆର୍ (ଋଓଜ) ଦାୟର କରିଥିଲେ। ଗିରଫଦାରୀରୁ ବର୍ତ୍ତିବା ପାଇଁ ସୁଜିତ ରାଉଳ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଆଗୁଆ ଜାମିନ ଆବେଦନ କରିଥିଲେ। କୋର୍ଟଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ସେ ମୂଳ ଜେଲ୍ ମିନିଟ୍ ବୁକ୍ ଏବଂ ଅସଲି କାଗଜପତ୍ର ପୋଲିସକୁ ହସ୍ତାନ୍ତର କରିନଥିଲେ। ଏହି କାରଣରୁ ଗତ ଅଗଷ୍ଟ ୨୯ ରେ ଓଡ଼ିଶା ହାଇକୋର୍ଟ ତାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଦେବା ସହ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ହଟାଇ ଦେଇଥିଲେ। ହାଇକୋର୍ଟରୁ ନିରାଶ ହେବା ପରେ ସେ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ତାଙ୍କୁ ଆଇନଗତ ଆଶ୍ୱସ୍ତି ମିଳିବା ପୂର୍ବରୁ ପୋଲିସ ତାଙ୍କୁ ଗିରଫ କରିଛି।

# ଡିସିପି ଜଗମୋହନ ମୀନାଙ୍କୁ ବିଦାୟ : କମିଶନରେଟ୍ ପୁଲିସ ପକ୍ଷରୁ ଭାବବିହ୍ୱଳ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କୁ କମିଶନରେଟ୍ ପୁଲିସର ବିଦାୟ । କମିଶନରେଟ୍ ପୁଲିସ ପକ୍ଷରୁ ତାଙ୍କୁ ଭାବବିହ୍ୱଳ ବିଦାୟ ଦିଆଯାଇଛି । ୨୦୧୩ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଜଗମୋହନ ମୀନା ଦୀର୍ଘ ୧୩ ବର୍ଷ ଧରି ପୁଲିସ ସେବାରେ ରହିଥିଲେ । ୨୦୨୫ ମାର୍ଚ୍ଚ ୫ ତାରିଖରେ ସେ ଭୁବନେଶ୍ୱର ଡିସିପି ଭାବେ ଦାୟିତ୍ୱ ନେଇଥିଲେ । ବ୍ୟକ୍ତିଗତ କାରଣ ଦର୍ଶାଇ ପୁଲିସ ସେବାରୁ ଇସ୍ତଫା ଦେଇ ଘରୋଇ




କ୍ଷେତ୍ରରେ ସୁଯୋଗ ଅନ୍ୱେଷଣ କରିବାକୁ ସେ ନିଷ୍ପତ୍ତି ନେଇଛନ୍ତି। ଜୁଲାଇ ୨୦୨୬ରେ ସେ ଇସ୍ତଫା ଦାଖଲ କରିଥିବା ବେଳେ ଅଗଷ୍ଟରେ ରାଜ୍ୟ ସରକାର ଏହାକୁ ଅନୁମୋଦନ କରିଥିଲେ । ପରେ କେନ୍ଦ୍ର ସରକାର ମଧ୍ୟ ତାଙ୍କ ଇସ୍ତଫାକୁ ଔପଚାରିକ ଭାବେ ଗ୍ରହଣ କରିଥିଲେ । ଏହି ଅବସରରେ କମିଶନରେଟ୍ ପୁଲିସର ଅଧିକାରୀ ଓ କର୍ମଚାରୀମାନେ ଜଗମୋହନ ମୀନାଙ୍କୁ ବିଦାୟ ଜଣାଇଥିଲେ ।

# ଓକେସିଏଲର 'ଇନଫ୍ଲୁଏନ୍ସର କନେକ୍ଟ' କାର୍ଯ୍ୟକ୍ରମ ଅନୁଷ୍ଠିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ (ଓକେସିଏଲ) ପକ୍ଷରୁ ଏକ ଦିନିକିଆ ଇନଫ୍ଲୁଏନ୍ସର କନେକ୍ଟ କାର୍ଯ୍ୟକ୍ରମ ଏହାର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍ଘାଟନ କରି ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମନୋରଞ୍ଜନ ପୁଥଲ ସଂସ୍ଥାର ବ୍ୟାପକ ଲକ୍ଷ୍ୟ ଏବଂ ଦକ୍ଷତା ବିକାଶ ପାଇଁ ପ୍ରଯୁକ୍ତିବିଦ୍ୟା ଓ ଡିଜିଟାଲ୍ ପ୍ଲାଟଫର୍ମର ଉପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ଲୋକଙ୍କ ନିକଟରେ ପ୍ରଯୁକ୍ତିବିଦ୍ୟା, ଜ୍ଞାନ ଓ ସୁଯୋଗ ପହଞ୍ଚାଇବା ଏବଂ ସହରାଞ୍ଚଳର ସୀମା ପାର ହୋଇ ଡିଜିଟାଲ୍ ସଶକ୍ତୀକରଣକୁ ବାସ୍ତବତାର ରୂପ ଦେବା ପାଇଁ ଓକେସିଏଲ ନିରନ୍ତର ପ୍ରୟାସ ଜାରି ରଖିଛି। କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବେ ଏକ ନୂତନ ସମ୍ଭାବନା କ୍ଷେତ୍ର ଭାବରେ



ବର୍ତ୍ତମାନ ଉଭା ହୋଇଛି। ଏହାକୁ ଭାରତୀୟ ଅର୍ଥନୀତିରେ ଯୋଡ଼ିବା ସହ ସାମାଜିକ ବିକାଶର ଏକ ମୁଖ୍ୟ ଚାଳକ ଭାବେ ବ୍ୟବହାର କରିବାକୁ ସେ ଆହ୍ୱାନ ଦେଇଥିଲେ। ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଏଆଇର ବ୍ୟାବହାରିକ ଦକ୍ଷତା ବିକାଶ କରିବା ଏବଂ ଇନଫ୍ଲୁଏନ୍ସରମାନଙ୍କ ମଧ୍ୟରେ ଏକ ସହଯୋଗୀ ନେଟୱାର୍କ ଗଠନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଏଥିରେ ୫୦ ଜଣ ଇନଫ୍ଲୁଏନ୍ସର ତଥା କଣ୍ଟେଣ୍ଟ କ୍ରିଏଟର ଯୋଗଦେଇଥିଲେ। ଅଂଶଗ୍ରହଣକାରୀଙ୍କୁ ଅତ୍ୟାଧୁନିକ ଏଆଇ ଟୁଲ୍‌ଗୁଡ଼ିକ ସହ ବ୍ୟାବହାରିକ ପରିଚୟ କରାଇବା ଏବଂ ବିଷୟବସ୍ତୁ ନିର୍ମାଣ, ଯୋଗାଯୋଗ ଓ ଡିଜିଟାଲ୍ ଉଦ୍ଭାବନ କ୍ଷେତ୍ରରେ ଏହାର ପ୍ରୟୋଗକୁ ଅନୁସନ୍ଧାନ କରିବା ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ଓକେସିଏଲ ଏକ ୧୫-ଦିନିଆ କ୍ରିଏଟର୍ ଚ୍ୟାଲେଞ୍ଜ ଘୋଷଣା ହୋଇଥିଲା। ଯାହା ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ସୃଜନଶୀଳତା ଏବଂ ଡିଜିଟାଲ୍ ଦକ୍ଷତାକୁ ଅଭ୍ୟାସରେ ପରିଣତ କରିବାର ସୁଯୋଗ ପ୍ରଦାନ କରିବା ସହ ଏହାର ମୂଳ ଲକ୍ଷ୍ୟକୁ ପ୍ରଚାର ପ୍ରାସର କରିବ। "ଓକେସିଏଲ ଇନଫ୍ଲୁଏନ୍ସର କନେକ୍ଟ କାର୍ଯ୍ୟକ୍ରମରେ କୃତ୍ରିମ ବୁଦ୍ଧିମତ୍ତା ଏବଂ ଏଆଇ ଟୁଲ୍‌ଗୁଡ଼ିକ ଉପରେ ଅଧିବେଶନଗୁଡ଼ିକ ଆମକୁ ବ୍ୟବହାରିକ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା ଯାହାକୁ ଆମେ ଆମର ବିଷୟବସ୍ତୁ ସୃଷ୍ଟି ଏବଂ ଦୈନନ୍ଦିନ ଡିଜିଟାଲ୍ କାର୍ଯ୍ୟରେ ପ୍ରୟୋଗ କରିପାରିବୁ। ଏହି କାର୍ଯ୍ୟକ୍ରମ ସହ-ନିର୍ମାତାଙ୍କ ସହିତ ସଂଯୋଗ ସ୍ଥାପନ କରିବା, ଚିନ୍ତାଧାରା ଆଦାନପ୍ରଦାନ କରିବା ଏବଂ ଏହାକୁ ସୃଜନଶୀଳ ଭାବରେ କିପରି ବ୍ୟବହାର କରାଯାଇପାରିବ ତାହା ବୁଝିବାର ସୁଯୋଗ ମଧ୍ୟ ପ୍ରଦାନ କରିଥିଲା ବୋଲି ବିଷୟବସ୍ତୁ ସୃଷ୍ଟିକାରୀ ଅନୁରାଗ ମହାନ୍ତି କହିଛନ୍ତି।

# ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘ ଗଜପତି ଶାଖାର ସାଧାରଣ ବୈଠକ



**ପାରଳାଖେମୁଣ୍ଡି, ନ୍ୟୁଜ ବ୍ୟୁରୋ**

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ କ୍ଷୁଦ୍ର ଜଳ ସେଚନ ବିଭାଗ ପରିସରରେ ଥିବା ଡିପ୍ଲୋମା ଇଂଜିନିୟର ସେବା ସଂଘର କନଫରେନ୍ସ ହଲ୍ ଠାରେ ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘ ଗଜପତି ଶାଖା ପକ୍ଷରୁ ସାଧାରଣ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଅତିରିକ୍ତ ମହାମଣ୍ଡଳ ସମ୍ପାଦକ ଇଂଜିନିୟର ସିଦ୍ଧାର୍ଥ ଶଙ୍କର ତ୍ରିପାଠୀ, ଉପଦେଷ୍ଟା ଇଂ ଶିବ ପ୍ରସାଦ ପାଳ, ସମ୍ପାଦକ ଉମା ଶଙ୍କର ପାତ୍ର, ରାମକୋ ସିମେଣ୍ଟର ଡିଷ୍ଟ୍ରିବ୍ୟୁଟର ପ୍ରକାଶ କୁମାର ପାତ୍ର, ରାମକୋ ସିମେଣ୍ଟ ଡେପୁଟି ଜେନେରାଲ ମେନେଜର ଅଦ୍ୱେଷ କୁମାର ସିଂ ରାମକୋ ସିମେଣ୍ଟର ଡେପୁଟି ମେନେଜର ଗୌରୀ ଶଙ୍କର ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ଇଂ କେ ନାଗେଶ୍ୱର ସେନାପତିଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ଏକ ମିନିଟ ନିରବ ପ୍ରାର୍ଥନା କରି କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା ଇଂଜିନିୟର ଉମା ଶଙ୍କର ପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ଇଂଜିନିୟର କୃଷ୍ଣଚନ୍ଦ୍ର ପ୍ରଧାନ, ଇଂ ସୁରେନ୍ଦ୍ର ନାଥ, ଇଂ ରାଧାକାନ୍ତ, ଇଂ ସୁଦର୍ଶନ ବେଣିଆ ପ୍ରମୁଖଙ୍କୁ ଉପଢୌକନ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ଓ ନୂତନ ଭାବେ କାର୍ଯ୍ୟ ଭାର ଗ୍ରହଣ କରିଥିବା ଇଂଜିନିୟରମାନଙ୍କୁ ପୁଷ୍ପଗୁଚ୍ଛ ଉପହାର ଦେଇ ସ୍ୱାଗତ କରାଯାଇଥିଲା। କିପରି ଜିଲ୍ଲାର ଉନ୍ନତି ସାଧନ ହେବ ତା' ଉପରେ ଗୁରୁତ୍ୱ ଦେଇ ଇଂଜିନିୟର ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ବ୍ଲକ ଗୁଡିକର ସହକାରୀ ଯନ୍ତ୍ରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ ପ୍ରମୁଖ ଉପସ୍ଥିତି ଥିଲେ। ଏହି କାର୍ଯ୍ୟକ୍ରମ ରାମକୋ ସିମେଣ୍ଟ ସହାୟତାରେ ଅନୁଷ୍ଠିତ ହୋଇଥିଲା ପରିଶେଷରେ ରାମକୋ ପକ୍ଷରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସମ୍ଭାବ୍ୟ ବାତ୍ୟା...

ବୌଦ୍ଧ, କନ୍ଧମାଳ ଓ ରାୟଗଡ଼ାରେ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ରହିଛି।ଏହା ସହ ୨୨ ରୁ ୨୪ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦେଇଛନ୍ତି ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ।

### ବିଧାନସଭା ...

ଛକ ଦେଇ ଯିବେ। ଉପରୋକ୍ତ କଟକଣା ଗୁଡ଼ିକ ଜରୁରୀକାଳୀନ କାର୍ଯ୍ୟରେ ନିୟୋଜିତ ଥିବା ଯାନବାହନ (ପୁଲିସ, ଅଗ୍ନିଶମ, ଆମ୍ବୁଲାନ୍ସ) ଏବଂ ବିଧାନସଭା, ରାଜ୍ୟ ସଚିବାଳୟ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ଯାଉଥିବା ଅଧିକୃତ ଯାନବାହନ ନିମନ୍ତେ ଲାଗୁ ହେବନାହିଁ ବୋଲି କମିଶନରେଟ୍ ପୁଲିସ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇ ଦିଆଯାଇଛି । ଉପରୋକ୍ତ କଟକଣା ବିଧାନସଭା ଅଧିବେଶନ ଚାଲୁଥିବା ସମୟରେ ବଳବତ୍ତର ରହିବ ।

### ଶ୍ରୀଗୁଣ୍ଡିଚା ମନ୍ଦିର ...

ଥିଲେ। ମୁଖ୍ୟ ପ୍ରଶାସକ ବୈଠକରେ ରତ୍ନ ଭଣ୍ଡାରରେ ଗଚ୍ଛିତ ମୂଲ୍ୟବାନ ସାମଗ୍ରୀର ଡିଜିଟାଇଜେସନ୍, ଡିଜିଟାଲ ହୁଣ୍ଡି, ଦିବ୍ୟାଙ୍ଗ ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟାଟେରୀ ଚାଳିତ ଯାନ, ଶ୍ରୀମନ୍ଦିର ପତ୍ରିକାର କାର୍ତ୍ତିକ ବିଶେଷାଙ୍କ, ଶ୍ରୀମନ୍ଦିର ସଂକ୍ରାନ୍ତ ବିଭିନ୍ନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ଇତ୍ୟାଦି ବିଷୟରେ ସମୀକ୍ଷା କରିଛନ୍ତି ଏବଂ ଏହାସହ ଶ୍ରୀଜଗନ୍ନାଥ ମନ୍ଦିର ଭୂମି ପରିଚାଳନା ଆଇନରେ ନୂତନ ଭାବେ ହୋଇଥିବା ସଦ୍ୟ ସଂଶୋଧନ ସମ୍ପର୍କରେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ଶ୍ରୀମନ୍ଦିର ରେଡିଓ ଏବଂ ୟୁଟ୍ୟୁବ ଷ୍ଟୁଡ଼ିଓ ସଂସ୍ଥାପନ ଓ ଶ୍ରୀବିଗ୍ରହଙ୍କ ତିନି ରଥର ଅଂଶଗୁଡିକର ନିଲାମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି।

ଏହା ସହ ଆସନ୍ତା ୨୬ ସେପ୍ଟେମ୍ବରରେ ହେବାକୁ ଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକର ଆଲୋଚ୍ୟ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରାଯାଇଛି। ବୈଠକ ପରେ ମୁଖ୍ୟ ପ୍ରଶାସକଙ୍କ ସମେତ ବରିଷ୍ଠ ଅଧିକାରୀଗଣ ଏବଂ ପୂର୍ତ୍ତ ବିଭାଗ ଟିମ୍ ଶ୍ରୀଗୁଣ୍ଡିଚା ମନ୍ଦିର ପରିଦର୍ଶନ କରି ସେଠାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଦିବ୍ୟାଙ୍ଗଙ୍କ ପାଇଁ ରାମ୍ପ, ରୋଷ ଘର ଉନ୍ନତିକରଣ, ସୌନ୍ଦର୍ଯ୍ୟକରଣ, ଶ୍ରଦ୍ଧାଳୁଙ୍କ ପାଇଁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା, ପ୍ରବେଶ ଓ ପ୍ରସ୍ଥାନ ମାର୍ଗ, ଦାନ ବାକ୍ସ ଗଣତି ପାଇଁ ସିସିଟିଭି ସଂସ୍ଥାପନ ଏବଂ ବିଭିନ୍ନ ସ୍ଥାନରେ ତଥ୍ୟ ସମ୍ବଳିତ ସୂଚନା ଫଳକ ଇତ୍ୟାଦି ବିଷୟରେ ଅଧିକାରୀମାନେ ଆଲୋଚନା କରିଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବା ସହ ଖୁବଶୀଘ୍ର ଶ୍ରୀଗୁଣ୍ଡିଚା ମନ୍ଦିର ଭକ୍ତମାନଙ୍କ ପାଇଁ ଖୋଲିବାକୁ ବ୍ୟବସ୍ଥା କରାଯାଉଛି ବୋଲି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି।

### ଖୁବଶୀଘ୍ର ସମାଧାନ...

ପ୍ରକ୍ରିୟା ଆଗକୁ ବଢ଼ିଲା। ୨୦୧୮ରେ ଗଠନ ହେଲା ମହାନଦୀ ୱାଟର୍ ଡିସପ୍ୟୁଟ୍ସ ଟ୍ରିବ୍ୟୁନାଲ। ସେବେଠାରୁ ଆଇନର ଲଢ଼େଇ ଚାଲିଛି। ଟ୍ରିବ୍ୟୁନାଲରେ ମାମଲା ଚାଲିଥିବା ବେଳେ ସମାନ୍ତରାଳ ଭାବେ ବୈଷୟିକ ଆଲୋଚନାକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ସୋମବାର ସିଡବ୍ଲ୍ୟୁସି ଅଧକ୍ଷଙ୍କ ଅଧକ୍ଷତାରେ ଉଭୟ ରାଜ୍ୟର ବୈଷୟିକ ଟିମ୍ ଆଲୋଚନା କରିବେ। ସେପ୍ଟେମ୍ବର ୨୮ରେ ମହାନଦୀ ଜଳ ବିବାଦ ମାମଲାର ପରବର୍ତ୍ତୀ ଟ୍ରିବ୍ୟୁନାଲ ଶୁଣାଣି। ଅନ୍ୟପଟେ ଦୁଇ ରାଜ୍ୟର ମୁଖିଆଙ୍କ ଆଲୋଚନାକୁ ନେଇ ରାଜ୍ୟ ରାଜନୀତି ବି ଜୋର୍ ଧରିଛି।

### ଜୟଶଙ୍କର, ପୂର୍ବତନ ...

ଏସଆଇଆର ନୋଟିସ ପାଇଛନ୍ତି। ସେମାନେ ମଧ୍ୟ ନିଜକୁ ନୂଆଦିଲ୍ଲୀ ନିର୍ବାଚନ ମଣ୍ଡଳୀର ଭୋଟର ଭାବେ ପଞ୍ଜିକୃତ କରିଥିଲେ। ଏପଟେ ସିପିଏମ ସାଂସଦ ଜନଙ୍କ ପତ୍ନୀ ଶେବା ଓ ପୁଅ ଆନନ୍ଦଙ୍କୁ ଭିନ୍ନଭିନ୍ନ କାରଣ ପାଇଁ ଏସ୍‌ଆଇଆର ନୋଟିସ ମିଳିଛି। ଶେବାଙ୍କୁ ଆତ୍ମଘୋଷିତ ନାଁରେ ଭିନ୍ନତା ରହିଥିବା ବର୍ଗରେ ରଖାଯାଇଛି। ଆନନ୍ଦଙ୍କ ବାପା ମା'ଙ୍କ ନାଁରେ ଭିନ୍ନତା ଥିବା କୁହାଯାଇଛି।

### ଋଷକୁ ଶତାଧିକ...

ପକ୍ଷରୁ ମସ୍କୋ ବିରୋଧରେ ରବିବାର ସବୁଠାରୁ ବଡ ହମଲା ହୋଇଥିବା ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଯୋଧପୁରରେ ତେଜସ...

ଆଡ଼କୁ ଅଗ୍ରସର ହୋଇଥିଲେ। ସେପ୍ଟେମ୍ବର ୯ ତାରିଖରେ ଦୁଇ ଦେଶ ମଧ୍ୟରେ ଆରମ୍ଭ ହୋଇଥିବା 'ବୀର ଗାର୍ଡିଆନ' ଅଭ୍ୟାସ ସେପ୍ଟେମ୍ବର ୨୨ ପର୍ଯ୍ୟନ୍ତ ଚାଲିବ।

### ସମ୍ବେଦନଶୀଳ...

ବ୍ୟବସ୍ଥା ପ୍ରଭାବିତ ହୋଇପାରେ। ଏଥିସହ ସମ୍ବେଦନଶୀଳ ସୂଚନା ସାର୍ବଜନୀନ ହେବା ଦ୍ୱାରା ଭବିଷ୍ୟତରେ ସୁରକ୍ଷା ସମ୍ପର୍କିତ ଆହ୍ୱାନ ବୃଦ୍ଧି ପାଇପାରେ। ଆଦେଶ ଅନୁଯାୟୀ, ଲୋକ ଭବନ, ଲୋକସେବା ଭବନ, ଶ୍ରୀଲିଙ୍ଗରାଜ ମନ୍ଦିର, ଓଡ଼ିଶା ବିଧାନସଭା, ଓଡ଼ିଶା ହାଇକୋର୍ଟ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଅସ୍ତ୍ରାଗାର ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ପ୍ରତିଷ୍ଠାନରେ ନିୟୋଜିତ ପୁଲିସକର୍ମୀମାନେ ସକ୍ଷମ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ବିନା କୌଣସି ଉଦ୍ଦେଶ୍ୟରେ ଫଟୋ କିମ୍ବା ଭିଡିଓ ରେକର୍ଡ କରିପାରିବେ ନାହିଁ। ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନର ପ୍ରଭାରୀମାନଙ୍କୁ ଏହି ନିର୍ଦ୍ଦେଶାବଳୀର କଡ଼ାକଡ଼ି ଭାବେ ତଦାରଖ କରିବା ସହ ଏପରି କାର୍ଯ୍ୟକଳାପକୁ ରୋକିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଡ୍ୟୁଟିରେ ନିୟୋଜିତ ସୁରକ୍ଷାକର୍ମୀମାନଙ୍କ ପାଇଁ ଡ୍ୟୁଟି ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରାଯାଇଛି।

## ନଦୀରୁ ମାତ୍ରାଧିକ ବାଲିଖନନର ପ୍ରଭାବ

# ଭୟଙ୍କର ଜଳ ସଙ୍କଟର ସମ୍ମୁଖୀନ ହୋଇପାରେ କଟକ ସହର

**କଟକ, ନ୍ୟୁଜ ବ୍ୟୁରୋ**

କଟକକୁ ମାଡ଼ି ଆସୁଛି ବଡ଼ ବିପତ୍ତି। ଭୟଙ୍କର ଜଳ ସଙ୍କଟର ସମ୍ମୁଖୀନ ହୋଇପାରେ କଟକ। ପିଇବା ପାଣି ପାଇଁ କଟକବାସୀ ହନ୍ତସନ୍ତ ହେବେ। ବେଳୁ ହୁଁ ସାବଧାନ ନହେଲେ ଏ ଦିନ ବେଶୀ ଦୂର ନୁହେଁ। ରେଭେନ୍ସା ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ପ୍ରଫେସର ଏପରି ସତର୍କବାଣୀ ଦେବା ସହ ସରକାରଙ୍କୁ ଚେତାଇ ଦେଇଛନ୍ତି। ନଦୀରୁ ମାତ୍ରାଧିକ ବାଲି ଖନନ ଯୋଗୁଁ ଏହି ସ୍ଥିତି ଉପୁଜିବାକୁ ଯାଉଥିବା ରିପୋର୍ଟରେ ମଧ୍ୟ ଦର୍ଶାଯାଇଛି। ମହାନଦୀ ଓ କାଠଯୋଡ଼ି ନଦୀ ମଝିରେ କଟକ ସହରର ଅବସ୍ଥିତି। ହେଲେ ଉଭୟ ନଦୀରୁ ନିୟମିତ ବାଲି ଖନନ ଚାଲିଛି। ଫଳରେ ନଦୀ ଶଯ୍ୟାରେ ଜଳସ୍ତର ତଳକୁ ତଳକୁ ଖସି ଖସି ଚାଲିଛି। ୨୦୨୫ରେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଥିଲା ଯେ ବିଶ୍ୱ ବାର୍ଷିକ ୫୦ ବିଲିଅନ୍ ମେଟ୍ରିକ ଟନ୍ ବାଲି ଆବଶ୍ୟକ କରେ। ହେଲେ ଏହି ଆବଶ୍ୟକତା ୧୯୭୦ରେ ଥିଲା ମାତ୍ର ୯.୬ ବିଲିଅନ ମେଟ୍ରିକ ଟନ୍। ତେଣୁ ବାଲିର ବଢୁଥିବା ଆବଶ୍ୟକତା ଯୋଗୁଁ ନଦୀ ଶଯ୍ୟାରେ ଅଧିକ ମାତ୍ରାରେ ବାଲି ଖନନ ହେଉଛି। ଯାହା ଦ୍ୱାରା ନଦୀର ଜଳସ୍ତର କମିବାରେ ଲାଗିଛି। ତେଣୁ ଭୂତଳ ଜଳସ୍ତର କମ୍ ଥିବା ସ୍ଥାନରେ ବାଲି ଖନନ ପାଇଁ ଅନୁମତି ନଦେବାକୁ ରିସର୍ଚ୍ଚ ଟିମ୍ ମୁଖ୍ୟ ପ୍ରଫେସର ସନ୍ଦୀପ କୁଣ୍ଡୁ କହିଛନ୍ତି। କଟକର ବିଭିନ୍ନ ସ୍ଥାନରେ ନଦୀ ଶଯ୍ୟା ନିକଟରେ ଅତ୍ୟଧିକ ବାଲି ଖନନ ହେଉଛି। ଫଳରେ ନଦୀ ଶଯ୍ୟା ଆକାର ବ୍ୟାପକ ଭାବେ ସଙ୍କୁଚିତ ହୋଇଛି। ତେଣୁ ଗତ ତିନି ବର୍ଷ ହେବ ଏହି ସବୁ ଅଞ୍ଚଳରେ ଭୂତଳ ଜଳସ୍ତର ମଧ୍ୟ କମୁଛି। ନଦୀ ଶଯ୍ୟା ନିକଟରେ ସବୁଜିମା ବୃଦ୍ଧି କରିବାକୁ ଏନଜିଟିଙ୍କ ପରାମର୍ଶ ଥିବା ସତ୍ତ୍ୱେ ବ୍ୟାପକ ବାଲି ଖନନ ଚାଲୁଛି। ଏହା ଫଳରେ ଆମେ ଆଗକୁ ଆହୁରି ବଡ଼ କ୍ଷତିର ସମ୍ମୁଖୀନ ହେବାକୁ ଯାଉଛୁ ବୋଲି କହିଛନ୍ତି ରିସର୍ଚ୍ଚ ଟିମ୍ ସ୍କଲାର। ବେଆଇନ ବାଲି ଖନନକୁ ନେଇ ୨୦୨୨ରୁ ୨୦୨୫ ମଧ୍ୟରେ ଏନ୍‌ଜିଟିଙ୍କ ନିକଟରେ ୩୨୧୯ଟି ମାମଲା ରୁଜୁ ହୋଇଛି। ଏଭଳି ସ୍ଥିତିରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ଏଭଳି ରିସର୍ଚ୍ଚ ରିପୋର୍ଟ ପରେ ସରକାରୀସ୍ତରରେ ପଦକ୍ଷେପ ଗ୍ରହଣ କରିବା ନିହାତି ଆବଶ୍ୟକ ହୋଇପଡ଼ିଛି।

# ଏମ୍ଏମ୍ଡିଆରକୁ ନେଇ ପୁଣି ଚିଠି ଲେଖିଲେ ନବୀନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ (ସଂଶୋଧନ) ସମ୍ପର୍କରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରବିବାର ପୁଣି ଥରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଚିଠି ଲେଖିଛନ୍ତି । ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଯେ ବିଜୁ ଜନତା ଦଳ ସବୁବେଳେ ଓଡିଶାର ଅଧିକାର ଓ ଆମର ଯୁବ ସମାଜର ଭବିଷ୍ୟତ ସହିତ ରହି ଆସିଛି ଏବଂ ଏହାର ଦୃଢ ସମର୍ଥନ କରୁଛି । ତେଣୁ ନିକଟରେ ସଂସଦରେ ଗୃହିତ ହୋଇଥିବା ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ (ସଂଶୋଧନ) ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ବିଧାନ ସଭାରେ ସର୍ବସମ୍ମତ ପ୍ରସ୍ତାବ ପାରିତ କରିବା ପାଇଁ ସବୁ ରାଜନୈତିକ ଦଳ ଏକାଠି କାମ କରିବାକୁ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସୁପ୍ରିମ କୋର୍ଟଙ୍କ ରାୟ ଓଡିଶା ପାଇଁ ବିରାଟ ସମ୍ଭାବନା ସୃଷ୍ଟି କରିଥିଲା । କୋଟି କୋଟି ଟଙ୍କାର ବକେୟା ରାଜସ୍ୱ ଆଦାୟ ସହିତ ବାର୍ଷିକ ୧୨ ହଜାର କୋଟି ଟଙ୍କା ରାଜସ୍ୱ ଭାବେ ପାଇବାର ସୁଯୋଗ ସୃଷ୍ଟି ହୋଇଥିଲା । ଏହା ଦ୍ୱାରା ଆମର ଯୁବ ସମାଜର ଭବିଷ୍ୟତ ସୁରକ୍ଷିତ ହେବା ସହିତ ଓଡିଶାର ବିକାଶ ପାଇଁ ପ୍ରଚୁର ଅର୍ଥ ମିଳିଥାନ୍ତା । କିନ୍ତୁ ସଂସଦରେ ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ (ସଂଶୋଧନ) ଗୃହିତ ହୋଇଗଲା । ଏହା ଦ୍ୱାରା ଓଡିଶା ବିପୁଳ ଆର୍ଥିକ କ୍ଷତି ସହିବାକୁ ଯାଉଛି ଏବଂ ଏହାର ସାମ୍ବିଧାନିକ ଅଧିକାର ମଧ୍ୟ ଚାଲିଯାଇଛି। ବିଧାନ ସଭାରେ MMDR Amendment Act ପ୍ରତ୍ୟାହାର କରିବା ପାଇଁ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହିତ କରିବାକୁ ନବୀନ ଦାବି କରିଛନ୍ତି।

# ପାନୀୟ ଜଳର ଗୁଣବତ୍ତା ନିରୀକ୍ଷଣ ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିଛି ପୂର୍ବତଟ ରେଳପଥ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଯାତ୍ରୀ ଓ ରେଳ କର୍ମଚାରୀମାନଙ୍କ ପାଇଁ ସୁରକ୍ଷିତ ଓ ସ୍ୱଚ୍ଛ ପରିବେଶ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ ରେଳ ଷ୍ଟେସନ ଓ ରେଳ କଲୋନୀଗୁଡ଼ିକରେ ପାନୀୟ ଜଳର ଗୁଣବତ୍ତା ଓ ସ୍ୱଚ୍ଛତା ତଦାରଖ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି।

୧୮ ଅଗଷ୍ଟରୁ ୩ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ସ୍ୱତନ୍ତ୍ର ୧୫ ଦିନିଆ ଅଭିଯାନ ପରେ ମଧ୍ୟ ନିରନ୍ତର ଭାବେ ଜଳର ଗୁଣବତ୍ତା ଯାଞ୍ଚ କରାଯାଉଛି। ଏହି ଅବଧି ମଧ୍ୟରେ ପୂର୍ବତଟ ରେଳପଥର ୧୭୫ଟି ରେଳ ଷ୍ଟେସନ ଓ ୧୬୦ଟି ରେଳ କଲୋନୀଗୁଡ଼ିକରେ ବ୍ୟାପକ ଜଳ ଗୁଣବତ୍ତା ଯାଞ୍ଚ କରାଯାଇଥିଲା। ମୋଟ ୧,୦୩୭ଟି ରେସିଡ୍ୟୁଆଲ୍ କ୍ଲୋରିନ୍ ପରୀକ୍ଷଣ ଏବଂ ୨୮୮ଟି ବ୍ୟାକ୍ଟେରିଓଲୋଜିକାଲ୍ (ଜୀବାଣୁ ସମ୍ବନ୍ଧୀୟ) ପରୀକ୍ଷଣ କରାଯାଇଥିଲା। ଏହି ଅଭିଯାନ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଓ ରାୟଗଡ଼ା—ତିନୋଟି ଯାକ ମଣ୍ଡଳରେ କାର୍ଯ୍ୟକାରୀ କରାଯାଇଥିଲା। ଅନୁଧ୍ୟାନ ସମୟରେ, ପ୍ରାରମ୍ଭିକ ଭାବେ ସାତୋଟି ବ୍ୟାକ୍ଟେରିଓଲୋଜିକାଲ୍ ନମୁନା ମାନଦଣ୍ଡ ଅନୁଯାୟୀ ନଥିବା ଜଣାପଡ଼ିଥିଲା। ତେବେ ଏହାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରାଯିବା ସହ ପୁନଃ ପରୀକ୍ଷଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ସମସ୍ତ ସାତଟିଯାକ ନମୁନା ନିର୍ଦ୍ଧାରିତ ମାନଦଣ୍ଡ ଓ ନିୟମାବଳୀ ଅନୁଯାୟୀ ଠିକ୍ ଥିବା ସ୍ପଷ୍ଟ ହୋଇଥିଲା । ପୂର୍ବତଟ ରେଳପଥ ନିୟମିତ ବ୍ୟବଧାନରେ ଏବଂ ଅଚାନକ ଜଳ ପରୀକ୍ଷଣ ସହିତ ପାଣି ଟାଙ୍କି, ୱାଟର କୁଲର ଏବଂ ଷ୍ଟେସନ୍ ସୁବିଧାଗୁଡ଼ିକର ନିୟମିତ ସଫେଇ କାର୍ଯ୍ୟ ଜାରି ରଖିଛି। ଏହା ବ୍ୟତୀତ, ନିୟମିତ ତତ୍ତ୍ୱାବଧାନରେ ଷ୍ଟେସନ୍ ପରିସର, ପ୍ରତୀକ୍ଷାଳୟ, ଶୌଚାଳୟ ଏବଂ ନାଳିଗୁଡ଼ିକର ସଫେଇ ପାଇଁ ଦୈନିକ ସ୍ୱଚ୍ଛତା ଅଭିଯାନ ମଧ୍ୟ ପରିଚାଳିତ ହେଉଛି।

# ଏସିଆନ ଗେମ୍ସ ଶୁଟରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏସିଆନ ଗେମ୍ସ ୨୦୨୬ର ମହିଳା ୧୦ ମିଟର ଏୟାର ରାଇଫଲ ଟିମ୍ ଇଭେଂଟରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ଶୁଟର ସୋନମ ଉତ୍ତମ ମାସ୍କର, ଏଲାଭେନିଲ ଭାଲାରିଭାନ ଏବଂ ବିଦର୍ଷା କେ. ବିନୋଦଙ୍କୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ମାଧ୍ୟମରେ ତିନି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ଦେଶ ପାଇଁ ଗୌରବ ଆଣିଥିବାରୁ ପ୍ରଶଂସା କରିଛନ୍ତି। ଏଥିସହ ମହିଳା ୧୦ ମିଟର ଏୟାର ରାଇଫଲ ବ୍ୟକ୍ତିଗତ ଇଭେଂଟରେ ମଧ୍ୟ ରୌପ୍ୟ ପଦକ ଜିତିଥିବା ଏଲାଭେନିଲ ଭାଲାରିଭାନଙ୍କୁ ମୁଖ୍ୟମନ୍ତ୍ରୀ ବିଶେଷ ଅଭିନନ୍ଦନ ଜଣାଇଛନ୍ତି।

ଉତ୍କଳ ଦୀପିକା
ଭୁବନେଶ୍ୱର, ୨୧ ସେପ୍ଟେମ୍ବର, ସୋମବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

## ଆରାମଦାୟକ ହେବ ମହାପ୍ରଭୁଙ୍କ ଦର୍ଶନ : ଶ୍ରୀମନ୍ଦିର ବାହାରେ ହେବ ଏସି ସେଡ୍



**ପୁରୀ,୨୦/୯ ନ୍ୟୁଜ ବ୍ୟୁରୋ**

ଏଣିକି ମହାପ୍ରଭୁଙ୍କ ଦର୍ଶନ ହେବ ଆରାମଦାୟକ । ଶ୍ରୀମନ୍ଦିର ବାହାରେ ହେବ ଏସି ସେଡ୍ । ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁବିଧା ପାଇଁ ଶ୍ରୀମନ୍ଦିର ବାହାରେ ଏସି ସେଡ୍ କରିବାକୁ ପ୍ରଶାସନ ଯୋଜନା କରିଛି । ପ୍ରତିଦିନ ମହାପ୍ରଭୁଙ୍କ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଶ୍ରୀମନ୍ଦିର ଆସୁଛନ୍ତି । ପ୍ରବଳ ଗରମ ଗୁଳୁଗୁଳି ଯୋଗୁଁ ଧାଡ଼ିରେ ଦୀର୍ଘ ସମୟ ଠିଆହୋଇ ଅନେକ ସମୟରେ ଅଣନିଃଶ୍ୱାସୀ ହୋଇ ପଡ଼ିବା ସହ ଚେତାଶୂନ୍ୟ ମଧ୍ୟ ହୋଇ ପଡୁଛନ୍ତି । ଏଣୁ ଶ୍ରୀମନ୍ଦିର ବାହାରେ ଏସି ସେଡ୍ ବ୍ୟବସ୍ଥା ପାଇଁ ପ୍ରଶାସନ ପକ୍ଷରୁ ଯୋଜନା କରାଯାଉଛି । ତେବେ ଆସନ୍ତା ୨୬ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବାକୁ ଥିବା ବେଳେ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇପାରେ । ନିକଟରେ ଶ୍ରୀମନ୍ଦିର ନାଟମଣ୍ଡପରେ ଲାଗିଛି ଏସି । ଏହାକୁ ଭକ୍ତ ଓ ସେବାୟତ ସ୍ୱାଗତ କରିଥିଲେ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମୟରେ ଏସି ସେଡ୍ ନିର୍ମାଣ ହୋଇଥିଲା । କିଛି ଦିନ ପରେ ଏହାକୁ ହଟାଇ ଦିଆଯାଇଥିଲା । ଏବେ ପୁଣି ଥରେ ଏହା ଉପରେ ନଜର ପକାଇଛନ୍ତି ସରକାର । ଶ୍ରଦ୍ଧାଳୁଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଖୁବ୍ ଶୀଘ୍ର ଶ୍ରୀମନ୍ଦିର ପ୍ରଶାସନ ଏହା ଉପରେ ଗୁରୁତ୍ୱ ଦେବେ ।

## ମହାପ୍ରସାଦ ପାଇବା ସହଜ କରିବାକୁ ପ୍ରଶାସନର ଯୋଜନା

# ଉତ୍ତର କିମ୍ବା ଦକ୍ଷିଣ ଦ୍ୱାର ବାହାରେ ଖୋଲିବ ଟୋକନ୍ କାଉଣ୍ଟର : ସହଜରେ ମିଳିବ ଅବଢ଼ା

**ପୁରୀ,୨୦/୦୯ ନ୍ୟୁଜ ବ୍ୟୁରୋ**

କାର୍ତ୍ତିକ ମାସ ସୁଦ୍ଧା ଶ୍ରୀମନ୍ଦିର ଉତ୍ତର କିମ୍ବା ଦକ୍ଷିଣ ଦ୍ୱାର ବାହାରେ ଖୋଲିବ ମହାପ୍ରସାଦ ନେବା ନିମନ୍ତେ ଟୋକନ କାଉଣ୍ଟର । ଯିଏ ଯେତିକି ଜଣଙ୍କ ନିମନ୍ତେ ମହାପ୍ରସାଦ ନେବ ସେତିକି ନିର୍ଦ୍ଧାରିତ ଟଙ୍କା ଦେଇ ଟୋକନ ନେଲା ପରେ ଏହି ଦ୍ୱାର ନିକଟରେ ବୋଝିଆଙ୍କ ଠାରୁ ଅବଢ଼ା ମହାପ୍ରସାଦ ପାଇବ । ବିଶେଷ ଭାବେ ପୁରୀର ଶ୍ରଦ୍ଧାଳୁମାନେ ଅନ୍ୟ ଯାତ୍ରୀଙ୍କ ଭଳି ବ୍ୟାରିକେଡ୍ ଭିତରେ ପଶି ଅବଢ଼ା ପାଇବା ନିମନ୍ତେ ଶ୍ରୀମନ୍ଦିରକୁ ଯିବାକୁ ପଡୁଥିବାରୁ, ସେମାନଙ୍କୁ ଏହି ଅପେକ୍ଷା କଷ୍ଟରୁ ମୁକ୍ତି ମିଳିବ । ଏହି ଦର ତାଲିକା ଓ ଟୋକନ ବ୍ୟବସ୍ଥା ପରେ ଦଲାଲମାନେ ଶ୍ରଦ୍ଧାଳୁମାନଙ୍କୁ ଆଉ ଠକିପାରିବେ ନାହିଁ । ପ୍ରଶାସନ ଏହି ବ୍ୟବସ୍ଥା କରିବାକୁ ସମ୍ମତି ଜଣାଇଛି । ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ସଭାପତି ପଦ୍ମନାଭ ମହାସୁଆର ଏହା ଗଣମାଧ୍ୟମରେ ସୂଚନା ଦେବା ପରେ ଚର୍ଚ୍ଚା, ଆଲୋଚନା ଜୋର୍



ଧରିଛି । ପୁରୀବାସୀ ଦୈନିକ ଶ୍ରୀମନ୍ଦିର ଦର୍ଶନ ସୁବିଧା ଓ ମହାପ୍ରସାଦ ପାଇବାରେ ଅନ୍ୟ ବାହାର ଯାତ୍ରୀଙ୍କ ଭଳି କଟକଣାର ଶିକାର ହେବାକୁ ନେଇ ଅସନ୍ତୋଷ ପ୍ରକାଶ କରୁଥିବା ଅଭିଯୋଗ ହେଉଥିବା ବେଳେ ଏହାକୁ ପ୍ରଶମିତ କରିବାକୁ ପ୍ରଶାସନିକ ଏହି ବ୍ୟବସ୍ଥା କରିଥିବା ଆଲୋଚନା ହେଉଛି । ଲୋକସଭା ଭବନରେ ସୁଆର ମହାସୁଆରମାନଙ୍କ ଦାବି ଆଇନମନ୍ତ୍ରୀ ଶୁଣିବା ପରେ ପ୍ରସଙ୍ଗ ଚର୍ଚ୍ଚାକୁ ଆସିଥିଲା । ସୁଆର ମହାସୁଆର ନିଯୋଗ ସଭାପତି ପଦ୍ମନାଭ ମହାସୁଆର କହିଛନ୍ତି, ସରକାରଙ୍କ ନିକଟରେ ମୋଟ ୯ଟି ଦାବି ଉପସ୍ଥାପନ କରାଯାଇଥିଲା । ସବୁଗୁଡ଼ିକ ଶ୍ରଦ୍ଧାଳୁଙ୍କ ସୁବିଧାରେ ମହାପ୍ରସାଦ ଯୋଗାଇ ଦେବା ସମ୍ପର୍କିତ ରହିଥିଲା । ପ୍ରଥମ ଦାବି ଥିଲା ଶ୍ରୀମନ୍ଦିରରେ ମହାପ୍ରସାଦ ପ୍ରସ୍ତୁତି ନିମନ୍ତେ ଆବଶ୍ୟକ କାଠର ସ୍ଥାୟୀ ସମାଧାନ । ଶ୍ରଦ୍ଧାଳୁଙ୍କ ଆବଶ୍ୟକତାକୁ ଦେଖିଲେ ଏବେ ଶ୍ରୀମନ୍ଦିରକୁ ଦୈନିକ ୧୦୦ରୁ ୧୨୦ କୁଇଣ୍ଟାଲ କାଠ ଆବଶ୍ୟକ ପଡୁଛି । କାର୍ତ୍ତିକ ମାସ ଓ ପାର୍ବଣ ଦିନମାନଙ୍କରେ ୧୮୦ରୁ ୨୦୦ କୁଇଣ୍ଟାଲ କାଠର ଆବଶ୍ୟକ ପଡ଼ିବ । ଯଦି ପ୍ରଶାସନ ଠିକଣା ସମୟରେ ଆବଶ୍ୟକ କାଠ ଯୋଗାଇ ନପାରିବ, ଅନ୍ୟ ସ୍ଥାନରୁ ଅଧିକ ଦର ଦେଇ କାଠ ଆଣିବାକୁ ପଡ଼ିଲେ ମହାପ୍ରସାଦ ଦର ବଢ଼ାଇବାକୁ ପଡ଼ିବ । ଏ ପରିସ୍ଥିତିରେ ଆବଶ୍ୟକ ମହାପ୍ରସାଦ ରାନ୍ଧି ଯୋଗାଇବା ମଧ୍ୟ ବନ୍ଦ ହୋଇପାରେ । ତେଣୁ ଶ୍ରୀମନ୍ଦିର ରୋଷଘରକୁ ଜାଳେଣିର ସ୍ଥାୟୀ ସମାଧାନ କରିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ସରକାର ଏନେଇ ସକାରାତ୍ମକ ପଦକ୍ଷେପ ନେବେ ବୋଲି କହିଛନ୍ତି । ସେପଟେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ସୁଆର ମହାସୁଆର ନିଯୋଗର ସମସ୍ୟା ସମାଧାନ କରିବାକୁ ନିଶ୍ଚିତ ଭାବେ ପ୍ରଶାସନ ଚେଷ୍ଟା କରିବ । ସେହିପରି ଅବଢ଼ା ଓ ଶୁଖିଲା ମହାପ୍ରସାଦ କାଉଣ୍ଟରଗୁଡ଼ିକରେ ଦର ତାଲିକା ଲଗାଇବାକୁ ଉକ୍ତ ନିଯୋଗକୁ ପରାମର୍ଶ ଦିଆଯାଇଛି ବୋଲି ସେ କହିଛନ୍ତି । ସୂଚନା ଥାଉକି, ସରକାରୀ ଓ ଶ୍ରୀମନ୍ଦିର ଜମିରେ ନୂଆ ଜଙ୍ଗଲ ସୃଷ୍ଟି ପାଇଁ ସରକାରୀ ନିଷ୍ପତ୍ତି ସତ୍ତ୍ୱେ ଗତ ୨୫ ବର୍ଷରେ ୧୬ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପକୁ ମାଟିରେ ମିଶାଇ ଦିଆଯାଇଛି । ଶେଷ ୫ ବର୍ଷରେ ଲାଗିପାରିନି ଗୋଟିଏ ବି ଚାରା । ସେପଟେ କାଠ ସମସ୍ୟା ନ ତୁଟିଲେ ଆଗାମୀ କାର୍ତ୍ତିକରେ ମହାପ୍ରସାଦ ଦର ବୃଦ୍ଧି ହେବା ନେଇ ଚେତାବନୀ ଦେଇଛନ୍ତି ସୁଆର ମହାସୁଆର ନିଯୋଗ । ଅନ୍ୟପଟରେ କାର୍ତ୍ତିକ ମାସରୁ ଲାଗୁ ହୋଇପାରେ ମହାପ୍ରସାଦ ଦର ତାଲିକା । ଖାଦ୍ୟ ସାମଗ୍ରୀ ଦର ବୃଦ୍ଧି ନହେଲେ ଅପରିବର୍ତ୍ତିତ ରହିବ ମହାପ୍ରସାଦ ଦର ।

## ଶିକ୍ଷାନୁଷ୍ଠାନରେ ମାନସିକ ସ୍ୱାସ୍ଥ୍ୟ ସଚେତନତା ମାମଲା

# ୩ ସପ୍ତାହରେ ସତ୍ୟପାଠ ଦାଖଲ ପାଇଁ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୨୦/୦୯ ନ୍ୟୁଜ ବ୍ୟୁରୋ**

ରାଜ୍ୟର ସମସ୍ତ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ବ୍ୟାପକ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ପ୍ରସଂଗରେ କ'ଣ ପଦକ୍ଷେପ ରାଜ୍ୟ ସରକାର ଗ୍ରହଣ କରିଛନ୍ତି ସେ ନେଇ ଅବଗତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସାରା ରାଜ୍ୟରେ ଏହି ପ୍ରସଂଗରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ତିନି ସପ୍ତାହ ଭିତରେ ସତ୍ୟପାଠ ଦାଖଲ କରିବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏସକେ ସବିର ଅଲ୍ଲୀ ଓ ଅନ୍ୟମାନଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଅକ୍ଟୋବର ୧୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି । ରାଜ୍ୟର ସମସ୍ତ



ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ମାନସିକ ଚାପ କମାଇବା, ଭାବନାତ୍ମକ ଶକ୍ତି ବଢ଼ାଇବା ଓ ମାନସିକ ସ୍ୱାସ୍ଥ୍ୟ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ପଦକ୍ଷେପ ପ୍ରସଂଗକୁ ନେଇ ଏହି ଜନସ୍ୱାର୍ଥ ମାମଲା ଦାୟର ହୋଇଛି । ନିକଟର କେତେକ ରିପୋର୍ଟରୁ ଛାତ୍ରଛାତ୍ରୀ ଓ ସମାଜର ଅନ୍ୟାନ୍ୟ ବର୍ଗଙ୍କ ମାନସିକ ସୁସ୍ଥତାକୁ ନେଇ ଚିନ୍ତା ବଢ଼ାଉଥିବା ଭଳି କେତେକ ଘଟଣା ସମ୍ମୁଖକୁ ଆସିଛି । ସରକାର ଏହି ବିଷୟରେ କୌଣସି ପ୍ରକାରର ଉଦାସୀନ ମନୋଭାବ ଦେଖାଇ ପାରିବେ ନାହିଁ । ସରକାରଙ୍କୁ ଏହି ଦିଗରେ ତୁରନ୍ତ ଧ୍ୟାନ ଦେବାକୁ ଓ ପଦକ୍ଷେପ ନେବାକୁ ହେବ । ସବୁ ଶିକ୍ଷାନୁଷ୍ଠାନରେ ବ୍ୟାପକ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରାଯିବା ଉଚିତ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଛି । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅଫରାଜ ସୁହେଲ ମାମଲା ପରିଚାଳନା କରୁଛନ୍ତି ।

# ପର୍ଯ୍ୟଟନ ସହ ଯୋଡ଼ାଯିବ ରାଜ୍ୟର ପାରମ୍ପରିକ ଖାଦ୍ୟ ଓ ରନ୍ଧନ ପରମ୍ପରା

**ଭୁବନେଶ୍ୱର, ୨୦/୦୯ ନ୍ୟୁଜ ବ୍ୟୁରୋ**

ରାଜ୍ୟର ପାରମ୍ପରିକ ଖାଦ୍ୟ ଓ ରନ୍ଧନ ପରମ୍ପରାକୁ ପର୍ଯ୍ୟଟନ ସହ ଯୋଡାଯିବ । ପର୍ଯ୍ୟଟନ କ୍ଷେତ୍ରରେ ଆବାସିକ ଓ ଅନ୍ୟାନ୍ୟ ସୁବିଧା ଭିତ୍ତିଭୂମିର ବିକାଶ କରାଯିବ । ପର୍ଯ୍ୟଟନ ଜମି ବ୍ୟାଙ୍କ ଯୋଜନା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ଜମି ଚିହ୍ନଟ, ଜମିର ଉପଯୋଗିତା ନିର୍ଦ୍ଧାରଣ, ଜମି ଆବଣ୍ଟନ ଓ ପରବର୍ତ୍ତୀ ପରିଚାଳନା ପାଇଁ ସୁସ୍ପଷ୍ଟ ବ୍ୟବସ୍ଥା ସହ ଜିଆଇଏସ୍ ଆଧାରିତ ଜମି ମାନଚିତ୍ର ଓ ଡିଜିଟାଲ ନିରୀକ୍ଷଣ ବ୍ୟବସ୍ଥା ହେବ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦର ଦ୍ୱିତୀୟ ବୈଠକରେ ଏନେଇ ବିସ୍ତୃତ ଆଲୋଚନା ହୋଇଛି । ବିଭିନ୍ନ



ଅନୁମୋଦିତ ପର୍ଯ୍ୟଟନ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ହୋଇଥିବା ବିଳମ୍ବ ଏବଂ ସମୟସୀମା ବୃଦ୍ଧି ସମ୍ପର୍କିତ ପ୍ରସ୍ତାବ ଉପରେ ପରିଷଦରେ ବିଚାର କରାଯାଇଛି । ବୈଠକରେ ରାଜ୍ୟରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ, ଜମି ଉପଲବ୍ଧତା, କାର୍ଯ୍ୟକାରୀ ହେଉଥିବା ପର୍ଯ୍ୟଟନ ପ୍ରକଳ୍ପର ଅଗ୍ରଗତି ବାବଦରେ ଆଲୋଚନା ହୋଇଛି । ସେହିପରି ପର୍ଯ୍ୟଟନ ଶିଳ୍ପ ପାଇଁ ନିବେଶ ପରିବେଶକୁ ସୁଗମ କରିବା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଛି । ପରିଷଦର ପ୍ରଥମ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକର କାର୍ଯ୍ୟାନ୍ୱୟନ ଅଗ୍ରଗତି ନେଇ ସମୀକ୍ଷା ହୋଇଛି । ପର୍ଯ୍ୟଟନ ପ୍ରକଳ୍ପ ପାଇଁ ସରକାରୀ ଜମି ଆବଣ୍ଟନ, ଓଡ଼ିଆ ଖାଦ୍ୟ ରେଷ୍ଟୋରାଁ ପ୍ରତିଷ୍ଠା, ପର୍ଯ୍ୟଟନ ଜମି ବ୍ୟାଙ୍କ ଯୋଜନା ଏବଂ ବିଭିନ୍ନ ପର୍ଯ୍ୟଟନସ୍ଥଳର ବିକାଶ ସମ୍ପର୍କିତ ପୂର୍ବ ନିଷ୍ପତ୍ତିର ଅଗ୍ରଗତି ଉପରେ ଆଲୋଚନା ହୋଇଛି । ପୁରୁଣା ପର୍ଯ୍ୟଟନ ନୀତି ଅଧୀନରେ ଅନୁମୋଦିତ କିନ୍ତୁ ପ୍ରୋତ୍ସାହନ ସୁବିଧା ପାଇବାରେ ବିଭିନ୍ନ କାରଣରୁ ବଞ୍ଚିତ ହୋଇଥିବା ପର୍ଯ୍ୟଟନ ଏକକଗୁଡ଼ିକ ପାଇଁ ଏକକାଳୀନ ସମାଧାନ ଯୋଜନା ପ୍ରସ୍ତାବ ଉପରେ ଆଲୋଚନା ହୋଇଛି । ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକରେ ଅନାବଶ୍ୟକ ପ୍ରକ୍ରିୟାଗତ ବିଳମ୍ବ ହ୍ରାସ କରିବା, ଜମି ଓ ଅନୁମତି ସମ୍ପର୍କିତ ବାଧା ଦୂର କରିବା ଏବଂ ନିବେଶକମାନଙ୍କ ପାଇଁ ପ୍ରକ୍ରିୟାକୁ ଅଧିକ ସରଳ ଓ ସମୟବଦ୍ଧ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି । ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ସମସ୍ତ ପ୍ରକାଶ ସୁବ୍ୟବସ୍ଥା କରିବାକୁ ଆବଶ୍ୟକ ପଦକ୍ଷେପ ନେବା ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଗୁରୁତ୍ୱାରୋପ କରିଛନ୍ତି । ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସହ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ.ବି.ଏସ୍ ରାଜପୁତ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଭିଜିଲାନ୍ସ ଜାଲରେ ଆଇସିଡିଏସ୍ ସୁପରଭାଇଜର ଓ ଜେଆରଏ

**ବ୍ରହ୍ମପୁର,୨୦/୦୯ ନ୍ୟୁଜ ବ୍ୟୁରୋ**

ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ କୋଠା ନ ଥିବାରୁ ଭଡ଼ା ଘରେ ଚାଲୁଥିଲା । ହେଲେ ଘର ଭଡ଼ା ବାବଦ ଟଙ୍କା ପ୍ରଦାନ କରିବାକୁ ୩୦ ହଜାର ଟଙ୍କା ଲାଞ୍ଚ ମଗାଯାଇଥିଲା । ଲାଞ୍ଚ ଟଙ୍କା ଗ୍ରହଣ ବେଳେ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଆଇସିଡିଏସ୍ ସୁପରଭାଇଜର୍ ବି.ଉମା ପାତ୍ର ଓ କନିଷ୍ଠ ରାଜସ୍ୱ ସହାୟକ (ଜେଆରଏ) ନରସିଂହ ବେହେରାଙ୍କୁ କାବୁ କରିଛି ଭିଜିଲାନ୍ସ । ଶନିବାର ରାତିରେ ହିଞ୍ଜିଳିକାଟୁ ସିଡିପିଓ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ଉ କରିଥିଲା । ସୁପରଭାଇଜର୍ ଓ ଜେଆରଏଙ୍କ ଘରେ ମଧ୍ୟ ଚଢ଼ଉ କରାଯାଇଛି ।

ଗତ ୧୧ ମାସର ଅଙ୍ଗନବାଡ଼ି କେନ୍ଦ୍ରର ଘର ଭଡ଼ା ବାବଦ ଟଙ୍କା ମଞ୍ଜୁର କରିବାକୁ ଜଣେ ଅଙ୍ଗନବାଡ଼ି କର୍ମୀଙ୍କ ଠାରୁ ସେମାନେ ୩୦ ହଜାର ଟଙ୍କା ଦାବି କରିଥିଲେ । ସେମାନଙ୍କ ଦାବି ମୁତାବକ ଟଙ୍କା ନମିଳିଲେ ସେମାନେ କେନ୍ଦ୍ରର ଭଡ଼ା ବାବଦ ଅର୍ଥ ରିଲିଜ୍ କରିବେ ନାହିଁ ବୋଲି ଧମକ ଦେଇଥିଲେ । ବାଧ୍ୟ ହୋଇ ଏ ବାବଦରେ ଭିଜିଲାନ୍ସ ବିଭାଗକୁ ଅଭିଯୋଗ କରିଥିଲେ ଅଙ୍ଗନବାଡ଼ି କର୍ମୀଜଣକ । ତାଙ୍କ ଠାରୁ ସୁପରଭାଇଜର୍ ଓ ଜେଆରଏ ସିଡିପିଓ ଅଫିସ୍ ପରିସରରେ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଟିମ୍ ଦୁହିଁଙ୍କୁ କାବୁ କରିଥିଲା । ଲାଞ୍ଚ ଟଙ୍କା ୩୦ ହଜାର ମଧ୍ୟ ଜବତ କରାଯାଇଛି । ଏଥିସହ ଆୟବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ସୁପରଭାଇଜର୍ ଓ ଜେଆରଏଙ୍କ ଘରେ ମଧ୍ୟ ଚଢ଼ଉ କରାଯାଇଛି । ବ୍ରହ୍ମପୁର ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୧୦/୨୦୨୬ ରୁଜୁ କରାଯାଇ ଅଧିକ ତନାଘନା କରାଯାଉଛି ।

## ଓରାଙ୍ଗଉଟାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ଶେଷ : ଫେରିଲେ ଟେକ୍ନିକାଲ ଟିମ୍

# ଡାଏଟ୍‌ରେ ସଲିଡ୍ ଫୁଡ୍ ସାମିଲ କରିବାକୁ ପରାମର୍ଶ

**ଭୁବନେଶ୍ୱର, ୨୦/୦୯ ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଥିବା ୫ ଓରାଙ୍ଗଉଟାନ୍ ଶାବକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ଶେଷ କରି ଫେରିଛି ୫ ଜଣିଆ ଟେକ୍ନିକାଲ ଟିମ୍ । ଦିଲ୍ଲୀ, ମହିଶୂର ଏବଂ ଡେରାଡୁନରୁ ଆସିଥିବା ବିଶେଷଜ୍ଞମାନେ ଶାବକଙ୍କ ସ୍ୱାସ୍ଥ୍ୟ, ଖାଦ୍ୟ, ଚିକିତ୍ସା ଓ ଯତ୍ନ ବ୍ୟବସ୍ଥା ଯାଞ୍ଚ କରିଛନ୍ତି । ଆବଶ୍ୟକ ପଡ଼ିଲେ ବିଶେଷଜ୍ଞମାନେ ପୁଣି ନନ୍ଦନକାନନ ଆସିବେ । ନଚେତ୍ ଭିଡିଓ କନଫରେନ୍ସିଂ ଜରିଆରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାର ନିୟମିତ ଅନୁଧ୍ୟାନ କରାଯିବ । ଦିଲ୍ଲୀ ଚିଡ଼ିଆଖାନର ଭେଟେରିନାରୀ ଅଫିସର ଏବଂ ଡେରାଡୁନ ୱାଇଲ୍ଡଲାଇଫ୍ ଭେଟେରିନାରୀ କ୍ୱାରେଣ୍ଟାଇନ୍ ଫାସିଲିଟିର ବିଶେଷଜ୍ଞ ନନ୍ଦନକାନନରେ ପହଞ୍ଚି ଶାବକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଧୀରେ ଧୀରେ ଖାଦ୍ୟର ପରିମାଣ ବଢ଼ାଇବା ସହ ଡାଏଟ୍‌ରେ ସଲିଡ୍ ଫୁଡ୍ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି । କୃମି ସଂକ୍ରମଣ ନିୟନ୍ତ୍ରଣ ପାଇଁ ଆଇଭରମେକ୍ଟିନ୍ କିମ୍ବା ଡୋରାମେକ୍ଟିନ୍ ବ୍ୟବହାର ନେଇ ମଧ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । ସେପଟେ ୫ ଜଣଙ୍କ ମଧ୍ୟରୁ ଜଣେ ଓରାଙ୍ଗଉଟାନ୍ ଶାବକ ସିଭିୟର ଆନିମିଆରେ ଏବଂ ଅନ୍ୟ ୨ ଜଣ ସାମାନ୍ୟ



ଆନିମିଆରେ ଆକ୍ରାନ୍ତ ଥିବା ଜଣାପଡ଼ିଛି । ଏବେ ସେମାନଙ୍କୁ ଆଇରନ୍ ସପ୍ଲିମେଣ୍ଟେସନ୍ ଦିଆଯାଉଛି । ସଲିଡ୍ ଫୁଡ୍ ଭାବେ କଦଳୀ ଓ ସେଓ ଭଳି ଫଳ ଦିଆଯାଉଛି । ଶାବକଙ୍କ ଖପୁରୀ, ଛାତି ଓ ମୁଣ୍ଡର ଏକ୍ସ-ରେ ରିପୋର୍ଟ ମଧ୍ୟ ଆସିଛି । ରିପୋର୍ଟ ଆଧାରରେ ମେଡିସିନ୍ ଓ ଫୁଡ୍ ଚାର୍ଟ ପ୍ରସ୍ତୁତ କରାଯାଇଛି । ଜ୍ୱର ଓ ଥଣ୍ଡା କମିଥିବା ବେଳେ ଶାବକମାନେ ଭଲ ଭାବେ ଖାଦ୍ୟ ଗ୍ରହଣ କରୁଛନ୍ତି । ୫ ଜଣଙ୍କ ଓଜନ ମଧ୍ୟ ଧୀରେ ଧୀରେ ବଢୁଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ପ୍ରଦୀପ ମୀରାସେ ସୂଚନା ଦେଇଛନ୍ତି । ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି,'ଓରାଙ୍ଗଉଟାନ ଓଡ଼ିଶା ଆସିବାରେ ଇଣ୍ଟରନ୍ୟାସନଲ ଲିଙ୍କ୍ ଥିବା ସନ୍ଦେହ କରାଯାଉଛି । ତେଣୁ ବିଭିନ୍ନ ରାଜ୍ୟରେ ଏହାର ତଦନ୍ତ ଚାଲିଛି । ଏସଟିଏଫ ଏହାର ତଦନ୍ତ କରୁଛି । ମୂଳ ଖୋଜିବାକୁ କିଛି ସମୟ ଲାଗିବ । ଖୁବଶୀଘ୍ର ଦୋଷୀ ଧରା ପଡ଼ିବେ । ପ୍ରାଥମିକ ଭାବରେ ଯେଉଁମାନେ ଏଥିରେ ଜଡ଼ିତ ରହିଥିଲେ ସେମାନଙ୍କ ମଧ୍ୟରୁ କିଛି ଧରା ପଡିଛନ୍ତି । ତେବେ ଏହି ଲିଙ୍କ୍ କେତେ ବାଟ ଯାଏଁ ରହିଥିଲା, ତା'ର ଖୋଳତାଡ଼ କରାଯାଉଛି । ବିଭିନ୍ନ ରାଜ୍ୟକୁ ଯାଇ ତଦନ୍ତ କରାଯାଉଛି । ବିଶେଷ କରି ଉକ୍ତ ଘଟଣାର ତଦନ୍ତ ପାଇଁ ମାସେରୁ ଅଧିକ ସମୟ ଲାଗିପାରେ । ସେହିପରି ଭବିଷ୍ୟତରେ ଯେପରି ଏମିତି ନ ହେବ ସେନେଇ ଅଧିକ ଗୁରୁତ୍ୱ ଦିଆଯାଉଛି ।'

# ଜଗତ ଚନ୍ଦ୍ର ଦାସଙ୍କ ତିନୋଟି ପୁସ୍ତକ ଲୋକାର୍ପିତ

**ଭୁବନେଶ୍ୱର, ୨୦।୦୯ ନ୍ୟୁଜ ବ୍ୟୁରୋ**

ବିଶିଷ୍ଟ ଲେଖକ ତଥା ଅନୁବାଦକ ଜଗତ ଚନ୍ଦ୍ର ଦାସଙ୍କର ତିନୋଟି ଅନୁବାଦ ପୁସ୍ତକ 'ପାର୍ବତୀ ତପସ୍ୟା', 'ପୂର୍ବ ମେଘ' ଓ 'ଉତ୍ତର ମେଘ' ରବିବାର କେଦାରନାଥ ଗବେଷଣା ପ୍ରତିଷ୍ଠାନ ପରିସରରେ ଲୋକାର୍ପିତ ହୋଇଯାଇଛି । ପ୍ରତିଷ୍ଠାନର ସଭାପତି ଅବସରପ୍ରାପ୍ତ ପ୍ରଶାସକ ରଘୁନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟକ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଅମିୟ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତିନୋଟି ପୁସ୍ତକର ଲୋକାର୍ପଣ ସହ ଦଶ ଜଣ ସାରସ୍ୱତ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଡକ୍ଟର ସକୁନ୍ତଳା ବଳିଆର ସିଂ, ଡକ୍ଟର ମନ୍ମଥ କୁମାର ଶତପଥୀ, ଡକ୍ଟର ସୁରେନ୍ଦ୍ର କୁମାର ମହାରଣା, ଡକ୍ଟର ପ୍ରେମାନନ୍ଦ ମହାପାତ୍ର, ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ, ଡକ୍ଟର ରମେଶ ଚନ୍ଦ୍ର ପାଣି, ଡକ୍ଟର ଦେବାଶିଷ ମହାପାତ୍ର, ମୁକୁନ୍ଦ କୁମାର ଶତପଥୀ, ରାଜକିଶୋର ଦାସ ଓ ସ୍ନେହଲତା ପୃଷ୍ଟିଙ୍କୁ ସେମାନଙ୍କର ଅବଦାନର ସ୍ୱୀକୃତି ସ୍ୱରୂପ ସମ୍ବର୍ଦ୍ଧିତ କରାଯାଇଥିଲା । ମାନପତ୍ର ପାଠ କରିଥିଲେ ତନୟାଦାସ ଗୋସ୍ୱାମୀ ଓ ମନୋଜ କୁମାର ସାହୁ । ପ୍ରାରମ୍ଭରେ



ପଣ୍ଡିତ ବିରଞ୍ଚି ନାରାୟଣ ମିଶ୍ର ବେଦପାଠ କରିଥିବା ବେଳେ ସୁଶ୍ରୀ ଗାୟତ୍ରୀ ଦାସ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଅତିଥି ଗଣ ସାରସ୍ୱତ ସାଧକ ଜଗତ ଚନ୍ଦ୍ର ଦାସଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱ ଉପରେ ଆଲୋକପାତ କରି ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଜୀବନ କୃଷ୍ଣ ମିଶ୍ର, ନିର୍ମଳ କୁମାର ମହାପାତ୍ର, କାନନବାଳା ପଟ୍ଟନାୟକ, ଅଞ୍ଜଳି ତ୍ରିପାଠୀ, ଅଲେଖ ନନ୍ଦି, ସଂଘମିତ୍ରା ମହାପାତ୍ର, ବାସନ୍ତି ଦାସ, ସୁଶାନ୍ତ କୁମାର ସ୍ୱାଇଁ ଓ ଜଗତ ଚନ୍ଦ୍ର ଦାସଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ । ଓଡ଼ିଆ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଡକ୍ଟର ଶର୍ମିଷ୍ଠା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା ରବିବାସରୀୟ କଳିକା ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ହସଖୁସିରେ ଆରମ୍ଭ ହୋଇଥିବା ତୀର୍ଥଯାତ୍ରା ପାଲଟିଲା ମହାଯାତ୍ରା

**ଭୁବନେଶ୍ୱର, ୨୦/୦୯ ନ୍ୟୁଜ ବ୍ୟୁରୋ**

କେହି ଭାବିନଥିଲେ, ଏ ଯାତ୍ରା ଜୀବନର ଶେଷ ଯାତ୍ରା ହେବ... ମନରେ ଥିଲା ଦେବୀଙ୍କ ଦର୍ଶନ, ଆଖିରେ ଥିଲା ପବିତ୍ର ସ୍ଥଳରୁ ପୁଣ୍ୟ ସାଉଁଟି ପରିବାରକୁ ଫେରିବାର ସ୍ୱପ୍ନ... ହେଲେ ରାସ୍ତାରେ ଅପେକ୍ଷା କରିଥିଲା ମୃତ୍ୟୁ.. ମଧ୍ୟପ୍ରଦେଶର ବଗଳାମୁଖୀ ମନ୍ଦିର ଦର୍ଶନ ପାଇଁ ଯାଇଥିବା ଭୁବନେଶ୍ୱର ଜୟଦେବ ବିହାରର ଏକ ପରିବାର ପାଇଁ ଗୋଟିଏ ମୁହୂର୍ତ୍ତ ସବୁକିଛି ବଦଳାଇଦେଲା । କାର୍ ନାଳକୁ ଖସିଗଲା... ୮ଟି ଜୀବନ ଚାଲିଗଲା । ମୃତକଙ୍କ ମଧ୍ୟରେ ୭ ଜଣ ଓଡ଼ିଆ ଶ୍ରଦ୍ଧାଳୁ । ଯେଉଁ ଘରେ କିଛି ସମୟ ବା କିଛି ଘଣ୍ଟା ପରେ ଦେବୀଙ୍କ ପ୍ରସାଦ ସହିତ ଭବ୍ୟ ସ୍ଥଳର ଭାବନାଗୁଡ଼ିକ ପହଞ୍ଚିଥାଆନ୍ତା, ସେଠି ପହଞ୍ଚୁଛି ପ୍ରିୟଜନଙ୍କ ପାର୍ଥିବ ଶରୀର....କାନ୍ଦ ବୋବାଳିରେ ଫାଟିପଡୁଛି ପରିବାର । ଏହା କେବଳ ଗୋଟିଏ ପରିବାରର ଦୁଃଖ ନୁହେଁ... ତୀର୍ଥଯାତ୍ରାରେ ବାହାରି ରାସ୍ତାରେ ଜୀବନ ହରାଇଥିବା ଅନେକ ପରିବାରର ଏହା ଗୋଟିଏ ଗୋଟିଏ ଅକୁହା କାହାଣୀ । ଯେଉଁଠି ତୀର୍ଥ ଯାତ୍ରା ପାଲଟିଛି ମହାଯାତ୍ରା... ମଧ୍ୟପ୍ରଦେଶରେ ବଗଳାମୁଖୀ ମନ୍ଦିର ଦର୍ଶନ ପାଇଁ ବାହାରିଥିଲେ ଭୁବନେଶ୍ୱର ଜୟଦେବ ବିହାରର ବନମାଳୀ ବେହେରାଙ୍କ ପରିବାର । ଦେବୀଙ୍କ ଦର୍ଶନ ପରେ ଫେରିବା ବେଳେ ଘଟିଲା ଭୟଙ୍କର ଦୁର୍ଘଟଣା । କାର୍ ନିୟନ୍ତ୍ରଣ ହରାଇ ନାଳକୁ ଖସିପଡ଼ିଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ୮ ଜଣଙ୍କ ଜୀବନ ଚାଲିଗଲା । ଏମାନଙ୍କ ମଧ୍ୟରେ ଥିଲେ ୭ ଜଣ ଓଡ଼ିଆ ଶ୍ରଦ୍ଧାଳୁ । ଯେଉଁ ଘରୁ ହସଖୁସିରେ ତୀର୍ଥଯାତ୍ରା ଆରମ୍ଭ ହୋଇଥିଲା, ସେହି ଘର ଏବେ ପ୍ରିୟଜନଙ୍କ ମହାଯାତ୍ରା ପାଇଁ କୋକେଇ ସଜାଡୁଛି । ଠିକ୍ ସେମିତି ୨୦୧୩ ଜୁନର ଘଟଣା । ତୀର୍ଥଯାତ୍ରାରେ ବାହାରି ମୃତ୍ୟୁର ଏଭଳି ଭୟଙ୍କର ଚିତ୍ର ଓଡ଼ିଶା ପୂର୍ବରୁ ମଧ୍ୟ ଦେଖିଛି । ୨୦୧୩ ଜୁନ୍ ମାସ । କେଦାରନାଥରେ ପ୍ରଳୟଙ୍କରୀ ବନ୍ୟା । ସମ୍ବଲପୁରର ପ୍ରସିଦ୍ଧ ବ୍ୟବସାୟୀ ରାଠୀ ପରିବାରର ୧୯ ଜଣ ସଦସ୍ୟ ତୀର୍ଥଯାତ୍ରାରେ ଯାଇଥିଲେ । ୯ ଜଣ ମହିଳା, ୩ ଜଣ ଶିଶୁଙ୍କ ସମେତ ଏହି ବଡ଼ ପରିବାର ଜୁନ୍ ୧୭ ତାରିଖ ରାତିରେ ଏକ ହୋଟେଲରେ ଥିଲେ । ହଠାତ୍ ଆସିଲା ବାଦଲଫଟା ବର୍ଷା । ପାହାଡ଼ରୁ ମାଡ଼ିଆସିଲା ପାଣି ଓ ପଥର । ଆଖି ପିଛୁଳାକେ ଭାସିଗଲା ହୋଟେଲ । ପରିବାରର କେବଳ ଦୁଇ ଜଣ ବଞ୍ଚିପାରିଥିଲେ । ଅନ୍ୟ ୧୭ ଜଣଙ୍କର ଆଉ କୌଣସି ଖୋଜ ମିଳିନଥିଲା । ୨୦୧୨ ଅଗଷ୍ଟ ୧ । ସମ୍ବଲପୁର ଅଞ୍ଚଳର ଏକ ପରିବାର ହରିଶଙ୍କର ଓ ନୃସିଂହନାଥ ଦର୍ଶନ ସାରି ଘରକୁ ଫେରୁଥିଲେ । ହେଲେ ବରଗଡ଼ ଗୋଡ଼ଭଗା ନିକଟରେ ଜଗି ବସିଥିଲା ମୃତ୍ୟୁ । ସେମାନଙ୍କ ଗାଡ଼ି ଗୋଟିଏ ଲୁହା ବୋଝେଇ ଟ୍ରକ୍ ସହ ଧକ୍କା ହେଲା । ଘଟଣାରେ ୫ ଜଣଙ୍କ ଜୀବନ ଚାଲିଗଲା । ମୃତକଙ୍କ ମଧ୍ୟରେ ୩ ଜଣ ମହିଳା ଓ ଜଣେ ୩ ବର୍ଷର ଶିଶୁ ଥିଲେ । ଦର୍ଶନ ସାରି ଘରକୁ ଫେରିବା ଖୁସି... ମୁହୂର୍ତ୍ତକରେ ଶୋକରେ ବଦଳିଗଲା । ଠିକ ସେମିତି ୨୦୧୪ ମାର୍ଚ୍ଚ ୧ । ମହାବିନାୟକଙ୍କ ଦର୍ଶନ ସାରି ଘରକୁ ଫେରୁଥିଲେ କଟକ ମାହାଙ୍ଗା ଅଞ୍ଚଳର ଦୁଇ ପରିବାରର ୮ ଜଣ । ହେଲେ ଫେରିବା ବାଟରେ ଅଟୋଟି ଏକ ଟ୍ରକ୍ ସହ ଧକ୍କା ହୁଏ । ୩ ଜଣ ଶିଶୁଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଥିଲା । ୯ ଫେବୃୟାରୀ ୨୦୧୪ । ରବିବାର ଅପରାହ୍ନ ପ୍ରାୟ ୪:୩୦ ସମୟରେ ହୀରାକୁଦ ଜଳଭଣ୍ଡାର ମଝିରେ ହିଁ ଘଟେ ଦୁର୍ଘଟଣା । ସମ୍ବଲପୁର, ହୀରାକୁଦ ଓ ବରଗଡ଼ ଅଞ୍ଚଳର 'ଲାୟନ୍ସ କ୍ଲବ'ର ସଦସ୍ୟ ଏବଂ ସେମାନଙ୍କ ପରିବାର ଲୋକେ ଜଳଭଣ୍ଡାର ଭିତରେ ଥିବା 'ମାଆ ସମଲେଶ୍ୱରୀ କୁଦ' ବା ମା' ରାଙ୍ଗଡୁଙ୍ଗୁରୀ ଦ୍ୱୀପକୁ ବଣଭୋଜି ପାଇଁ ଯାଇଥିଲେ । ବଣଭୋଜି ସାରି ଫେରିବା ସମୟରେ ଅଘଟଣ ଘଟିଥିଲା । ଏହି ଅଘଟଣରେ ସମ୍ପୂର୍ଣ୍ଣ ୩୧ ଜଣଙ୍କର ଜୀବନ ଯାଇଥିଲା । ଏଥିରେ ୧୨ ଜଣ ପୁରୁଷ ଏବଂ ୧୯ ଜଣ ମହିଳା ଥିଲେ । ୨୦୨୩ ଡିସେମ୍ବର ୧ । ଗଞ୍ଜାମ ଦିଗପହଣ୍ଡିର ପୋଡ଼ାମାରି ଅଞ୍ଚଳରୁ ୨୦ ଜଣ ମା' ତାରିଣୀଙ୍କ ଦର୍ଶନ ପାଇଁ ବାହାରିଥିଲେ । ଟାଟା ୱିଙ୍ଗରରେ ଯାଉଥିବା ବେଳେ ଗାଡ଼ିଟି ରାସ୍ତାକଡ଼ରେ ଥିବା ଟ୍ରକ୍‌କୁ ପଛରୁ ଧକ୍କା ଦେଲା । ୮ ଜଣଙ୍କ ଜୀବନ ଚାଲିଗଲା । ୧୨ ଜଣ ଆହତ ହେଲେ । ଦେବୀଙ୍କ ଦର୍ଶନ ପାଇଁ ବାହାରିଥିବା ଗାଡ଼ି ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପୂର୍ବରୁ ପାଲଟିଗଲା ମୃତ୍ୟୁର ଯାନ । ଏଇ ନିକଟ ଅତୀତର କଥା.... ୨୦୨୬ ମାର୍ଚ୍ଚ ୨୮ । ବ୍ରହ୍ମପୁରରୁ ପ୍ରାୟ ୬୦ ଜଣ ଯାତ୍ରୀ ହରିଶଙ୍କର ଅଭିମୁଖେ ଯାଉଥିଲେ । ନୟାଗଡ଼ ଦଶପଲ୍ଲାର ଟାକେରା ଘାଟି ନିକଟରେ ପର୍ଯ୍ୟଟକ ବସ୍ ଓଲଟିଗଲା । ଏହି ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଥିଲେ । ତୀର୍ଥଯାତ୍ରା ଏହି ଶବ୍ଦରେ ରହିଛି ଆସ୍ଥା । ଏହି ଶବ୍ଦରେ ରହିଛି ଶାନ୍ତିର ଆଶା । ପରିବାର ସହ ଦେବଦର୍ଶନ କରି ହସିହସି ଘରକୁ ଫେରିବାର ସ୍ୱପ୍ନ । ହେଲେ ବେଳେବେଳେ ଭାଗ୍ୟର ରାସ୍ତାରେ ଏମିତି ଏକ ମୋଡ଼ ଆସେ... ଯେଉଁଠି ତୀର୍ଥଯାତ୍ରା ପାଲଟିଯାଏ ମହାଯାତ୍ରା । ଆଖିରେ ଲୁହ... ଛାତିରେ କୋହ... ଆଉ ମନରେ ଗୋଟିଏ ପ୍ରଶ୍ନ, ଦର୍ଶନ ପାଇଁ ବାହାରିଥିବା ମଣିଷ କାହିଁକି ବେଳେବେଳେ ନିଜ ଘରକୁ ପଠାଏ ଦୁର୍ଦ୍ଦଶାର ସମ୍ବାଦ ।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com